

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
30 YEARS
ସମ୍ବାଦ କଳିକା
The Sambad Kalika
TM
e-paper www.sambadkalika.in
E-mail : sambadkalikanews@gmail.com
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages,₹ 2.00
● ବର୍ଷ–୩୧ ● ସଂଖ୍ୟା–୧୮୭ ● ୩ ଅଗଷ୍ଟ ୨୦୨୪, ଶନିବାର ● ଭୁବନେଶ୍ୱର ● Vol -31 ● Issue-187 ● 3rd August 2024, Saturday ● Bhubaneswar
Licensed to post without pre-payment of postage No- BN-60/22-24

# ନିଟ୍ ପୁନଃ ପରୀକ୍ଷା ଦାବି ଖାରଜ କଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ, ୨।୮**

ନିଟ୍ ପେପର ଲିକ୍ ମାମଲାରେ ପୁନଃ ପରୀକ୍ଷା ଦାବି ଖାରଜ କଲେ ସୁପ୍ରିମକୋର୍ଟ। କୋର୍ଟ କହିଛନ୍ତି ସାରା ଦେଶରେ ପେପର ଲିକ ହୋଇନାହିଁ। କେବଳ ପାଟନା ଓ ହଜାରିବାଗରେ ହୋଇଛି ପେପର ଲିକ । ପରୀକ୍ଷାରେ ବଡ଼ ଧରଣର ପେପର ଲିକ କିମ୍ବା ବ୍ୟବସ୍ଥାଗତ ତ୍ରୁଟି ହୋଇନାହିଁ । ଏଣୁ ସମସ୍ତ ଆବେଦନର ଏକତ୍ର ଶୁଣାଣି କରି କୋର୍ଟ ଏହି ରାୟ ପ୍ରଦାନ କରିଛନ୍ତି।



ସିବିଆଇ ଏ ସଂକ୍ରାନ୍ତ ମାମଲାରେ ପ୍ରଥମ ଚାର୍ଜସିଟ ଦାଖଲ କରିଛି। ଚାର୍ଜସିଟରେ ୧୩ ଅଭିଯୁକ୍ତଙ୍କ ନାଁ ରହିଛି। ଅଭିଯୁକ୍ତମାନେ ପେପର ଲିକ ସହ ଅନ୍ୟ ଅନିୟମିତତାରେ ସାମିଲ ଥିଲେ। ଅଭିଯୁକ୍ତ ନୀତିଶ କୁମାର, ଅମିତ ଆନନ୍ଦ, ସିକନ୍ଦର ଯାଦବେନ୍ଦୁ, ଆଶୁତୋଷ କୁମାର (୧), ଆଶୁତୋଷ କୁମାର (୨), ରୋଶନ କୁମାର, ମନୀଷ ପ୍ରକାଶ, ଅଖିଳେଶ କୁମାର, ଅଭଦେଶ କୁମାର, ଅନୁରାଗ ଯାଦବ, ଅଭିଷେକ କୁମାର, ଶିବାନନ୍ଦ କୁମାର, ଆୟୁଷ ରାଜ ପ୍ରଶ୍ନପତ୍ର ପ୍ରଘଟ ଓ ଅନ୍ୟ ଅନିୟମିତତାରେ ସାମିଲ ହୋଇଥିଲେ।

ସିବିଆଇ କହିଛି ଫରେନସିକ ଟେକ୍ନୋଲୋଜି, ଆର୍ଟିଫିସିଆଲ ଇଣ୍ଟିଲିଜେନ୍ସ, ସିସିଟିଭି ଫୁଟେଜ ଏବଂ ଟାୱାର ଲୋକେସନ ଆନାଲିସିସର ବ୍ୟବହାର କରି ଅଭିଯୁକ୍ତଙ୍କ ବିରୋଧରେ ତଥ୍ୟ ଓ ପ୍ରମାଣ ଯୋଗାଡ କରାଯାଇଛି। ମାମଲାରେ ଏଯାଏଁ ୪୦ ଜଣ ଗିରଫ ହୋଇଛନ୍ତି । ବିହାର ପୋଲିସ ୧୫ ଜଣଙ୍କୁ ଗିରଫ କରିଛି । ସିବିଆଇ ୫୮ଟି ସ୍ଥାନରେ ଯାଞ୍ଚ କରିଥିବାବେଳେ ୬ଟି ମାମଲା ରୁଜୁ କରିଛି।

ନିଟ୍ ପେପର ଲିକ୍ ମାମଲାରେ ସୁପ୍ରିମକୋର୍ଟ ଶୁକ୍ରବାର ବଡ ନିର୍ଦ୍ଦେଶ ଦେଇଛନ୍ତି । ସର୍ବୋଚ୍ଚ ଅଦାଲତ ତାଙ୍କ ନିର୍ଦ୍ଦେଶରେ ପରୀକ୍ଷା ପାଇଁ ଠୋସ୍ ମେକାନିଜିମ ଗ୍ରହଣ କରିବାକୁ କହିଛନ୍ତି । ପ୍ରଧାନ ବିଚାରପତି ଡିୱାଇ ଚନ୍ଦ୍ରଚୂଡଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ କହିଛନ୍ତି ଯେ, ଛାତ୍ରଙ୍କ ଭଲ ପାଇଁ ପେପର ଲିକ୍ ପରି ଘଟଣା ବରଦାସ୍ତ କରାଯାଇପାରିବନାହିଁ । ସୁପ୍ରିମକୋର୍ଟ କହିଛନ୍ତି ଯେ, ନିଟରେ ସିଷ୍ଟମେଟିକ ବ୍ରିଚ ହୋଇନଥିଲା । ପେପର ଲିକ୍ କେବଳ ପାଟଣା ଓ ହଜାରିବାଗରେ ହୋଇଥିଲା । ଆମେ ସରକାରଙ୍କ ପକ୍ଷରୁ ନିଯୁକ୍ତ କମିଟି କାମର ପରିସର ନିର୍ଦ୍ଧାରିତ କରିଥିଲୁ । ଏହାର ପରିସରରେ ଏକଜାମ ସିକ୍ୟୁରିଟି ଓ ଷ୍ଟାଣ୍ଡାର୍ଡ ଅପରେଟିଙ୍ଗ ପ୍ରକ୍ରିୟା ନିର୍ଦ୍ଧାରଣ କରିବାକୁ ପଡିବ, ଯେଉଁଥିରେ ପରୀକ୍ଷା ସେଣ୍ଟର ଆଲଟ କରିବାର ପ୍ରକ୍ରିୟା ସମୀକ୍ଷା, ପରୀକ୍ଷା ସେଣ୍ଟରର ସିସିଟିଭି ମନିଟରିଂ, ପେପରରେ ଅନିୟମିତତା ନହେବା ଏହା ସୁନିଶ୍ଚିତ କରିବା ଓ ଅଭିଯୋଗର ନିବାରଣର ବ୍ୟବସ୍ଥା ନିର୍ଦ୍ଧାରଣ କରିବା ।

# ବଙ୍ଗୋପସାଗରରେ ପୁଣି ଲଘୁଚାପ : ପ୍ରବଳ ବର୍ଷା ସମ୍ଭାବନା

**ଭୁବନେଶ୍ୱର, ୨।୮ : ନ୍ୟୁଜ୍ ବ୍ୟୁରୋ**

ଶୁକ୍ରବାର ବଙ୍ଗୋପସାଗରରେ ପୁଣି ଲଘୁଚାପ ସୃଷ୍ଟି ହୋଇଛି। ଏହି ଲଘୁଚାପ ଗାଙ୍ଗେୟ ପଶ୍ଚିମବଙ୍ଗ ଏବଂ ଝାଡ଼ଖଣ୍ଡ ଉପରେ କେନ୍ଦ୍ରୀଭୂତ ହୋଇଛି । ତେବେ ସଂପୂର୍ଣ୍ଣ ଘୂର୍ଣ୍ଣିବଳୟ ସମୁଦ୍ର ପତ୍ତନରୁ ବାୟୁମଣ୍ଡଳରେ ୭.୬କିମି ଉଚ୍ଚତା ଯାଏଁ ଲମ୍ବିଛି, ଯାହା ୨୪ ଘଣ୍ଟା ମଧ୍ୟରେ ଅଧିକ ଘନୀଭୂତ ହୋଇ ଅବପାତରେ ପରିଣତ ହେବ। ଏହାର ପ୍ରଭାବରେ ଉତ୍ତର ଓଡ଼ିଶାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଏଥି ସହ ୬ ଜିଲ୍ଲାକୁ ପ୍ରବଳ ବର୍ଷା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି ।



କେନ୍ଦୁଝର, ସୁନ୍ଦରଗଡ, ଦେବଗଡ଼, ଝାରସୁଗୁଡା, ସମ୍ବଲପୁର ଏବଂ ବରଗଡ଼କୁ ଏହି ସତର୍କତା ଜାରି କରାଯାଇଛି । ୭୦ରୁ ୧୧୦ ମିଲିମିଟର ପର୍ଯ୍ୟନ୍ତ ବର୍ଷା ହେବାର ସମ୍ଭାବନା ଆକଳନ କରାଯାଇଛି । ବର୍ଷା ପାଇଁ ୨୪ ଘଣ୍ଟା ପର୍ଯ୍ୟନ୍ତ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ଯିବାକୁ ବାରଣ କରାଯାଇଛି । ଲଘୁଚାପ ପ୍ରଭାବରେ ରାଜ୍ୟର ଉତ୍ତର ଓ ଆଭ୍ୟନ୍ତରୀଣ ଅଞ୍ଚଳରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିଲେ ମଧ୍ୟ ବିଭିନ୍ନ *(ପୃଷ୍ଠା ୭ରେ)*

# ୫ରେ ଜନସାଧାରଣଙ୍କ ଅଭିଯୋଗର ଶୁଣାଣି କରିବେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨।୮ : ନ୍ୟୁଜ୍ ବ୍ୟୁରୋ**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଆସନ୍ତା ସୋମବାର ୫ ତାରିଖ ଦିନ ୧୧ଟା ସମୟରୁ ୟୁନିଟ୍–୫, ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିବେ। ଏହି ଅଭିଯୋଗ ଶୁଣାଣି ପାଇଁ ପଞ୍ଜୀକରଣ ସେହିଦିନ ସକାଳ ୮ଟାରୁ ୧୨ଟା ପର୍ଯ୍ୟନ୍ତ ଉକ୍ତ ସ୍ଥାନରେ ହେବ। ଏଥି ନିମନ୍ତେ ଆଗ୍ରହୀ ଜନସାଧାରଣ ଉକ୍ତ ଅଭିଯୋଗ ଶୁଣାଣି ସ୍ଥାନରେ ଉପରୋକ୍ତ ସମୟରେ ଉପସ୍ଥିତ ରହି ନିଜର ଅଭିଯୋଗ ପଞ୍ଜୀକରଣ କରାଇ ଅଭିଯୋଗ ଗୁଡ଼ିକୁ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇ ପାରିବେ। ଏ ସଂପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି ।

# କେନ୍ଦ୍ରମନ୍ତ୍ରୀଙ୍କ ବଡ଼ ଘୋଷଣା: ସଡ଼କ ଦୁର୍ଘଟଣା ପୀଡିତଙ୍କୁ ମିଳିବ ମାଗଣା ଚିକିତ୍ସା

**ନୂଆଦିଲ୍ଲୀ, ୨।୮**

କେନ୍ଦ୍ର ସଡ଼କ, ପରିବହନ ଓ ରାଜମାର୍ଗ ମନ୍ତ୍ରୀ ନୀତିନ ଗଡ଼କରୀ ଲୋକସଭାରେ ଏକ ବଡ ଘୋଷଣା କରିଛନ୍ତି। ସଡ଼କ ଦୁର୍ଘଟଣାରେ ପୀଡିତ ବ୍ୟକ୍ତିଙ୍କୁ ଏଣିକି ନଗଦ ବିହୀନ ଚିକିତ୍ସା ସୁବିଧା ମିଳିବ ବୋଲି ସେ କହିଛନ୍ତି। ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ଗଡକରୀ କହିଛନ୍ତି ଏନେଇ ନ୍ୟାସନାଲ ହେଲ୍ଥ ଅଥରିଟି(ଏନ୍ଏଚ୍ଏ) ସହଯୋଗରେ କେନ୍ଦ୍ର ସରକାର ଯୋଜନା ପ୍ରସ୍ତୁତ କରିଛନ୍ତି। ପରୀକ୍ଷାମୂଳକ ଭାବେ ଏହି ଯୋଜନାକୁ ଚଣ୍ଡିଗଡ଼ ଓ ଆସାମରେ କାର୍ଯ୍ୟକାରୀ କରାଯାଇଥିବା ସେ କହିଛନ୍ତି। ଯୋଜନା ଅନୁଯାୟୀ, ଯୋଗ୍ୟ ଆହତ ବ୍ୟକ୍ତିଙ୍କୁ ଆୟୁଷ୍ମାନ ଭାରତ–ପ୍ରଧାନମନ୍ତ୍ରୀ *(ପୃଷ୍ଠା ୭ରେ)*



TATA MOTORS
Light Commercial Vehicles Dealers
24 hours help line :
Sales : 7873770000

# ବଢ଼ିବ ଜମି ଦର ! ରାଜ୍ୟ ସରକାର ଜାଗାବାଡ଼ିର ପୁନଃମୂଲ୍ୟାୟନ କରିବେ

**ଭୁବନେଶ୍ୱର, ୨।୮ : ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ଜାଗାବାଡ଼ିର ପୁନଃମୂଲ୍ୟାୟନ କରାଯିବ । ନୂତନ ମୂଲ୍ୟ ନିର୍ଦ୍ଧାରଣ ପାଇଁ ରାଜ୍ୟ ସରକାରଙ୍କ ରାଜସ୍ୱ ବିଭାଗ ପକ୍ଷରୁ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି। ଜବରଦଖଲ ଉଚ୍ଛେଦକୁ ନେଇ ରାଜସ୍ୱ ବିଭାଗର ନିଷ୍ପତ୍ତି ପରେ ଏବେ ମୂଲ୍ୟ ନିର୍ଦ୍ଧାରଣ କରିବା ପାଇଁ କମିଟି ଗଠନ କରାଯାଇଛି। ରାଜସ୍ୱ ବିଭାଗର ଅତିରିକ୍ତ ସଚିବଙ୍କ ଅଧ୍ୟକ୍ଷତାରେ ଗଠିତ ଏହି କମିଟିରେ କଟକ ସବ–ରେଜିଷ୍ଟ୍ରାର, ସମ୍ବଲପୁର, ବ୍ରହ୍ମପୁର ଡେପୁଟି ଆଇଜିଆର ଓ *(ପୃଷ୍ଠା ୭ରେ)*

DSPL-57
କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରଣାଳୟ
ଭାରତ ସରକାର
୨୦୨୪ ଖରିଫ୍ ଋତୁ ପାଇଁ ପ୍ରଧାନମନ୍ତ୍ରୀ
ଫସଲବୀମା ଯୋଜନା (PMFBY) ରେ ପଞ୍ଜିକରଣ
ଏତ ଦ୍ୱାରା ରାଜ୍ୟର ସମସ୍ତ କୃଷକ ଭାଇ ଓ ଭଉଣୀ ମାନଙ୍କୁ ସୂଚିତ କରାଯାଉ ଅଛି ଯେ,
ଚଳିତ ଖରିଫ୍ ଋତୁରେ ଚାଷ କରିଥିବା ଫସଲର ବୀମା ପଞ୍ଜିକରଣ ଯଥାଶୀଘ୍ର କରାଇ ନିଅନ୍ତୁ ।
• ବିଜ୍ଞପିତ ଅଞ୍ଚଳରେ ଚାଷ ହୋଇଥିବା ୮ ଗୋଟି ଫସଲ ଯଥା - ଧାନ, ମକା, ଚିନାବାଦାମ, ମାଣ୍ଡିଆ, କପା, ହରଡ, ଅଦା ଓ ହଳଦୀ ପାଇଁ ବୀମା କରାଯାଇପାରିବ ।
• ପ୍ରାକୃତିକ ଦୁର୍ବିପାକ ଦ୍ୱାରା ଫସଲ ଅମଳରେ କ୍ଷତି ହେଲେ ଏହି ଯୋଜନାରେ ଚାଷୀ ଭାଇ ଓ ଭଉଣୀମାନେ କ୍ଷତିପୂରଣ ପାଇପାରିବେ ।
• ଋଣୀ ଓ ଅଣଋଣୀ ଚାଷୀ ସମସ୍ତେ ଏହି ଯୋଜନା ଅଧିନରେ ନିଜ ଫସଲର ବୀମା ପଞ୍ଜିକରଣ କରିପାରିବେ ।
• ଭାଗ ଚାଷୀ ମଧ୍ୟ ନିର୍ଦ୍ଧାରିତ ଫର୍ମରେ ଜମି ମାଲିକଙ୍କ ଠାରୁ ସହମତି ଆଣି ନିଜ ଫସଲର ପଞ୍ଜିକରଣ କରିପାରିବେ ।
• ଋଣୀ ଚାଷୀମାନେ ଋଣ ନେଇଥିବା ଅନୁଷ୍ଠାନ ଯଥା-ପ୍ରାଥମିକ କୃଷି ସମବାୟ ସମିତି (PACS), ବୃହଦାକାର ଆଦିବାସୀ ବହୁମୁଖୀ ସମବାୟ ସମିତି (LAMPCS) ଓ ବ୍ୟାଙ୍କ ଶାଖାରେ ସହମତି ଦେଇ ଏହି ପଞ୍ଜିକରଣ କରାଇପାରିବେ ।
• ଅଣଋଣୀ ଚାଷୀମାନେ ଜନସେବା କେନ୍ଦ୍ର (CSC), ସମବାୟ ବ୍ୟାଙ୍କ ଶାଖା ତଥା ଅନ୍ୟାନ୍ୟ ବ୍ୟାଙ୍କ ଶାଖାରେ ଆବଶ୍ୟକୀୟ କାଗଜ ପତ୍ର ଦେଇ ଏହି ପଞ୍ଜିକରଣ କରାଇ ପାରିବେ ।
• ଏହି ପଞ୍ଜିକରଣ ପାଇଁ ଆଧାର କାର୍ଡ (Aadhar Card) ବାଧ୍ୟତା ମୂଳକ ଅଟେ ।
• ଜଣେ ଚାଷୀ ପାଇଁ ସର୍ବାଧିକ ୫ ଏକର ପର୍ଯ୍ୟନ୍ତ ଚାଷ ଜମିର ପଞ୍ଜିକରଣ ବିନା କୌଣସି ଦେୟରେ କରାଯିବ । ବ୍ୟାଙ୍କ ଆକାଉଣ୍ଟ validation ପାଇଁ ଆବେଦନ ପତ୍ର ପିଛା କେବଳ ୧ ଟଙ୍କା ଦେବାକୁ ପଡିବ ।
• ଅଧିକ ବିବରଣୀ ପାଇଁ ନିକଟସ୍ଥ କୃଷି ସମବାୟ ସମିତି (PACS /LAMPCS) ବ୍ୟାଙ୍କ ଶାଖା କିମ୍ବା ARCS, DRCS, CDAO ଅଫିସରେ ଯୋଗାଯୋଗ କରନ୍ତୁ ।
*ପଞ୍ଜିକରଣ କରିବାର ଶେଷ ତାରିଖ ୧୦ ଅଗଷ୍ଟ ଯାଏଁ ବୃଦ୍ଧି କରିଦିଆଯାଇଛି ।
ଶେଷ ତାରିଖ ପୂର୍ବରୁ ନିଜ ଫସଲର ପଞ୍ଜିକରଣ କରାଇଦେବାକୁ ଅନୁରୋଧ ।
ପଞ୍ଜିକରଣର ଶେଷ ତାରିଖ
୧୦ ଅଗଷ୍ଟ ୨୦୨୪
OIPR : 39001/13/0004/2425
ସମବାୟ ବିଭାଗ, ଓଡ଼ିଶା ସରକାର











# ବସୁଧା ଯୋଜନା ଦିଗହରା:୩କୋଟି ଟଙ୍କାର କାମ ଏବେ ପାଣିରେ ପଡ଼ିଲା

**ଧାମନଗର, ନ୍ୟୁଜ୍ ବ୍ୟୁରୋ**



ଧାମନଗର ବ୍ଲକରେ ବସୁଧା ଯୋଜନା ଏବେ ଦିଗହରା ହୋଇପଡ଼ିଛି । ସବୁଠାରୁ ବଡ଼ କଥା ହେଲା ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ନୀତି ଯୋଗୁଁ ସାଧାରଣ ଲୋକମାନେ ଏପରି ପରିସ୍ଥିତି ଭୋଗୁଛନ୍ତି । ସୂଚନା ଥାଉକି ପାନୀୟ ଜଳ ସମସ୍ୟାକୁ ଦୂର କରି ଲୋକଙ୍କ ଘରେ ପାଣି ପହଞ୍ଚାଇବା ଲାଗି ସରକାର ଯୋଜନା କରିଛନ୍ତି । ସରକାର ବସୁଧା ଯୋଜନାରେ ବିଭିନ୍ନ ପଞ୍ଚାୟତରେ ଉଚ୍ଚତମ ପାଣି ଟାଙ୍କି କରାଇଛନ୍ତି ହେଲେ ଏ ପାଣିଟାଙ୍କି କାମ କରୁନି କି ଲୋକଙ୍କ ପାଖରେ ପାଣି ପହଞ୍ଚୁନାହିଁ । କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇ ପାଣିଟାଙ୍କି ହେଉଛି ହେଲେ ସୁଫଳ ମିଳୁନି । ପ୍ରକାଶଥାଉକି କରଦା ପଞ୍ଚାୟତର ନନ୍ଦିପୁର ସ୍ଥିତ ଚସାଖଣ୍ଡ (୧) ସାପୁଆପାଟନା ଓ ଦଳାଙ୍ଗ ପଞ୍ଚାୟତର ବିରୂହା ଠାରେ ୨୦୨୧-୨୨ ବର୍ଷରୁ ବସୁଧା ଯୋଜନାରେ ୩ କୋଟି ୧୧ ଲକ୍ଷ ୫ ହଜାର ୪୫୪ ଟଙ୍କା ବ୍ୟୟରେ ପାଣି ଟାଙ୍କି ନିର୍ମାଣ କରାଯାଇଛି ଯାହାର କାର୍ଯ୍ୟ ୧୫/୨/୨୩ ରେ ସରିବା କଥା ଓ ଲୋକମାନେ ପାଣି ପାଇବା କଥା । ମାତ୍ର ଆଜି ପର୍ଯ୍ୟନ୍ତ କାର୍ଯ୍ୟ ଶେଷ ହୋଇପାରିଲା ନାହିଁ । ସୂଚନାଥାଉକି ଉକ୍ତ ପାଣି ଟାଙ୍କିକୁ ବିଦ୍ୟୁତ୍ ସଂଯୋଗ ହୋଇପାରୁନାହିଁ । କେତେକ ଟାଙ୍କିରେ ବି କାର୍ଯ୍ୟ ସରିନାହିଁ । ୪ ବର୍ଷ ହେଲା କାମବି ମନ୍ଥର ଗତିରେ ଚାଲୁଛି । ମାତ୍ର ବିଭାଗୀୟ ଜେଇଙ୍କର ଏଥିପ୍ରତି ନଜର ନାହିଁ । ଏ ଦିଗରେ ବିଡିଓ ବନବିହାରୀ ଦିଣ୍ଡାଙ୍କୁ ପଚାରିବାରୁ ଘଟଣାର ତଦନ୍ତ କରିବା ସହ ଖୁବ୍‌ଶୀଘ୍ର ମରାମତି କରାଯିବ ବୋଲି କହିଛନ୍ତି ।

# ଲୁଟେରା ଗିରଫ:ଲୁଟ୍ ଟଙ୍କା ଓ ବାଇକ୍ ଜବତ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଜେନାପୁର ଥାନା ଅନ୍ତର୍ଗତ ଚଡେଇଧରା ନିକଟରେ ଗତ ୧୯ ତାରିଖ ଦିନ ଅବସରପ୍ରାପ୍ତ କର୍ମଚାରୀଙ୍କ ଠାରୁ ଲୁଟ୍ ହୋଇଥିବା ଟଙ୍କା ଓ ଲୁଟେରାକୁ ପୋଲିସ ଗିରଫ କରିବାରେ ସଫଳ ହୋଇଛି । ସୂଚନାଅନୁଯାୟୀ ଗୋଡିପାଟିଆ ଗ୍ରାମର ଅବସରପ୍ରାପ୍ତ କର୍ମଚାରୀ ରାମଚନ୍ଦ୍ର ବାରିକ ଚଢ଼େଇଧରା ସ୍ଥିତ ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖାରୁ ୨ ଲକ୍ଷ ଟଙ୍କା ଉଠାଇ ଗାଁକୁ ଫେରୁଥିବା ସମୟରେ ତାଙ୍କ ଠାରୁ ୨ ଜଣ ପଛରୁ ବାଇକ୍‌ରେ ଆସି ଟଙ୍କା ବ୍ୟାଗ୍‌କୁ ଝାମ୍ପି ନେଇ ପଳେଇଥିଲେ । ଜେନାପୁର ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା । ବ୍ୟାଙ୍କ ସିସିଟିଭି କ୍ୟାମେରା ଓ ଅନ୍ୟସୂତ୍ରରୁ ଖବରପାଇ ପୋଲିସ ଅଞ୍ଜିରା ନିକଟରୁ ଲୁଟେରାଙ୍କୁ ଗିରଫ କରିଛି । ସେମାନେ ହେଲେ ଯାଜପୁରଥାନା ମୁଣ୍ଡମାଳ ଗ୍ରାମର ରମେଶ ପ୍ରଧାନଙ୍କ ପୁଅ ଶ୍ରୀକାନ୍ତ ପ୍ରଧାନ (୨୪) ଓ ଗଞ୍ଜାମ ଜିଲ୍ଲାର କୋଟିନାଡା ଗ୍ରାମର ଏନ ସତ୍ୟ ବାବୁଙ୍କ ପୁଅ ଏନ ରବିନ (୨୮) ସେମାନଙ୍କ ଠାରୁ ୧,୬୧,୧୬୦ ଟଙ୍କା ଏକ ନମ୍ବରବିହୀନ ବଜାଜ୍ ପଲ୍ସର୍ ବାଇକ୍, ୩ଟି ମୋବାଇଲ, ୨ଟି ଗାଡ଼ି ଡିକି ଭଙ୍ଗାଯନ୍ତ୍ର, ୨ଟି ବ୍ୟାଙ୍କ ଜମାଖାତା ଓ ଆଧାରକାର୍ଡ ପୋଲିସ ଜବତ ପରେ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଶୁଭେନ୍ଦୁ କୁମାର ସାହୁ ସୂଚନା ଦେଇଛନ୍ତି ।



# ଡ୍ରେନ୍ ଉପରୁ ଜବରଦଖଲ ଉଚ୍ଛେଦ ଅଭିଯାନ

**ବାଲିଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

ବାଲିଗୁଡା ସହରର ଡ୍ରେନ୍ ଉପରେ ପକାଇଥିବା ଉଠା ଦୋକାନୀ ଓ ଅନ୍ୟ ଦୋକାନୀ ମାନେ ଡ୍ରେନ୍ ଉପରେ ନିଜ ଦୋକାନ କବ୍‌ଜା କରି ସାମଗ୍ରୀ ରଖିଥିବାକୁ ନେଇ ମଙ୍ଗଳବାର ପ୍ରଶାସନ ତରଫରୁ ଉଚ୍ଛେଦ ପକ୍ରିୟା ଆରମ୍ଭ ହୋଇଛି । ବସ୍‌ଷ୍ଟାଣ୍ଡ ଠାରୁ ଏହି ପକ୍ରିୟା ଆରମ୍ଭ ହୋଇଛି । ଏହି ଉଚ୍ଛେଦ ସମୟରେ ଉପଜିଲ୍ଲାପାଳ ନିଜେ ଉପସ୍ଥିତ ରହି ଉଚ୍ଛେଦ କରାଯାଉଛି । ଡ୍ରେନ୍ ଉପରେ ପକାଇଥିବା ଉଠାଦୋକାନୀ ଓ ଅନେକ ଦୋକାନ ନିଜସ୍ୱ ସାମଗ୍ରୀ କାଢ଼ି ଦେଇଛନ୍ତି ଓ ପ୍ରଶାସନ ତରଫରୁ ମଧ୍ୟ ଡ୍ରେନ୍ ଉପରେ ଥିବା ଦୋକାନ ଓ ଟିଣ ଅଦିକୁ କଢ଼ାଯାଇଛି । କିନ୍ତୁ ବଣିକ ସଂଘ ତରଫରୁ ଏହାକୁ ଉପଜିଲ୍ଲାପାଳଙ୍କୁ କହିଛନ୍ତି ଯେ ଆମକୁ ଆଉ କିଛି ଦିନ ସମୟ ଦିଅ ତାପରେ ଆମେ ନିଜେ ଡ୍ରେନ୍ ଉପରେ ଥିବା ଟିଣ ଓ ଜରିପାଲକୁ କାଢ଼ିଦେବୁ । ଉପଜିଲ୍ଲାପାଳ ଡା. ରୀନା ପ୍ରଧାନ କହିଛନ୍ତି ଡ୍ରେନ୍ ଉପରୁ ଦୋକାନ ହଟାଇବାକୁ ଆମେ ଦଶଦିନ ପୂର୍ବରୁ ସଚେତନ କରିବା ସହ ସମସ୍ତଙ୍କୁ ଆମେ ଜଣାଇଛୁ, ଯେହେତୁ ବର୍ତ୍ତମାନ ବର୍ଷା ଦିନ ଚାଲିଛି ଡ୍ରେନ୍ ଜାମ୍ ହେବାର ସମ୍ଭାବନା ରହିଛି, ତେଣୁ ଆମେ ଡ୍ରେନ୍‌କୁ ସଫା କରିପାରୁନୁ, ଡ୍ରେନ୍ ଉପରେ ଦୋକାନ ପକାଇବା ଫଳରେ ଗହଳି ହୋଇ ଟ୍ରାଫିକ୍ ସମସ୍ୟା ଉପୁଜୁଛି । କିଛି ଦୁର୍ଘଟଣା ବି ଘଟିଛି, ତେଣୁ ଦଶଦିନ ତଳେ ଡ୍ରେନ୍ ଉଚ୍ଛେଦ କରାହେବ ବୋଲି କହିଥିଲୁ ତେଣୁ ଆଜି ଏହି ପକ୍ରିୟା ଜାରି ରହିଛି ।



# ଗାନ୍ଧୀଙ୍କ ପଥର ବଦଳରେ ପ୍ଲାଷ୍ଟିକ୍ ମୂର୍ତ୍ତି ସ୍ଥାପନ ନେଇ ଚର୍ଚ୍ଚା

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଜଗତସିଂହପୁର ପୌରାଞ୍ଚଳ ସ୍ଥାନୀୟ ଗାନ୍ଧୀ ଛକରେ ଥିବା ବହୁ ପୁରାତନ ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ପୌର ପ୍ରଶାସନ ପକ୍ଷରୁ ରାତି ଅଧିଆ ତାଡ଼ି ନେବା ପ୍ରତିବାଦରେ ଜନ ଅସନ୍ତୋଷ ଦେଖାଦେଇଥିଲା । ସ୍ଥାନୀୟ ଲୋକମାନଙ୍କ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା । ପରେ ପୌର ପ୍ରଶାସନ ପକ୍ଷରୁ ଲୋକମାନଙ୍କୁ ନୂତନ ମୂର୍ତ୍ତି ସ୍ଥାପନ କରାଯିବା ପାଇଁ ପ୍ରତିଶ୍ରୁତି ଦେବାପରେ ଲୋକମାନଙ୍କ ମଧ୍ୟରେ ଅସୋନ୍ତଷ କମିଥିଲା । ପରେ ଜିଲ୍ଲାପାଳଙ୍କୁ ବିଭିନ୍ନ ସାମାଜିକ ସଂଗଠନ ପକ୍ଷରୁ ଗାନ୍ଧୀ ଛକରେ ଥିବା ଗାନ୍ଧୀ ମୂର୍ତ୍ତିକୁ କ'ଣ ପାଇଁ ରାତି ଅଧିଆ ହଟାଯିବା ଘଟଣାରେ ଦାବି ପତ୍ର ପ୍ରଦାନ କରାଯାଇଥିଲା । ଫଳରେ ପୁଣି ଠିକାଦାର ପୁରୁଣା ମୂର୍ତ୍ତିକୁ ପୂର୍ବ ସ୍ଥାନରେ ସ୍ଥାପନ କରି ନୂତନ ମୂର୍ତ୍ତି ସ୍ଥାପନ କାର୍ଯ୍ୟ ଆରମ୍ଭ କରିଥିଲେ । କିନ୍ତୁ ଦୁଃଖର ବିଷୟ ବୁଧବାର ନୂତନ ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯିବା ସମୟରେ ଜଣାପଡିଛି କି ମୂର୍ତ୍ତି ସମ୍ପୂର୍ଣ୍ଣ ଭାବେ ପ୍ଲାଷ୍ଟିକ୍ ଫେବର ପଥର ମୂର୍ତ୍ତି ନୁହେଁ । ଠିକାଦାର ମୂର୍ତ୍ତି ସ୍ଥାପନ କଲା ସମୟରେ ଏହାକୁ ଲୋକମାନେ ଦେଖି ପୁଣି ଅସନ୍ତୋଷ ପ୍ରକାଶ ପାଇଛି ।

# ରୋଜଗାର ଦେଉଛି ଗଡ଼ିଆ କନ୍ଦା

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**



ଫାଷ୍ଟଫୁଡ୍ ଠେଲାଗାଡ଼ି ଭିଡ଼ ଭିତରେ ବ୍ରହ୍ମପୁର ସହରରେ ପାରମ୍ପରିକ ଖାଦ୍ୟ ନଡ଼ିଆ କନ୍ଦା ବିକ୍ରି ହେଉଥିବା ଦେଖିବାକୁ ମିଳିଛି । ଏହି ଖାଦ୍ୟକୁ ଆଜି ଯୁବବର୍ଗ ଓ ଛାତ୍ରଛାତ୍ରୀ ହୁଏତ ଜାଣିନଥିବେ । ବିଶେଷ କରି ସହରରେ ରହୁଥିବା ଯୁବବର୍ଗଙ୍କ ମଧ୍ୟରେ ଏହାକୁ ନେଇ ଧାରଣା ନଥିବା ହେଲେ ଏହି ନଡ଼ିଆ କନ୍ଦା କାହିଁ କେଉଁ କାଳରୁ ଓଡ଼ିଆଙ୍କ ପାରମ୍ପରିକ ଖାଦ୍ୟ ଭାବେ ପରିଗଣିତ ହୋଇଆସୁଛି । ଏହା ପାଟିକୁ ଯେତିକି ସୁଆଦିଆ ଦେହ ପାଇଁ ମଧ୍ୟ ସେତିକି ହିତକର । ଏହା ବହୁତ କମ୍ ସମୟରେ ଓ କମ୍ ପରିମାଣରେ ମିଳିଥାଏ । କୌଣସି ନଡ଼ିଆ ଗଛ କଟାଗଲେ କିମ୍ବା ଗଛ ଭାଙ୍ଗିଗଲେ ଏହାର ଅଗ୍ରଭାଗର ନଡ଼ିଆ ଗଣ୍ଡିକୁ ଚିରି ତାର ମଝିରୁ ଏହି କନ୍ଦାକୁ ସଂଗ୍ରହ କରାଯାଇଥାଏ । ଗୋଟିଏ ନଡ଼ିଆ ଗଛରୁ ପ୍ରାୟ ୫୦ କେଜି ପାଖାପାଖି କନ୍ଦା ସଂଗ୍ରହ କରାଯାଇଥାଏ । ଏହା ପାଟିକୁ ମିଠା ଲାଗିଥାଏ । ଏଥିରେ ପ୍ରକୃତ ପରିମାଣରେ ଭିଟାମିନ୍ ଓ ମିନେରିଆଲ୍ ଥିବାରୁ ଏହା ପାଚନ ଜନିତ ସମସ୍ୟା ଦୂର କରିବାରେ ସାହାଯ୍ୟ କରିଥାଏ । ତେବେ ଏହି ନଡ଼ିଆ କନ୍ଦାକୁ ଅଧିକ ଦିନ ସାଇତି ରଖି ହୁଏନି । ଗୋଟିଏ ଦିନରେ ଖାଇବାକୁ ପଡ଼ିଥାଏ । ସହର ଉପକଣ୍ଠରେ ଜଣେ ବ୍ୟକ୍ତି ନଡ଼ିଆ କନ୍ଦା ବିକ୍ରି କରୁଥିବା ଦେଖିବାକୁ ମିଳିଥିଲା । ବରିଷ୍ଠ ନାଗରିକ ଏଠାରେ ଗାଡ଼ି ଅଟକାଇ ତାହାକୁ କିଣୁଥିଲେ । ସେ ଗୋଟିଏ ଖଣ୍ଡକୁ ୨୦ ଟଙ୍କା ହିସାବରେ ବିକ୍ରି କରୁଥିଲେ । ଅନେକ ଲୋକ ସେଠାରେ ଖାଉଥିବା ବେଳେ କେହି କେହି ଘରକୁ ନେଉଥିଲେ । ସେ କଟୁରିରେ ଖଣ୍ଡ ଖଣ୍ଡ କରି କାଟି ପତ୍ରରେ ଗୁଡ଼ାଇ ସୁନ୍ଦର ଭାବେ ପାର୍ସଲ କରୁଥିଲେ । କୌଣସି ସମୟରେ ନଡ଼ିଆ ଗଛ କାଟିବାକୁ ଅବା ବର୍ଷା ପବନରେ ଗଛ ଉପୁଡ଼ି ଗଲେ ସେ ନଡ଼ିଆ କନ୍ଦା ସଂଗ୍ରହ କରି ସହରକୁ ବିକ୍ରି କରିବାକୁ ଆସିଥାନ୍ତି ବୋଲି କହିଥିଲେ । ଥରେ ଆସିଲେ ୫୦୦ରୁ ଏକ ହଜାର ଟଙ୍କା ପର୍ଯ୍ୟନ୍ତ ବେପାର ହୋଇଥାଏ । ଆଜିକାଲିର ଯୁବବର୍ଗ ଏହା ବିଷୟରେ ଏତେ ଜାଣି ନଥିବାରୁ କେବଳ ପଚାରି ଦେଇ ଚାଲିଯାଆନ୍ତି । ବରିଷ୍ଠ ନାଗରିକମାନେ କିନ୍ତୁ ଏହାକୁ କିଣିବା ପାଇଁ ଆଗ୍ରହ ଦେଖାଇଥାନ୍ତି ବୋଲି ସେ ପ୍ରକାଶ କରିଥିଲେ ।

# ବ୍ରାହ୍ମଣୀ ନଦୀକୁ ଚିରସ୍ରୋତା କରାଯାଉ

**ମୂଷାଟିକିରି, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ଜିଲ୍ଲାର ବନ୍ୟା ପ୍ଲାବିତ ବିଞ୍ଝାରପୁର ଓ ବରୀ ତହସିଲ ଇଲାକାରେ, ପ୍ରତିବର୍ଷ ବନ୍ୟା ଆସି ବ୍ୟାପକ ଅଞ୍ଚଳ ଜଳମଗ୍ନ ହେବା ସହ ଚାଷ ଜମିର ବହୁଳ କ୍ଷତି ଘଟାଇଥାଏ । ଖରସ୍ରୋତା ତାର ଶାଖା କାଣୀନଦୀ ଠାରୁ ଉଦ୍‌ବୃତ ଜଳରାଶିକୁ ତନ୍ତିଘାଇ ଠାରୁ ଦୁଧେଇ ନାଳ ମଧ୍ୟ ଦେଇ ଯିବାରେ ବରୀ ତହସିଲର ଗାଁ ଗଣ୍ଡାକୁ ବର୍ଷା ପ୍ଲାବିତ ଜଳଧାରା ବନ୍ୟାରୂପ ନେଇ ବ୍ୟାପକ କ୍ଷତି ଘଟାଇ ଚାଲିଥାଏ । ବ୍ରାହ୍ମଣୀ ନଦୀର ମୁଣ୍ଡ ଗୋଳକୁଣ୍ଡ-ସ୍ୱାଇଁଖଣ୍ଡ ଗ୍ରାମପଞ୍ଚାୟତ ଠାରେ ଯାଜପୁର ତହସିଲ ଠାରୁ ବିଞ୍ଝାରପୁର ଓ ବରୀ ତହସିଲର ବାଇଁଶିରିଆ ରାଜସ୍ୱ ସର୍କଲ, ଉଦୟପୁର ଠାରେ ୯ କି.ମି ରାସ୍ତା ଦେଇ ଜଳର ନିଷ୍କାସନ ଡ୍ରେନେଜ୍ ମାଧ୍ୟମରେ ପାଣି ଛଡାଗଲେ ବରୀ ବ୍ଲକର ବ୍ରାହ୍ମଣୀ ପାର୍ଶ୍ୱବର୍ତ୍ତୀ ଗାଁ -ଗୋଲୁକୁଣ୍ଡ ଠାରୁ ଗମୁ ୩୮କି.ମି ରାସ୍ତା ଦେଇ ପ୍ରଭାବିତ ବ୍ରାହ୍ମଣୀ ନଦୀ ଚିରସ୍ରୋତ ହୋଇପାରିବ ବୋଲି, ବରୀ ଦ୍ୱୀପାଞ୍ଚଳ ଉନ୍ନୟନ ପରିଷଦ ସଭାପତି ତଥା ବ୍ରାହ୍ମଣୀ ବଞ୍ଚାଓ ଅଭିଯାନ କମିଟି ଆବାହକ କୁଳମଣି ଶୁକ୍ଳ ଏକ ବିବୃତିରେ ଦାବି ରଖିବା ସହ, ମୁଖ୍ୟମନ୍ତ୍ରୀ, ମୋହନ ଚରଣ ମାଝିଙ୍କୁ ଏକ ଚିଠି ମାଧ୍ୟମରେ ଜନଶୁଣାଣି ପାଇଁ ନିବେଦନ କରିଛନ୍ତି । ବ୍ରାହ୍ମଣୀ ଚିରସ୍ରୋତା ହେବା ସହ ନଦୀର ବାମପାର୍ଶ୍ୱ ଗାଁ ଗଣ୍ଡା ବନ୍ୟା ଦାଉରୁ ସୁରକ୍ଷିତ ହୋଇପରିବେ ବୋଲି ଶ୍ରୀ ଶୁକ୍ଳ ବିବୃତ୍ତିରେ କହିଛନ୍ତି । ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ମୁଖ୍ୟମନ୍ତ୍ରୀଙ୍କୁ ବରୀ ଅଞ୍ଚଳବାସୀଙ୍କ ତରଫରୁ ନିବେଦନ କରାଯାଇଛି ।

# ବିଳମ୍ବିତ ରାତିରେ ଜଳିଗଲା କାର୍

**ବାଲିଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

ବିଳମ୍ବିତ ରାତିରେ ଜଳି ପାଉଁଶ ହୋଇଗଲା ୱାଗନର୍ କାର୍ । କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ପିପଳ ସାହିରେ ଏଭଳି ଘଟଣା ଘଟିଥିବା ଦେଖିବାକୁ ମିଳିଛି । ତେବେ କାର୍‌ଟି କେଉଁ କାରଣରୁ ଜଳିଗଲା ତାହା ଏଯାଏଁ ସ୍ପଷ୍ଟ ଜଣାପଡ଼ିନାହିଁ । ସୂଚନା ପ୍ରକାରେ ସବୁଦିନ ଭଳି ସମୀର ବଳିଆରସିଂ ନିଜ ଘର ଆଗରେ ନିଜ ୱାଗନର୍ କାର୍ ରଖି ଘରେ ଶୋଇଥିଲେ । ବିଳମ୍ବିତ ରାତିରେ ପରିବାର ଲୋକେ ବାହାରକୁ ବାହାରିଥିବା ବେଳେ ତାଙ୍କ କାର୍ ହୁତୁହୁତୁ ହୋଇ ଜଳୁଥିବା ଦେଖିବାକୁ ପାଇଥିଲେ । ଏହାପରେ ଅଗ୍ନିଶମ ବାହିନୀକୁ ଜଣାଇଥିଲେ ସମିର ବଳିଆରସିଂ । ଖବରପାଇ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ଅଗ୍ନିଶମ ବାହିନୀ ।

# ରେଡ଼କ୍ରସ୍‌ର କାର୍ଯ୍ୟପନ୍ଥା ଗ୍ରହଣକରି ଦେଶ ସେବାରେ ନିୟୋଜିତ ହୁଅନ୍ତୁ ଛାତ୍ରଛାତ୍ରୀ



**ମାଲକାନଗିରି, ନ୍ୟୁଜ୍ ବ୍ୟୁରୋ**

ମଙ୍ଗଳବାର ମାଲକାନଗିରି ମହାବିଦ୍ୟାଳୟରେ ଅଧ୍ୟକ୍ଷ ପ୍ରଫେସର ଲିଙ୍ଗରାଜ ମିଶ୍ରଙ୍କ ଅଧ୍ୟକ୍ଷତାରେ ରେଡ୍‌କ୍ରସ୍ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନ ମୁଖ୍ୟଅତିଥି ଭାବରେ ଯୋଗଦେଇ ଯୁବ ରେଡ୍‌କ୍ରସ୍‌ର କାର୍ଯ୍ୟ ପନ୍ଥାକୁ ପ୍ରତ୍ୟେକ ଛାତ୍ରଛାତ୍ରୀ ଗ୍ରହଣ କରି ସମାଜ ତଥା ଦେଶ ସେବାରେ ନିୟୋଜିତ ହୁଅନ୍ତୁ ବୋଲି ଉପାଦେୟ ବକ୍ତବ୍ୟ ରଖିଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଓ ସାଧାରଣ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଧନେଶ୍ୱର ମହାପାତ୍ର ମୁଖ୍ୟବକ୍ତା ଭାବରେ ଯୋଗଦେଇ ଯୁବ ରେଡ୍‌କ୍ରସ୍‌ର କାର୍ଯ୍ୟ ପନ୍ଥାକୁ ପ୍ରତ୍ୟେକ ମହାବିଦ୍ୟାଳୟରେ କିପରି ଶୃଙ୍ଖଳିତ ଓ ପ୍ରସାରିତ କରାଯାଇପାରିବ ତା'ଉପରେ ଗୁରୁତ୍ୱାରୋପ କରିଥିଲେ । ଜିଲ୍ଲାଶିକ୍ଷା ଅଧିକାରୀ ବିଶ୍ୱନାଥ ସାହୁ ସ୍ୱତନ୍ତ୍ର ଅତିଥି, ମାଲକାନଗିରି ମହାବିଦ୍ୟାଳୟ ପରିଚାଳନା ପରିଷଦର ସଭାପତି ଡ. ଉଦୟନାଥ ଖରା ସମ୍ମାନିତ, ରାଜ୍ୟ କନିଷ୍ଠ ରେଡ୍‌କ୍ରସ୍ ଅଧିକାରୀ ଲକ୍ଷ୍ମଣ ସ୍ୱାଇଁ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଏହି ଜିଲ୍ଲାରେ ରେଡ୍‌କ୍ରସ୍ କାର୍ଯ୍ୟକ୍ରମର ପ୍ରଚାର ସହ ଉନ୍ନତି ଦିଗରେ ସାହାଯ୍ୟ ସହଯୋଗର ପ୍ରତିଶ୍ରୁତି ଦେଇ ରେଡ୍‌କ୍ରସ୍‌ର ନାନା ପ୍ରସଙ୍ଗ ଆଲୋଚନା କରିଥିଲେ । ଏହି ସଭାରେ ଅଗ୍ନିସେବା ଅଧିକାରୀ ସୁନୀଲ ନାୟକ, ବହୁବୃତ୍ତି ଅନୁଷ୍ଠାନର ଅଧ୍ୟକ୍ଷ ପ୍ରୀତିରଞ୍ଜନ ପ୍ରିୟାଂଶୁ ପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଯୁବ ରେଡ୍‌କ୍ରସ୍‌ର ଆବାହକ ତଥା ସମ୍ପାଦକ ଡ. ରଞ୍ଜନ କୁମାର ସ୍ୱାଇଁ ଆୟୋଜନ ଓ ସଞ୍ଚାଳନ କରିଥିଲେ । ଏଥିରେ ମାଲକାନଗିରି ଜିଲ୍ଲାର ୩୨ଟି ସ୍ନାତକ ମହାବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୪୬ ଜଣ ଅଧ୍ୟକ୍ଷ ଓ ପରାମର୍ଶଦାତା ଯୋଗଦେଇଥିଲେ । ସଭା ପ୍ରାରମ୍ଭରେ ରେଡ୍‌କ୍ରସ୍ ପ୍ରତିଷ୍ଠାତା ସାର୍ ଜିନ୍ ହେନେରିକ୍ ଡୁନାଷ୍ଟଙ୍କ ଫଟୋଚିତ୍ରରେ ପୁଷ୍ପାର୍ପଣ କରାଯାଇଥିଲା । ସ୍ୱେଚ୍ଛାସେବୀ କ୍ରିଷ୍ଣା କଟୋରି ସୁଗମ ସଙ୍ଗୀତ ଗାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ରେଡ୍‌କ୍ରସ୍‌ର ଅଂଶଧନ ପଇଠ କରିବା, ରକ୍ତଦାନ ଶିବିର ଆୟୋଜନ, ସଡ଼କ ସୁରକ୍ଷା ସଚେତନତା ଓ ଏଡ୍ସ ରୋଗର ସଚେତନତା ଆଦି ଦିଗରେ ନବ କାର୍ଯ୍ୟଭାର ଗ୍ରହଣ କରାଯାଇଥିଲା । ଆଗାମୀ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଶିବିର ମାଥିଲିର ଗୋପବନ୍ଧୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆୟୋଜିତ ହେବା ନିମନ୍ତେ ସର୍ବ ସମ୍ମତି କ୍ରମେ ନିଷ୍ପତି ଗ୍ରହଣ କରାଗଲା । ରେଡ୍ ରିବନ୍ କ୍ଲବ ମାଲକାନଗିରି ଜିଲ୍ଲାର ସମସ୍ତ ମହାବିଦ୍ୟାଳୟରେ କିପରି ଖୋଲା ଯାଇପାରିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ମାଲକାନଗିରି ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା, ଅଣଶିକ୍ଷକ କର୍ମଚାରୀ, ପୂର୍ବତନ ସ୍ୱେଚ୍ଛସେବୀ ସକ୍ରିୟ ସହଯୋଗ କରିଥିଲେ । ପରିଶେଷରେ ବରିଷ୍ଠ ପ୍ରାଧ୍ୟାପକ ଅଶୋକ କୁମାର ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ବାଲିଗୁଡ଼ା ସଫେଇ କର୍ମଚାରୀଙ୍କୁ ଆକ୍ରମଣ ଅଭିଯୋଗ

**ବାଲିଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

ବାଲିଗୁଡା ଏନ୍‌ଏସିର ଜଣେ ସଫେଇ କର୍ମଚାରୀଙ୍କୁ ଜଳଖିଆ ଦୋକାନୀ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି ବାଲିଗୁଡା ଥାନାରେ । ସୂଚନା ପ୍ରକାରେ ଜଣେ ସଫେଇ କର୍ମଚାରୀ ଆକାଶ ନାୟକ ବାଲିଗୁଡା ମେଡିକାଲ ସମ୍ମୁଖରେ ଥିବା ଜଳଖିଆ ଦୋକାନର ମାଲିକ ପ୍ରସନ ସାବତଙ୍କୁ କହିଥିଲେ ଯେ ଜଳଖିଆ ପତ୍ର ଗୁଡାକ ଡଷ୍ଟବିନ୍‌ରେ ନପକାଇ ବାହାରେ ପକାଉଛୁ କହି ବାରଣ କରିଥିବାରୁ ତାଙ୍କ ଉପରେ ଗରମ ତେଲ ପକାଇଦେଇଥିଲେ । ଯାହାଫଳରେ ତାଙ୍କ ହାତ ଓ ବେକରେ ତେଲ ଛିଟା ପଡିଥିଲା । ଏହାପରେ ସଫେଇ କର୍ମଚାରୀ ଜଣଙ୍କ ଉପଖଣ୍ଡ ଚିକିତ୍ସାଳୟକୁ ଯାଇ ପ୍ରାଥମିକ ଚିକିତ୍ସା କରାଇଛନ୍ତି । ଏହାପରେ ସମସ୍ତ ସଫେଇ କର୍ମଚାରୀମାନେ ଏକତ୍ରିତ ହୋଇ ଥାନାକୁ ଯାଇ ଆମକୁ ଆକ୍ରୋଷମୂଳକ ଭାବେ ଆକ୍ରମଣ କରିବା ନିନ୍ଦନୀୟ । ଆମକୁ ସୁରକ୍ଷା ଦିଆଯାଉ ଓ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି କହିଥିଲେ । ଏହାପରେ ଉପଜିଲ୍ଲାପାଳ କାର୍ଯ୍ୟାଳୟକୁ ଯାଇ ଉପଜିଲ୍ଲାପାଳଙ୍କୁ ଘଟଣା ସମ୍ବନ୍ଧରେ କହିଥିଲେ । ଉପଜିଲ୍ଲାପାଳ ଡା. ରୀନା ପ୍ରଧାନ ସଫେଇ କର୍ମଚାରୀ ମାନଙ୍କୁ ବୁଝାଇବା ସହ ଜଳଖିଆ ଦୋକାନୀଙ୍କୁ ମଧ୍ୟ ବୁଝାଇଥିଲେ । ଆଗକୁ ଯେପରି ଏମିତି ନହେବ କହି ବୁଝାଇବା ପରେ ସଫେଇ କର୍ମଚାରୀମାନେ କାମରେ ଯୋଗ ଦେଇଥିଲେ ।



# ଲଗାଣ ବର୍ଷାରେ ଭାଙ୍ଗିଲା ଘର

**ଧର୍ମଗଡ଼, ନ୍ୟୁଜ୍ ବ୍ୟୁରୋ**

ଲଘୁଚାପ ଜନିତ ବର୍ଷାରେ କଳାହାଣ୍ଡି ଜିଲ୍ଲାର ଗୋଲାମୁଣ୍ଡା ବ୍ଲକର ବୃନ୍ଦାବାହାଲ ପଞ୍ଚାୟତ ବୈଜଲପୁର ଗ୍ରାମର ବୁଟି ଭାଟିଙ୍କ ଘର ଭାଙ୍ଗିଯାଇଥିବା ଦେଖିବାକୁ ମିଳିଛି । ବର୍ଷା ଦୀର୍ଘ ୧୫ ଦିନ ଧରି ଲାଗି ରହିଥିବାରୁ ଘର ଭାଙ୍ଗିଯାଇଥିବା ବେଳେ ନାହିଁନଥିବା ଅସୁବିଧା ଭୋଗୁଛନ୍ତି ପରିବାର ଲୋକେ । ସେ ଜଣେ ଅତି ଗରିବ ଶ୍ରେଣୀର ଲୋକ ଅଟନ୍ତି । ଆବାସ ଯୋଜନା ଖଣ୍ଡେ ପାଇଁ ଗୋଲାମୁଣ୍ଡା ବିଡ଼ିଓଙ୍କୁ ଅନେକ ଅଭିଯୋଗ ପତ୍ର ଦେଇଥିଲେ ସୁଦ୍ଧା କୌଣସି ସୁଫଳ ମିଳିନଥିବା କହିଛନ୍ତି । ପରିବାର କହିଲେ ସ୍ୱାମୀ ସ୍ତ୍ରୀ ଗୋଟିଏ ବୋଲି ଝିଅ । ବୁଟିଙ୍କ ଜମିବାଡ଼ି ବୋଲି କିଛି ନାହିଁ । ସେ ଗ୍ରାମର ଗାଈ ଚରାଇ ନିଜର ଜୀବିକା ନିର୍ବାହ କରୁଛନ୍ତି । ଏପଟେ ତାଙ୍କର ସ୍ତ୍ରୀ ବହୁ ଦିନରୁ ମାନସିକ ରୋଗରେ ପୀଡିତ ଅଛନ୍ତି । ଏ ନେଇ ବିଡ଼ିଓ ଅକ୍ଷମିତା କାର୍ତ୍ତିକଙ୍କୁ ଫୋନ୍ କଲେ ସମ୍ପୂର୍ଣ୍ଣ ଭାବରେ ଘର ଭାଙ୍ଗିଯାଇଥିଲେ ତହସିଲଦାର ପ୍ରଥମେ ତଦନ୍ତ କରି ରିପୋର୍ଟ ଦେଲାପରେ ପଞ୍ଚାୟତ ଜରିଆରେ କିଛିଦିନ ପାଇଁ ଏକ ଆଶ୍ରୟସ୍ଥଳୀରେ ରହିବାକୁ ଅନୁମତି ଦେବା ସଙ୍ଗେ ନୂତନ ଘର ଖଣ୍ଡେ ଯୋଗାଇ ଦିଆଯିବ ବୋଲି କହିଥିଲେ । ତୁରନ୍ତ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ଘର ଖଣ୍ଡେ ଯୋଗାଇ ଦେବାକୁ ପରିବାର ପକ୍ଷରୁ ଦାବି କରିଛନ୍ତି ।

## ରକ୍ତ କର୍କଟ ଆକ୍ରାନ୍ତ ବାଳକର ଆକୁଳ ନିବେଦନ

# ମୁଁ ସ୍କୁଲ୍ ଯିବି, ପାଠ ପଢ଼ିବି-ମୋତେ ବଞ୍ଚେଇଦିଅ ଡାକ୍ତର ବାବୁ !!

**ସାଲେପୁର, ନ୍ୟୁଜ୍**



କ୍ୟାନ୍ସର ପୀଡିତ ପୁଅକୁ ଧରି ହସ୍ପିଟାଲ୍ ପରେ ହସ୍ପିଟାଲ୍ ଘୁରି ବୁଲୁଥିବା ବାପା ମାଆଙ୍କ ପାଇଁ ସେହି ନିରୀହ ନିଷ୍ପାପ ଶିଶୁଟି ହେଉଛି ଆଶାର ଆଲୋକ । ଯିଏ ଯାହା କହୁଛି କହୁ, ଯେତେ କଷ୍ଟ ହଉଚି ହଉ, ପଛେ ଆମ ପୁଅର ଜୀବନ ବଞ୍ଚିଯାଉ ଏଭଳି ଆକୁଳ ନିବେଦନ କରିଛନ୍ତି କଟକ ଜିଲ୍ଲା କୁହୁଣ୍ଡା ପଞ୍ଚାୟତ କଲ୍ୟାଣପୁର ଗାଁ'ର ଦିନ ମଜୁରିଆ ଦମ୍ପତି ଆକୁଳି ପଲେଇ ଏବଂ ମମତା ପରିଡା । ବିବାହର ୯ ବର୍ଷ ପରେ ଏମାନଙ୍କ କୋଳକୁ ଆସିଥିବା ପୁଅ କ୍ଷିତୀଶ ପଲେଇ ଏବେ କ୍ୟାନ୍ସର ସହିତ ଲଢୁଛି । ମାସେ କିମ୍ବା ବର୍ଷେ ନୁହେଁ, ୩ ବର୍ଷ ହେବ ରୋଗୀଣା ପୁଅକୁ ଧରି ଏ ଡାକ୍ତରଖାନାରୁ ସେ ଡାକ୍ତରଖାନା ଘୁରି ବୁଲୁଛନ୍ତି ସେମାନେ । ଡାକ୍ତର କହୁଛନ୍ତି ରକ୍ତ କର୍କଟ, ବୋନ୍ ଟ୍ରାନ୍ସମିଶନ ଅତ୍ୟନ୍ତ ଜରୁରୀ । ବିଜୁ ସ୍ୱାସ୍ଥ୍ୟ କାର୍ଡରେ ଆଉ ପଇସା ନଥିବାରୁ ଘରୋଇ ହସ୍ପିଟାଲ୍ ୨ ଦିନ ତଳେ କ୍ଷିତୀଶକୁ ଫେରେଇ ଦେଇଛି । କଟକରେ ବି ଡାକ୍ତର କହୁଛନ୍ତି ଟାଟା ମେମୋରିଆଲ କ୍ୟାନ୍ସର ହସ୍ପିଟାଲ୍ ବମ୍ବେ ଗଲେ ସେଠାରେ ଚିକିତ୍ସା ହୋଇପାରିବ । କିନ୍ତୁ ବାପା ମାଆଙ୍କ ପାଖରେ ସମ୍ବଳ ବୋଲି କିଛି ନାହିଁ । ଘରର ସମସ୍ତ ଆସବାବ ପତ୍ର, ଅଳଙ୍କାର, ଛେଳି ଓ ଗାଈ ଗୋରୁ ମଧ ବିକ୍ରି ସରିଛି ।କୋଡିଏ ଲକ୍ଷରୁ ଅଧିକ ଅର୍ଥ ଆବଶ୍ୟକ ପିଲାଟିର ଚିକିତ୍ସା ପାଇଁ । କେହି ବଦାନ୍ୟ ବ୍ୟକ୍ତି, ସାମାଜିକ ଅନୁଷ୍ଠାନ, ସରକାରୀ ଏବଂ ବେସରକାରୀ ସଂସ୍ଥାରୁ ସହାୟତା ମିଳିଲେ, ଛୋଟ ପିଲାଟିର ଜୀବନ ରକ୍ଷା ହୋଇପାରନ୍ତା । କ୍ଷିତୀଶ କହୁଛି ପୁଣି ଥରେ ସେ ସ୍କୁଲ ଯାଆନ୍ତା, ସାଙ୍ଗ ସାଥିଙ୍କ ସହିତ ଖେଳନ୍ତା, ବୁଲନ୍ତା ନିଜ ଗାଁ' ଓ ନିଜର ଛୋଟିଆ ପରିବାର ଭିତରେ ହସି ଖେଳି ସମୟ କଟେଇଦିଅନ୍ତା । ଛୋଟିଆ ପିଲା ସିନା କ୍ଷିତୀଶ, କିନ୍ତୁ ଏକଥା ସେ ଡାକ୍ତର ବାବୁଙ୍କୁ ହାତ ଯୋଡି ଅନୁରୋଧ କରୁଛି । ସେ ଜାଣିଛି ଡାକ୍ତର ହିଁ ଭଗବାନ ! ଏଥିପାଇଁ ଆର୍ଥିକ ସାହାଯ୍ୟ ବ୍ୟାଙ୍କ ଅଫ୍ ଇଣ୍ଡିଆ କୁହୁଣ୍ଡା ଶାଖା ଆକାଉଣ୍ଟ ନମ୍ବର ୫୫୮୧୦୪୧୦୦୦୧୦୬୯ ମାଧ୍ୟମରେ କିମ୍ବା ଫୋନ୍ ପେ ନମ୍ବର ୭୭୪୯୯୪୪୩୬୨ରେ ପଠାଇବାକୁ ଅନୁରୋଧ କରାଯାଇଛି ।

# ପାଠ ପଢେଇବା ନାଁରେ ମିଥ୍ୟା ପ୍ରତିଶୃତି ଦେଇ କୋଟି କୋଟି ଟଙ୍କା ଠକେଇ ଅଭିଯୋଗ



**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ଗରଦପୁର ବ୍ଲକରେ ସୁଦିକ୍ଷା ଏକ ଶିକ୍ଷାନୁଷ୍ଠାନ । ପିଲାଙ୍କୁ ପାଠ ପଢେଇବା ନାଁରେ ପ୍ରାୟ ୫ କୋଟି ଟଙ୍କା ଠକି ନେଇଥିବା ସ୍ଥାନୀୟ ଅଞ୍ଚଳର ମହିଳାମାନେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କୁ ଭେଟି ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗ ମୁତାବକ ପ୍ରତ୍ୟେକ ଗ୍ରାମରେ କୋଚିଂ ସେଣ୍ଟର ଖୋଲି ସିବିଏସ୍‌ସି ଓ ବିଏସ୍‌ଇ ଢାଞ୍ଚାରେ ପିଲାମାନଙ୍କୁ ପଠ ପଢାଇ ନିଯୁକ୍ତି ଦେବାପାଇଁ ସମ୍ପୃକ୍ତ ଶିକ୍ଷାନୁଷ୍ଠାନ ପ୍ରତିଶୃତି ଦେଇଥିଲା । ଏଥିପାଇଁ ପ୍ରତ୍ୟେକ ପିଲାଙ୍କ ଠାରୁ ଫୋନ୍ ପେ ମାଧ୍ୟମରେ ଅର୍ଥ ଆଦାୟ କରାଯାଇଥିଲା । ସ୍ଥାନୀୟ ଅଞ୍ଚଳର ଶିକ୍ଷିତ ମହିଳା ମାନଙ୍କୁ ନିଯୁକ୍ତି ଦେବା ସହ ମାସିକ ଦରମା ଓ ସେମାନଙ୍କର ପିଲାଙ୍କୁ ମାଗଣା ପାଠ ପଢେଇବାର ଭରସା ଦେବାରୁ ଏହି ମହିଳାମାନେ ସ୍ଥାନୀୟ ଅଞ୍ଚଳର ପିଲାମାନଙ୍କୁ ଯୋଗାଡ କରି ପାଠ ପଢାଇବା ସହ ସେମାନଙ୍କ ଠାରୁ ଅର୍ଥ ଆଦାୟ କରି ଉକ୍ତ ସଂସ୍ଥାକୁ ପଠାଇଥିଲେ । ଦୀର୍ଘ ୬ ମାସ ପର୍ଯ୍ୟନ୍ତ ଏହି କମ୍ପାନୀ ନିଯୁକ୍ତି ମହିଳାମାନଙ୍କୁ ପାରିଶ୍ରମ ନଦେବା, ଘରଭଡା ନଦେବା ଏବଂ ସାକ୍ଷାତ ନକରିବାରୁ ସେମାନେ ବାଧ ହୋଇ ଭୁବନେଶ୍ୱରର ଡୁମୁଡୁମା ଠାରେ ଥିବା କାର୍ଯ୍ୟାଳୟକୁ ଯାଇ ନିରାଶ ହୋଇ ଫେରିଥିଲେ । ଏ ବାବଦରେ ସଂସ୍ଥା ବିରୋଧରେ ପାଟକୁରା ଥାନାରେ ଏତଲା ଦେଇଥିଲେ ମଧ ଥାନା ଅଧିକାରୀ କୌଣସି ପଦକ୍ଷେପ ନନେବାରୁ ଶତାଧିକ ମହିଳା ଜିଲ୍ଲାପାଳଙ୍କୁ ଭେଟି ସେମାନେ ପିଲାଙ୍କ ଠାରୁ ଆଦାୟ କରିଦେଇଥିବା ଟଙ୍କାକୁ ଫେରସ୍ତ ପାଇବା ସହ ସମ୍ପୃକ୍ତ ଶିକ୍ଷାନୁଷ୍ଠାନ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ଏହି ଦାବିପତ୍ର ପ୍ରଦାନ ସମୟରେ ପଦ୍ମିନୀ ସେଠୀ, ହେମାତୁନ ନିଶା, ରଶ୍ମିତା ସ୍ୱାଇଁ, ସସ୍ମିତା ପ୍ରଧାନ, ନମିତା ମଲିକଙ୍କ ସହ ଶତାଧିକ ମହିଳା ଜିଲ୍ଲାପାଳଙ୍କୁ ଭେଟି ଦାବି କରିଛନ୍ତି ।

# ଧରମ ଭାଇଙ୍କୁ ୪୦ ଲକ୍ଷ ଟଙ୍କା ଚୁନ ଲଗାଇଥିବା ଦମ୍ପତିଙ୍କୁ ମିଳିଲା ଜାମିନ୍

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲାର ବହୁ ଚର୍ଚ୍ଚିତ ଧରମ ଭାଇକୁ ଚୁନ ଲଗାଇ ୪୦ ଲକ୍ଷ ଟଙ୍କା ଠକିଥିବା ଦମ୍ପତିଙ୍କୁ ଉଚ୍ଚ ନ୍ୟାୟାଳୟ ସର୍ତ୍ତ ମୂଳକ ଜାମିନ୍ ପ୍ରଦାନ କରିଛନ୍ତି । କେନ୍ଦ୍ରାପଡା ଜିଲ୍ଲା ପାଟକୁରା ଥାନା ଅନ୍ତର୍ଗତ ବଛରାଇ ଗ୍ରାମର ସନ୍ତୋଷ କୁମାର ପରିଡାଙ୍କ ଏତଲା କ୍ରମେ ପାଟକୁରା ଥାନା ଅଧିକାରୀ ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ତମାଳଶାସନ ଗ୍ରାମର ବିଭୁ କଲ୍ୟାଣ ମିଶ୍ର ଏବଂ ତାଙ୍କ ପତ୍ନୀ ବୀଣା ମିଶ୍ରଙ୍କୁ ଉଚ୍ଚ ନ୍ୟାୟାଳୟ ବି.ଏଲ୍.ଏ.ପି.ଏଲ୍ ନଂ-୭୨୧୧/୨୦୨୪ର ବିଚାର କରି ଅଭିଯୁକ୍ତ ଦ୍ୱୟଙ୍କୁ ସର୍ତ୍ତ ମୂଳକ ଜାମିନ୍ ପ୍ରଦାନ କରିଛନ୍ତି । ଏହି ଜାମିନ୍ ଆଦେଶରେ ୩ଲକ୍ଷ ଟଙ୍କା କେନ୍ଦ୍ରାପଡା ଏସ୍.ଡି.ଜେ.ଏମ୍ କୋର୍ଟରେ ଅଗ୍ରିମ ଜମା ଦେବା ସହ ରାଜ୍ୟ ବାହାରକୁ କୋର୍ଟର ବିନା ଅନୁମତିରେ ଯାଇପାରିବେ ନାହିଁ ବୋଲି ସର୍ତ୍ତ ମୂଳକ ଜାମିନ୍ ପ୍ରଦାନ କରାଯାଇଛି । ମାମଲାକୁ ଅଭିଯୁକ୍ତଙ୍କ ତରଫରୁ ଆଇନଜୀବୀ ପ୍ରଫୁଲ୍ଲ କୁମାର ବିଶ୍ୱାଳ ଓ ବିଚିତ୍ର କୁମାର ସାହୁ ପରିଚାଳନା କରୁଥିଲେ ।





# କର୍ମଜୀବୀ ମା'ମାନଙ୍କ ପାଇଁ କ୍ରେଚ୍ ସହ ସ୍ତନ୍ୟପାନ ଗୃହ ନିର୍ମାଣ ପାଇଁ ଉପମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଭୁବନେଶ୍ୱରର ସ୍ଥିତ ରାଜ୍ୟ ସମାଜ କଲ୍ୟାଣ ବୋର୍ଡରେ ମହିଳା ଓ ଶିଶୁ ବିକାଶ ବିଭାଗ ଆନୁକୂଲ୍ୟରେ ବିଶ୍ୱ ସ୍ତନ୍ୟପାନ ସପ୍ତାହ ଶୁଭାରମ୍ଭ କରାଯାଇଛି । ଏହି ଶୁଭାରମ୍ଭ କାର୍ଯ୍ୟକ୍ରମରେ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି, ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟଅତିଥି ଭାବେ ଯୋଗଦେଇ ଉଭୟ ମା' ଓ ଶିଶୁ ପାଇଁ ସ୍ତନ୍ୟପାନର ଉପଯୋଗିତା ବିଷୟରେ ଆଲୋକପାତ କରିଥିଲେ । ଚଳିତ ବର୍ଷ 'ପ୍ରତିବନ୍ଧକ ଦୂର କରିବା, ସ୍ତନ୍ୟପାନକୁ ପ୍ରୋତ୍ସାହିତ କରିବା' ଶୀର୍ଷକ ବିଷୟ ବସ୍ତୁକୁ ଗୁରୁତ୍ୱ ଦେଇ ସେ କହିଥିଲେ ଯେ ମା'ର କ୍ଷୀରରେ ଶିଶୁର ଏକଚାଟିଆ ଅଧିକାର ରହିଛି । ଶିଶୁର ଏହି ଅଧିକାରକୁ ସାବ୍ୟସ୍ତ କରିବା ପାଇଁ ଆମେ ସମସ୍ତ ବ୍ୟବସ୍ଥାକୁ ସମାଜ ଅନୁକୂଳ କରିବା



ସହିତ ସବୁ କାର୍ଯ୍ୟାଳୟରେ କର୍ମଜୀବୀ ମା'ମାନଙ୍କ ପାଇଁ କ୍ରେଚ୍ ସହ ସ୍ତନ୍ୟପାନ ଗୃହର ସୁବିଧା ଯୋଗାଇ ଦେବାର ବ୍ୟବସ୍ଥା କରିବା ପାଇଁ ସେ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି । ସର୍ବସାଧାରଣ ସ୍ଥାନରେ ଶୌଚାଳୟର ଯେତିକି ଆବଶ୍ୟକତା ରହିଛି, ସ୍ତନ୍ୟପାନ ଗୃହର ମଧ୍ୟ ସେତିକି ଆବଶ୍ୟକତା ରହିଛି । ବିଶ୍ୱ ସ୍ତନ୍ୟପାନ ସପ୍ତାହର ବ୍ୟାନର ରାଜ୍ୟର ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ରରେ ପ୍ରଦର୍ଶିତ କରି ସ୍ତନ୍ୟପାନର ଉପକାରିତା ଏବଂ ଆବଶ୍ୟକତା ସଂପର୍କରେ ବ୍ୟାପକ ଜନସଚେତନତା ସୃଷ୍ଟି କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି । ତୃଣମୂଳ ସ୍ତରରେ ସ୍ତନ୍ୟପାନ ଉପରେ ସଚେତନତା ସୃଷ୍ଟି ଦିଗରେ ଅଙ୍ଗନବାଡ଼ି କର୍ମୀ, ସହାୟିକା ଓ ମା'ମାନଙ୍କ ପରିବାର ସଦସ୍ୟଗଣ ସହଯୋଗର ହାତ ବଢ଼ାଇବାକୁ ମନ୍ତ୍ରୀ ଶ୍ରୀମତୀ ପରିଡ଼ା ଅନୁରୋଧ କରିଛନ୍ତି । ଏହି ଅବସରରେ ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ଶିଶୁମାନଙ୍କ ଶାରୀରିକ ଓ ମାନସିକ ବିକାଶ ନିମନ୍ତେ ସ୍ତନ୍ୟପାନର ଗୁରୁତ୍ୱ ଉପରେ ଆଲୋକପାତ କରି କହିଲେ ଯେ ଶିଶୁର ବିକାଶ ପାଇଁ ଆବଶ୍ୟକ ହେଉଥିବା ସମସ୍ତ ପୁଷ୍ଟିସାର ଓ ଭିଟାମିନ୍ । ଆଦି ମା' କ୍ଷୀରରେ ପର୍ଯ୍ୟାପ୍ତ ପରିମାଣରେ ରହିଛି । ଏହାର କୌଣସି ବିକଳ୍ପ ନାହିଁ । କୁପୋଷଣ ଦୂର କରିବାରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ । ଏଣୁ ସ୍ତନ୍ୟପାନ ଏକ ସୁସ୍ଥ ଶିଶୁ ପାଇଁ ଅତ୍ୟନ୍ତ ଜରୁରୀ । ସ୍ତନ୍ୟପାନ ଉପରେ ଜନସଚେତନତା ସୃଷ୍ଟି ପାଇଁ ଶ୍ରୀମତୀ ଶର୍ମା ମିଶନ ଶକ୍ତି ବିଭାଗ ଅନ୍ତର୍ଗତ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କର ସହଯୋଗ କାମନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଜାତୀୟ ସ୍ୱାସ୍ଥ୍ୟ ମିଶନର ଅତିରିକ୍ତ ନିର୍ଦ୍ଦେଶକ (ଶିଶୁ ସ୍ୱାସ୍ଥ୍ୟ) ଡ. ଆଦିତ୍ୟ ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ସ୍ତନ୍ୟପାନ ଦ୍ୱାରା ଆମେ ଶିଶୁ ମୃତ୍ୟୁହାର ହ୍ରାସ କରିବାରେ ସମର୍ଥ ହୋଇପାରିବା ବୋଲି ମତବ୍ୟକ୍ତ କରିଥିଲେ ।

# କେନ୍ଦ୍ର ବଜେଟ୍‌ର ସାରାଂଶ ଓ ସରଳୀକରଣ ବିବରଣୀ ସମସ୍ତଙ୍କ ପାଖରେ ପହଞ୍ଚାଇବାକୁ ପ୍ରୟାସ

**ବାଲେଶ୍ୱର, ନ୍ୟୁଜ୍**

ସମ୍ପ୍ରତି କେନ୍ଦ୍ର ସରକାରଙ୍କ ଦ୍ୱାରା ଉପସ୍ଥାପିତ ବଜେଟ୍-୨୦୨୪-୨୫ର ସାରାଂଶ ଓ ଏହାର ସରଳୀକରଣ ବିବରଣୀକୁ ସମସ୍ତଙ୍କ ପାଖରେ ପହଞ୍ଚାଇବାର ପ୍ରୟାସ ନେଇ ଫକୀରମୋହନ ବିଶ୍ୱବିଦ୍ୟାଳୟର ସାମାଜିକ ବିଜ୍ଞାନ ବିଭାଗ ଦ୍ୱାରା ଏକ ଜାତୀୟ ଆଲୋଚନାଚକ୍ର ଆୟୋଜିତ




ହୋଇଯାଇଛି । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ତଥା ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା, ସାମାଜିକ ବିଜ୍ଞାନ ବିଭାଗ ମୁଖ୍ୟ ପ୍ରଫେସର ପବିତ୍ର ମୋହନ ନାୟକଙ୍କ ଉପସ୍ଥିତିରେ ଏହି ଦିନିକିଆ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବରେ ନୂଆଦିଲ୍ଲୀର ଇଗ୍ରୋ ଫାଉଣ୍ଡେସନ୍‌ର ସିଇଓ ପ୍ରଫେସର ଚରଣ ସିଂଙ୍କ ସହ ଏହି ବିତର୍କ ଅଧିବେଶନରେ ସମ୍ମାନୀତ ବକ୍ତା ଭାବେ ଭୁବନେଶ୍ୱର ସ୍ଥିତ କିଟ୍ ବିଶ୍ୱବିଦ୍ୟାଳୟ ଅର୍ଥନୀତି ବିଭାଗର ପୂର୍ବତନ ପ୍ରଫେସର ସତ୍ୟ ନାରାୟଣ ମିଶ୍ର, ଏବଂ ତ୍ରିପୁରା ବିଶ୍ୱବିଦ୍ୟାଳୟ ଅର୍ଥନୀତି ବିଭାଗର ପ୍ରଫେସର ଇନ୍ଦ୍ରନୀଲ ଭୌମିକଙ୍କ ସହ ଅନୁଷ୍ଠିତ ହୋଇଥିଲା । କୁଳପତି ପ୍ରଫେସର ତ୍ରିପାଠୀ ନିଜ ଉଦ୍‌ବୋଧନରେ, ସଠିକ୍ ସମୟରେ ବିତର୍କ ପାଇଁ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗର ଚୟନ କରିଥିବାରୁ ବିଭାଗକୁ ଅଭିନନ୍ଦନ ଜଣାଇଛନ୍ତି । ଛାତ୍ର, ଶିକ୍ଷକ ଏବଂ ସମସ୍ତେ ଏ ଅବସରରେ ମୂଲ୍ୟବାନ ଜ୍ଞାନ ଆହରଣ ସହିତ ଆମନ୍ତ୍ରିତ ବକ୍ତାମାନଙ୍କ ଠାରୁ ବଜେଟ୍‌କୁ ସରଳଭାବେ ବୁଝିବାରେ ଆଗ୍ରହ ପ୍ରକାଶ କରି ଉପସ୍ଥିତ ରହିଥିବା ହେତୁ ସେ ଖୁସିବ୍ୟକ୍ତ କରିଥିଲେ । ଏକ ସ୍ୱଚ୍ଛ ଆଲୋଚନାରେ ପ୍ରଫେସର ଚରଣ ସିଂ ମାକ୍ରୋ ଇକୋନୋମିକ ଆଧାରିତ ବିଭିନ୍ନ ଦଳଗୁଡ଼ିକର ଧାରଣା ଓ ଢାଞ୍ଚା ଉପରେ ଆଲୋକପାତ କରିଥିଲେ । ସେ ଭାରତୀୟ ଅର୍ଥନୈତିକ ସ୍ଥିତି ପାଇଁ ଆର୍ଥିକ ଏକୀକରଣ ଏବଂ ଅର୍ଥନୈତିକ ଅଭିବୃଦ୍ଧିର ଗୁରୁତ୍ୱ ଉପରେ ମଧ୍ୟ ଧ୍ୟାନ ଦେଇଥିଲେ । ଭାରତୀୟ ଅର୍ଥନୀତି ପାଇଁ ବର୍ତ୍ତମାନର ବଜେଟ୍ ପ୍ରଭାବ ଉପରେ ସେ ଏକ ଆଶାବାଦୀ ଆଭିମୁଖ୍ୟ ପ୍ରକାଶ କରିଥିଲେ । ରୋଜଗାର, ଶିକ୍ଷା, ପୁଷ୍ଟିକର ଖାଦ୍ୟ ଏବଂ ଅସଂଗଠିତ କ୍ଷେତ୍ରର ପ୍ରଚଳିତ ଧାରାକୁ ଆଲୋକିତ କରିବା ସହିତ ପ୍ରଫେସର ସତ୍ୟ ନାରାୟଣ ମିଶ୍ରଙ୍କ ଏକ ଭିଜୁଆଲ୍ ଉପସ୍ଥାପନା ସହିତ ବିତର୍କ ପ୍ରସଙ୍ଗ ସମ୍ବନ୍ଧୀୟ ଅନେକ ତଥ୍ୟ ଦର୍ଶକଙ୍କ ନିକଟରେ ପହଞ୍ଚାଇଥିଲେ । ଏଥିସହିତ ପ୍ରଫେସର ଇନ୍ଦ୍ରନୀଲ ଭୌମିକ, କୃଷିର ଭବିଷ୍ୟତ ଏବଂ ଭାରତୀୟ ଅର୍ଥନୀତିକୁ ବୃଦ୍ଧି କରିବା ପାଇଁ ଋଷରେ ପ୍ରାକୃତିକ ଶକ୍ତି ସମ୍ବଳର ବ୍ୟବହାର ବିଷୟରେ ଆଲୋକିତ କରିଥିଲେ । ସହରୀକରଣ ଏବଂ ଅନୌପଚାରିକ କ୍ଷେତ୍ର ପାଇଁ ସେ ବଜେଟ୍‌ରେ ଥିବା ଆହ୍ୱାନ ଗୁଡ଼ିକ ବିଷୟରେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଭାଗ ମୁଖ୍ୟ ଡକ୍ଟର ପବିତ୍ର ମୋହନ ନାୟକ, କାର୍ଯ୍ୟକ୍ରମର ସଂଯୋଜକ ତଥା ଅର୍ଥନୀତି ବିଭାଗର ଆସୋସିଏଟ୍ ପ୍ରଫେସର ପ୍ରଫେସର ସୁନୀଲ କୁମାର ପାଢ଼ୀ, ଅର୍ଥନୀତି ବିଭାଗର ଆସୋସିଏଟ୍ ପ୍ରଫେସର ଡ଼କ୍ଟର ଗୀତାଞ୍ଜଳି ପଣ୍ଡା, ସମସ୍ତ ଅଧ୍ୟାପକ-ଅଧ୍ୟାପିକା, ଅଣଶିକ୍ଷକ କର୍ମଚାରୀ, ଗବେଷଣାରତ ଛାତ୍ରଛାତ୍ରୀମାନେ ଏହି ବିତର୍କ ଓ ଆଲୋଚନାଚକ୍ର କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସହକାରୀ ପ୍ରଫେସର ଡ଼କ୍ଟର ରାଜଶ୍ରୀ ଦତ୍ତ ସଞ୍ଚାଳନ କରିଥିଲେ ଏବଂ ଧନ୍ୟବାଦ ଅର୍ପଣ ଡ଼କ୍ଟର ସଚ୍ଚିଦାନନ୍ଦ ସାଙ୍କ ଦ୍ୱାରା କରାଯାଇଥିଲା ।



# ହାତୀ ଦାନ୍ତ ଜବତ:୭ ଗିରଫ

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ବନ ବିଭାଗ ପକ୍ଷରୁ ବ୍ୟାପକ କାର୍ଯ୍ୟାନୁଷ୍ଠାନ ନିଆଯାଉଥିଲେ ମଧ୍ୟ ଶିମିଳିପାଳରେ ଜନ୍ତୁ ଶିକାର ସହ ହାତୀଦାନ୍ତ, ବାଘ ଚମଡା ତସ୍କରି ଥମିବାର ନାମ ଧରୁନି । ଗୁରୁବାର ବାରିପଦା ବନଖଣ୍ଡର କପ୍ତିପଦା ରେଞ୍ଜରେ ବନ୍ୟଜନ୍ତୁ ଅପରାଧର ଚଢ଼ାଉ ଚାଲିଥିବା ବେଳେ ୫ଟି ହାତୀଦାନ୍ତ ଜବତ ହେବା ସହିତ ୭ଜଣ ବ୍ୟକ୍ତିଙ୍କୁ ଗିରଫ କରାଯାଇ ଘଟଣାର ଅଧିକ ତଦନ୍ତ ଚାଲିଥିବାର ଜଣାଯାଇଛି । ଗିରଫ ବ୍ୟକ୍ତିମାନେ ବିଦ୍ୟାଧରନଗର ଗ୍ରାମର ନଉରୁ ସିଂ (୭୦), ଯମୁନା ଗ୍ରାମର ନିରଞ୍ଜନ ବେହେରା (୪୬), ଗୋବରାଶୋଳ ଗ୍ରାମର ସାମଲ ସିଂ (୩୫), ମହୁଲବରେଇ ଗ୍ରାମର ବୀରଭଦ୍ର ସିଂ (୪୨), କାଦୁଆଣୀ ଗ୍ରାମର ଅଜୟ ବାରିକ (୪୪), ବେଡେଇ ଗ୍ରାମର ସୁନୀଲ କୁମାର ହୋ (୨୯), ମହୁଲପାଙ୍ଗ ନିତ୍ୟାନନ୍ଦ ଗଗରାଇ (୨୭) ବୋଲି ସୂଚନା ମିଳିଛି ।

# ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ରାଇଘର, ନ୍ୟୁଜ୍ ବ୍ୟୁରୋ**

ରାଇଘର ଥାନା ମହନ୍ତ ଗାଁର ଜଣେ ଯୁବକ ଗଛରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ତାଙ୍କ ନାଁ ବିକ୍ରମ ଗଣ୍ଡ (୨୩) । ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାରକୁ ହସ୍ତାନ୍ତର କରିଛି । ଆତ୍ମହତ୍ୟାର କାରଣ ଜଣାପଡ଼ିନି। ଏ ସମ୍ପର୍କରେ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇ ତଦନ୍ତ ଚାଲୁ ରହିଥିବା ପୋଲିସ କହିଛି। ମିଳିଥିବା ସୂଚନା ଅନୁଯାୟୀ, ବୁଧବାର ରାତିରେ ପରିବାର ସହ ଖାଇବା ପରେ ବାହାରକୁ ଯାଇଥିଲେ ବିକ୍ରମ। ଆଉ ଘରକୁ ଫେରିନଥିଲେ। ଶୁକ୍ରବାର ସକାଳେ କନାହାଣ୍ଡି ଗାଁ ନିକଟ ଜମିରେ ଧାନ ପଲା ରୋଇବା ସମୟରେ କେତେକ ଲୋକ ଏକ କରଞ୍ଜ ଗଛରେ ତାଙ୍କ ମୃତଦେହ ଝୁଲୁଥିବା ଦେଖିବାକୁ ପାଇଥିଲେ। ସେମାନେ ପରିବାର ଲୋକଙ୍କୁ ଜଣାଇଥିଲେ । ଏହାପରେ ପରିବାର ଲୋକେ ରାଇଘର ଥାନାକୁ ଖବର ଦେଇଥିଲେ । ପୋଲିସ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲା।

# ସମ୍ଭାବ୍ୟ ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ବିଗତ କିଛି ଦିନ ଧରି ମୟୂରଭଞ୍ଜର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ଲାଗିରହିବା ଫଳରେ, ସ୍ଥାନୀୟ ନଦୀ ମାନଙ୍କର ଜଳସ୍ତର ବଢ଼ିବାରେ ଲାଗିଛି ଏବଂ ବିଭିନ୍ନ ଅଞ୍ଚଳରେ ବନ୍ୟା ଓ ସମ୍ଭାବ୍ୟ ବନ୍ୟା ପରିସ୍ଥିତି ଦେଖିବାକୁ ମିଳିଛି । ଏହିପରି ପରିସ୍ଥିତିର ତୁରନ୍ତ ସମାଧାନ ପାଇଁ ସ୍ୱତନ୍ତ୍ର ରିଲିଫ କମିଶନର ମଧ୍ୟ ସତର୍କ ସୂଚନା ଅନ୍ତର୍ଭୁକ୍ତ ସମସ୍ତ ଜିଲ୍ଲାପାଳ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସେହି ପରିପ୍ରେକ୍ଷୀରେ, ମୟୂରଭଞ୍ଜ ଜିଲ୍ଲାର, ବିଶେଷ କରି ଶିମିଳିପାଳ ଅଞ୍ଚଳ ଗୁଡିକରେ ସମ୍ଭାବ୍ୟ ବନ୍ୟା ପରିସ୍ଥିତିରୁ ରକ୍ଷା ପାଇବା ଏବଂ ବନ୍ୟା ହେଉଥିବା ସ୍ଥାନ ଗୁଡିକରୁ କିଭଳି ଜନଜୀବନ ଉଦ୍ଧାର କରିହେବ ସେ ନେଇ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ସମସ୍ତ ପ୍ରଶାସନିକ ଅଧିକାରୀଙ୍କୁ ଜରୁରୀକାଳୀନ ଦାୟିତ୍ୱ ଦେଇଛନ୍ତି । ବିପର୍ଯ୍ୟୟ ପରିସ୍ଥିତିକୁ ସାମ୍ନା କରିବା ପାଇଁ, ଜିଲ୍ଲାପାଳ ସମସ୍ତ ଉପଜିଲ୍ଲାପାଳଙ୍କ ଅଧୀନରେ ଥିବା ଉପଖଣ୍ଡ ଗୁଡିକ ଦେଇ ପ୍ରବାହିତ ନଦୀ ଗୁଡିକର ଜଳସ୍ତର ଅନୁଧ୍ୟାନ କରିବାପାଇଁ କହିଛନ୍ତି ଏବଂ ଆବଶ୍ୟକ ସ୍ଥଳେ ଅଧିକ ବୃଷ୍ଟିପାତ ହେଉଥିବା ସ୍କୁଲ କଲେଜ ଗୁଡିକୁ ବନ୍ୟା ପରିସ୍ଥିତି ନ ସୁଧୁରିବା ଯାଏଁ ସାମୟିକ ଭାବେ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଶିମିଳିପାଳରେ ଯେଉଁ ଅଞ୍ଚଳରେ ଭୂସ୍ଖଳନ ହେବାର ସମ୍ଭାବନା ଅଛି ସେ ସ୍ଥାନ ମାନଙ୍କରୁ ଲୋକମାନଙ୍କୁ ସ୍ଥାନାନ୍ତରଣ କରି ସୁରକ୍ଷିତ ସ୍ଥାନ ମାନଙ୍କୁ ନେଇଯିବାକୁ ଏବଂ ଡ଼ାକବାଜି ଯନ୍ତ୍ର ଦ୍ୱାରା ସମସ୍ତ ଜନସାଧାରଣଙ୍କୁ ସତର୍କ ସୂଚନା ପ୍ରଦାନ କରିବାକୁ ମଧ୍ୟ ଜିଲ୍ଲାପାଳ ଆଦେଶ ଦେଇଛନ୍ତି । ଶିମିଳିପାଳ ଅଞ୍ଚଳର ସମସ୍ତ ବିପଦ ସଂକୁଳ ପଞ୍ଚାୟତ ଗୁଡିକରେ ବନ ବିଭାଗର କର୍ମଚାରୀ ମାନେ ଜାଗ୍ରତ ରହିବା ଏବଂ ସମସ୍ତ ଆବଶ୍ୟକ ସ୍ଥଳ ମାନଙ୍କରେ ଉଦ୍ଧାର ଓ ସ୍ଥାନାନ୍ତର କାର୍ଯ୍ୟରେ ସହାୟତା ନିମନ୍ତେ ସମସ୍ତ ଅଗ୍ନିଶମ କେନ୍ଦ୍ରର କର୍ମକର୍ତ୍ତା ମାନେ ପ୍ରସ୍ତୁତ ରହିବେ ବୋଲି, ଶିମିଳିପାଳ ବନଖଣ୍ଡ ଉପ-ନିର୍ଦ୍ଦେଶକ, ସାଇ କିରଣ କହିଛନ୍ତି । ବନ୍ୟାଞ୍ଚଳର ନିକଟସ୍ଥ ସମସ୍ତ ବିଡ଼ିଓ, ତହସିଲଦାର, ରାଜସ୍ୱ ନିରୀକ୍ଷକ ଓ ସହରାଞ୍ଚଳ ସ୍ଥାନୀୟ ସଂସ୍ଥାର ନିର୍ବାହୀ ଅଧିକାରୀଙ୍କୁ ବିପର୍ଯ୍ୟୟ ପ୍ରବଣ ଗ୍ରାମ ଓ ବାସସ୍ଥାନ ପାଇଁ ସ୍ଥାନାନ୍ତର ଯୋଜନା ପ୍ରସ୍ତୁତ କରିବା ପାଇଁ ଆଦେଶ ଦିଆଯାଇଛି । ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳୀ ଗୁଡ଼ିକରେ ପର୍ଯ୍ୟାପ୍ତ ଜଳ ଯୋଗାଣ, ଆଲୋକୀକରଣ, ପରିମଳ ବ୍ୟବସ୍ଥା ଏବଂ ମୌଳିକ ସୁବିଧା ଉପଲବ୍ଧ କରାଯିବ । ଶୁଖିଲା ଖାଦ୍ୟ ଓ ଶିଶୁ ଖାଦ୍ୟ ସମେତ ପର୍ଯ୍ୟାପ୍ତ ପରିମାଣରେ ଖାଦ୍ୟ ସାମଗ୍ରୀ ମହଜୁଦ ରଖିବା ପାଇଁ ବ୍ୟବସ୍ଥା କରାଯିବ । ପ୍ରଭାବିତ ଅଞ୍ଚଳଗୁଡିକରେ ନିରାପଦ ପାନୀୟ ଜଳ, ଔଷଧ, ଗୋଖାଦ୍ୟ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ ସୁନିଶ୍ଚିତ କରାଯିବା ପାଇଁ ଆଦେଶ ଦିଆଯାଇଛି ।

# ଡଙ୍କାରୀ ଖାଦାନରେ ୩ ଶ୍ରମିକ ମୃତ୍ୟୁ ଘଟଣାରେ ହସ୍ତକ୍ଷେପ କଲେ ମୁଖ୍ୟ ଶାସନସଚିବ

**ଯାଜପୁର, ନ୍ୟୁଜ୍**

ଯାଜପୁର ଜିଲ୍ଲା ଧର୍ମଶାଳା ତହସିଲ ଅଧୀନରେ ଥିବା କଳାପଥର ଖାଦାନ ଗୁଡିକରେ ଖଣି ସୁରକ୍ଷା ଆଇନ୍‌ର ଉଲ୍ଲଂଘନ କରାଯାଇ ପାହାଡ଼ ଗୁଡିକ ସମୁଦ୍ର ପରି ଖନନ କରାଯାଉଛି। ଏଥିରେ କାର୍ଯ୍ୟରତ ଶ୍ରମିକ ମାନଙ୍କୁ ଅସୁରକ୍ଷିତ ଭାବେ କାର୍ଯ୍ୟ କରାଯାଉଥିବାରୁ ଶ୍ରମିକମାନେ ପୋକମାଛି ପରି ମରୁଛନ୍ତି। ବ୍ୟବସାୟୀଙ୍କ ଚାପରେ ଏହି ଘଟଣାକୁ କଳେ ବଳେ କୌଶଳେ ଚପାଇ ଦିଆଯାଉଛି। ଡଙ୍କାରୀ କଳାପଥର ଖାଦାନରେ ୩ଜଣ ଶ୍ରମିକଙ୍କ ମୃତ୍ୟୁ ଘଟଣାରେ ରାଜ୍ୟର ମୁଖ୍ୟ ଶାସନ ସଚିବ ହସ୍ତକ୍ଷେପ କରିଛନ୍ତି। ଗତ ୧୬ ମେ ୨୦୨୪ ରିଖରେ ଡଙ୍କାରୀ କଳାପଥର ଖାଦାନରେ ପଥର ଉତ୍ତୋଳନ କାର୍ଯ୍ୟ କରୁଥିବା ବେଳେ ଅତଡା ଖସି ୩ଜଣ ଶ୍ରମିକଙ୍କ ମୃତ୍ୟୁ ହେବା ଘଟଣା ରାଜ୍ୟରେ ଗଣମାଧ୍ୟମରେ ମୁଖ୍ୟ ଖବର ହୋଇଥିଲା। ହେଲେ ଅଦ୍ୟାବଧି ଏହି ଘଟଣାରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ କିମ୍ବା ସଂପୃକ୍ତ ଖାଦାନ ଲିଜ୍‌ଧାରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଏଥିନେଇ ଘୋର୍ ଉଦ୍‌ବେଗ ପ୍ରକାଶ କରି ଧର୍ମଶାଳା ପାହାଡ଼ ପର୍ବତ ସୁରକ୍ଷା ମଞ୍ଚ ସଭାପତି ତଥା ଭୂମିପୁତ୍ର ବିଜୁ ପଟ୍ଟନାୟକ ଶ୍ରମିକ ସଂଘ ସଭାପତି ସତୀଶ ବିଶ୍ୱାଳ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମୁଖ୍ୟ ଶାସନ ସଚିବଙ୍କ ତରଫରୁ ଏହି ଘଟଣା ତଦନ୍ତ ପାଇଁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଇସ୍ପାତ ଓ ଖଣି ବିଭାଗ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଗୃହ ବିଭାଗ ଏବଂ ଜିଲ୍ଲାପାଳ ଯାଜପୁରଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ଆଧାରରେ ଖଣି ଓ ଇସ୍ପାତ ବିଭାଗର ଅତିରିକ୍ତ ସଚିବ ରାଜେଶ କୁମାର ନାୟକଙ୍କ ତରଫରୁ ନିର୍ଦ୍ଦେଶକ ଲଘୁ ଖଣିଜ ଦ୍ରବ୍ୟ ଏବଂ ଯାଜପୁର ଜିଲ୍ଲାପାଳଙ୍କୁ ପତ୍ର ନମ୍ବର-୫୫୨୮ ତା୧୦.୦୭.୨୪ ରିଖ ପ୍ରଦାନ କରାଯାଇଛି। ଏଥିରେ ସତୀଶ ବିଶ୍ୱାଳଙ୍କ ଅଭିଯୋଗକୁ ଭିତ୍ତିକରି ତୁରନ୍ତ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ନିର୍ଦ୍ଦେଶ ପ୍ରଦାନ କରାଯାଇଛି। ଏଥିନେଇ ଲଘୁ ଖଣିଜ ଦ୍ରବ୍ୟ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ତରଫରୁ ଅତିରିକ୍ତ ନିର୍ଦ୍ଦେଶକ ପତ୍ର ନମ୍ବର- ୧୨୨୯ ତା୧୧.୦୭.୨୪ରିଖ ଯାଜପୁର ଡେପୁଟି ଡାଇରେକ୍ଟରଙ୍କୁ ପ୍ରଦାନ କରିଛନ୍ତି। ଏଥିନେଇ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।



# ମନ୍ତ୍ରୀଙ୍କୁ ସାଂସଦଙ୍କ ଅନୁରୋଧ:ରାଇସୁଆଁ ଏୟାର୍ ଷ୍ଟ୍ରିପ୍‌କୁ 'ଉଡ଼ାଣ' ଯୋଜନାରେ ସାମିଲ୍ କରାଯାଉ

**କେନ୍ଦୁଝର, ନ୍ୟୁଜ୍**

ନୂଆଦିଲ୍ଲୀ ଠାରେ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କେ. ରାମମୋହନ ନାଇଡୁଙ୍କୁ ସାକ୍ଷାତ କରିଥିଲେ ସାଂସଦ ଅନନ୍ତ ନାୟକ। ଏହି ସାକ୍ଷାତ ଅବସରରେ କେନ୍ଦୁଝରର ରାଇସୁଆଁ ସ୍ଥିତ ଏୟାର ଷ୍ଟ୍ରିପ୍‌କୁ ଉଡାନ୍ ଯୋଜନାରେ ସାମିଲ କରିବାକୁ ଅନୁରୋଧ କରିବା ସହିତ ତାଙ୍କୁ ଏ ବାବଦରେ ବିଧିବଦ୍ଧ ଭାବେ ଏକ ପତ୍ର ପ୍ରଦାନ କରିଛନ୍ତି କେନ୍ଦୁଝରର ସାଂସଦ ଶ୍ରୀ ଅନନ୍ତ ନାୟକ। କେନ୍ଦୁଝର ଜିଲ୍ଲା ଏକ ଶିଳ୍ପ ଭିତ୍ତିକ ଜିଲ୍ଲା ହୋଇଥିବାରୁ ଏହି ଏୟାର ଷ୍ଟ୍ରିପ୍‌କୁ ଉଡାନ୍ ଯୋଜନାରେ ସାମିଲ୍ କରାଯାଇ ପାରିଲେ ଜିଲ୍ଲାରୁ ଗମନା ଗମନରେ ସହଜ ହେବା ସହିତ ଅନେକ ବହୁରାଷ୍ଟ୍ରୀୟ କମ୍ପାନୀ ମାନଙ୍କର କେନ୍ଦୁଝର ଜିଲ୍ଲାରେ ଶିଳ୍ପ ପ୍ରତିଷ୍ଠାରେ ଆଗ୍ରହ ବଢିବ। ସାଂସଦ ଏହିପରି ଲଗାତାର ପ୍ରୟାସ ପାଇଁ ବୁଦ୍ଧିଜୀବୀ ମାନେ ଖୁସି ପ୍ରକାଶ କରୁଛନ୍ତି। ଜିଲ୍ଲାର ଏହି ଏୟାର ଷ୍ଟ୍ରିପ୍‌ଟି ଏୟାର୍‌ପୋର୍ଟରେ ରୂପାନ୍ତରିତ ହୋଇପାରିଲେ ଜିଲ୍ଲାର ଆଗ୍ରଗତିରେ ଆଉଏକ ମାଇଲ୍‌ଷ୍ଟୋନ୍ ଛୁଇଁବ କେନ୍ଦୁଝର।

## — ନୀଳାଚଳ ବିସ୍ଥାପିତ ମହିଳାଙ୍କ ମୃତ୍ୟୁ ଘଟଣା —

# ପ୍ରଶାସନିକ ପ୍ରତିଶ୍ରୁତି ପରେ ବିସ୍ଥାପିତଙ୍କ ଆନ୍ଦୋଳନ ହଟିଲା

**କଳିଙ୍ଗନଗର, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ଜିଲ୍ଲା କଳିଙ୍ଗନଗର ଶିଳ୍ପାଞ୍ଚଳ ଅନ୍ତର୍ଗତ ନୀଳାଚଳ ଇସ୍ପାତ କାରଖାନାର ଚିକିତ୍ସାଧୀନ ଶ୍ରମିକଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା ଦେଖାଦେଇଛି । କାରଖାନା ଗେଟ୍ ସମ୍ମୁଖରେ ମୃତ ଶ୍ରମିକଙ୍କ ଶବ ରଖି ଆନ୍ଦୋଳନ ଜାରି ରହିବା ସହିତ ମୃତକ ପରିବାରରୁ ଜଣଙ୍କୁ ଚାକିରି ଓ ଉପଯୁକ୍ତ କ୍ଷତିପୂରଣ ଦାବିରେ କାରଖାନାର କାର୍ଯ୍ୟରତ କିଛି ଶ୍ରମିକ କର୍ମଚାରୀ ଏବଂ ମୃତ ଶ୍ରମିକଙ୍କ ପରିବାର ଲୋକେ ମିଶି ଫାଟକ ସମ୍ମୁଖରେ ଶବ ରଖି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ସୂଚନା ଅନୁଯାଇ କଳିଙ୍ଗନଗର ଶିଳ୍ପାଞ୍ଚଳସ୍ଥ ନୀଳାଞ୍ଚଳ ଇସ୍ପାତ ନିଗମ ପାଇଁ ବାରଗାଡିଆ ପଞ୍ଚାୟତ ଖଣ୍ଡିଆ ପଶୀ ଗାଁର ଫୁକ୍ରାର ପୂର୍ତ୍ତି ବିସ୍ଥାପିତ ହୋଇଥିଲେ । ତାଙ୍କୁ ଗୋବରଘାଟି ନୀଳାଚଳ କଲୋନୀରେ ଥଇଥାନ କରାଯାଇଥିଲା । ବିସ୍ଥାପିତ ନୀତି ଅନୁଯାୟୀ ସେ ନୀଳାଚଳ କାରଖାନାରେ ନିଯୁକ୍ତି




ପାଇଥିଲେ । ହେଲେ କିଛି ବର୍ଷ ପୂର୍ବେ ଫୁକ୍ରାରଙ୍କ ହଠାତ୍ ମୃତ୍ୟୁ ଘଟିଥିଲା । ତାଙ୍କ ମୃତ୍ୟୁ ପରେ ପତ୍ନୀ ଜମୁନା ପୂର୍ତ୍ତି (୪୯)ଙ୍କର ମୃତ୍ୟୁ ଘଟିଛି । ଏବେ ତାଙ୍କର ତିନି ପୁଅ ବାପା-ମା'କୁ ହରାଇ ବେସାହାରା ହୋଇପଡିଛନ୍ତି । ମୃତକ ପରିବାର ଉତ୍ତରାଧିକାରୀଙ୍କ ମଧ୍ୟରୁ ଜଣକୁ ନିଯୁକ୍ତି ଏବଂ କ୍ଷତିପୂରଣ ଦାବିରେ ବିସ୍ଥାପିତ ଲୋକମାନେ ନୀଳାଚଳ ଫାଟକ ସାମ୍ନାରେ ଶବ ରଖି ଧାରଣା ଦେଇଛନ୍ତି । କାରଖାନା ଫାଟକ ସମୁଖରେ ଶବ ରଖି ଆନ୍ଦୋଳନ ଜାରି ରହିବାରୁ କାରଖାନା ଭିତର ଓ ବାହାରକୁ ଯାତାୟାତ ଏବଂ ପରିବହନ କାର୍ଯ୍ୟ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିଲା । ଫାଟକ ସମ୍ମୁଖୀନରେ ଅଶାନ୍ତ ସୃଷ୍ଟି ଦେଖାଦେବାରୁ ପରିସ୍ଥିତି ସାମାନ୍ୟ ଓ ନିୟନ୍ତ୍ରଣ ପାଇଁ ଫାଟକ ଆଗରେ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା । ଏଥିଯୋଗୁ କାରଖାନା ମଧ୍ୟରେ କାର୍ଯ୍ୟରତ ଶ୍ରମିକ କର୍ମଚାରୀ ମାନେ ଅଟକି ରହିଥିବା ଜଣାପଡିଛି । କାରଖାନା ଫାଟକ ବନ୍ଦ କରି ଆନ୍ଦୋଳନ ଜାରିଥିବା ଖବରପାଇ ପବନ କୁମାର କଲ୍ୟାଣ ଜିଲ୍ଲାପାଳ ଯାଜପୁର, ବିନୀତି ଅଗ୍ରୱାଲ ଅଧିକ୍ଷକ ଅଧିକାରୀ ଯାଜପୁର, ସୁକିନ୍ଦା ତହସିଲଦାର, କଳିଙ୍ଗନଗର ଅତିରିକ୍ତ ଅଧିକ୍ଷକ ଅଧିକାରୀ ଏସପି ଏସ. ଟପ୍ପୋ, ଅତିରିକ୍ତ ଜିଲ୍ଲାପାଳ କଳିଙ୍ଗନଗର, କଳିଙ୍ଗନଗର ଥାନା ଅଧିକାରୀ ପ୍ରକାଶ ସାହୁ, ଘଟଣାସ୍ଥଳରେ ପହଞ୍ଚି କାରଖାନା ଅଧିକାରୀମାନେ ବିକ୍ଷୋଭକାରୀଙ୍କ ସହ ଆଲୋଚନା କରିଥିଲେ । ତ୍ରିପାକ୍ଷିକ ଆଲୋଚନାରେ ମୃତ ଜମୁନା ପୂର୍ତ୍ତିଙ୍କ ପୁଅ ବିଶ୍ୱଜିତଙ୍କୁ ମା'ଙ୍କ ଶୁଦ୍ଧିକ୍ରିୟା ପାଇଁ ୬୦ ହଜାର ଟଙ୍କା ଦେବା ସହିତ ଅସୁସ୍ଥ ଥିବା ବିଶ୍ୱଜିତଙ୍କ ଚିକିତ୍ସା ବହନ କରିବ । ନୀଳାଞ୍ଚଳରେ ବିସ୍ଥାପିତ ପରିବାରଙ୍କୁ ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା ଯୋଗାଇଦେବାକୁ ନୀଳାଞ୍ଚଳ ଇସ୍ପାତ (ଟାଟା) କାରଖାନା ଜିଲ୍ଲା ପ୍ରଶାସନ ସମ୍ମୁଖୀନରେ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନକାରୀ ଆନ୍ଦୋଳାନ ପ୍ରତ୍ୟାହୃତ କରିଥିଲେ ।

# 'ସମ୍ବଲପୁରୀ ଦିନ' ପଶ୍ଚିମାଞ୍ଚଳ ବାସୀଙ୍କ ଅସ୍ମିତାର ଦିନ ରୂପେ ଗ୍ରହଣୀୟ ହୋଇଛି

**ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ**

ଭାରତୀ ସମାଜ ପକ୍ଷରୁ ୧୨ ବର୍ଷ ପୂର୍ବରୁ ଗୁରୁ ସତ୍ୟ ନାରାୟଣ ବହିଦାରଙ୍କର ଜନ୍ମ ଶତବାର୍ଷିକୀ କାର୍ଯ୍ୟକ୍ରମରେ ହୋଇଥିବା ନିଷ୍ପତ୍ତି ଏବେ ଜନ ଆନ୍ଦୋଳନରେ ପରିଣତ ହୋଇଛି । ଦିନକୁ ଦିନ ସମ୍ବଲପୁରୀ ଦିନ୍ ପଶ୍ଚିମାଞ୍ଚଳ ବାସୀଙ୍କର ଅସ୍ମିତାର ଦିନ ଭାବେ ଗ୍ରହଣୀୟ ହୋଇଚାଲିଛି । ଚଳିତ ବର୍ଷ ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ଗୁରୁ ସତ୍ୟ ନାରାୟଣ ସମ୍ବଲପୁରୀ ଡେରାରେ ରାଜ୍ୟ ସ୍ତରୀୟ ସମ୍ବଲପୁରୀ ଦିନ ଆୟୋଜିତ ହୋଇଛି । ସମ୍ବଲପୁରୀ ସଂସ୍କୃତିର ପୁରୋଧା ଗୁରୁଶ୍ରୀ ସତ୍ୟ ନାରାୟଣ ବହିଦାରଙ୍କର ଜନ୍ମ କରାଯାଇ ଥିଲା। ଡ.ସ୍ୱୟଂ ପ୍ରକାଶ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଗାୟକ ଏବଂ ଗୀତକାର ମୋତିଲାଲ ଦୋରା, ବବଲୁ ବାଗ, ଅମିନ କୁମାର ପାଢ଼ୀ ଅତିଥି ଭାବରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ପଶ୍ଚିମାଞ୍ଚଳର ୪୬ ଜଣ ନିମନ୍ତ୍ରିତ କବି କବୟିତ୍ରୀ ସାମିଲ ହୋଇ ସମ୍ବଲପୁରୀ କବିତା ପାଠ କରିଥିଲେ । ଏହାପରେ ଗୁରୁଶ୍ରୀ ସତ୍ୟନାରାୟଣ ବହିଦାରଙ୍କର ପ୍ରତିମୂର୍ତ୍ତିରେ ଓଡ଼ିଶାର ପଞ୍ଚାୟତିରାଜ ଏବଂ ଗ୍ରାମୀଣ ବିକାଶ ମନ୍ତ୍ରୀ ରବି ନାରାୟଣ ନାୟକ ମାଲ୍ୟାର୍ପଣ କରିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମରେ



ଶତବାର୍ଷିକୀ ୨୦୧୩ରେ ପଶ୍ଚିମାଞ୍ଚଳ ଏକତା ମଞ୍ଚ ଗଠନ କରାଯାଇ ଅଗଷ୍ଟ – ୧ ତାରିଖରେ ସମ୍ବଲପୁରୀ ଦିନ ଭାବରେ ପାଳନ ଆରମ୍ଭ ହୋଇ ଚଳିତ ବର୍ଷ ୧୨ ବର୍ଷରେ ପଦାର୍ପଣ କରିଛି । ଗୁରୁଶ୍ରୀ ବହିଦାର ସମ୍ବଲପୁରୀ ସାଧକ କବି କଳାକାରମାନଙ୍କୁ ଏକ୍‌ଜୁଟ୍ କରିବା ସହ ଭାଷା ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ସାରା ଜୀବନ ଦେଇଥିଲେ । ସ୍ଥାନୀୟ ଜେଲ୍ ଛକ ନିକଟସ୍ଥ ସମ୍ବଲପୁରୀ ଡେରାରେ ପଶ୍ଚିମାଞ୍ଚଳ ଏକତା ମଞ୍ଚ ଆୟୋଜିତ ସମ୍ବଲପୁରୀ ଦିନରେ ସକାଳୁ ସମ୍ବଲପୁରୀ କବିତା ପାଠର ଆୟୋଜନ ସାମିଲ୍ ହୋଇଥିଲେ । କଳାହାଣ୍ଡିର କଳାକାର ମୂରଲୀଧର ମହାରଣାଙ୍କ ଦ୍ୱାରା କାଷ୍ଠ ନିର୍ମିତ ମୂର୍ତ୍ତିକୁ ଲୋକାର୍ପିତ କରାଯିବା ପରେ ପୂଜାର୍ଚ୍ଚନା କରାଯାଇଥିଲା । ଏହି ଅବସରରେ ଶ୍ରୀ ମହାରଣାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପଶ୍ଚିମାଞ୍ଚଳ ଏକତା ମଞ୍ଚର ଆବାହକ ଭବାନିଶ ଭୋଇଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ସଂଯୋଜକ ମାନସ ରଞ୍ଜନ ବକ୍ସି ଆସନ୍ତା ବର୍ଷ ସମ୍ବଲପୁରୀ ଦିନକୁ ସରକାରି କ୍ୟାଲେଣ୍ଡରରେ ସାମିଲ୍ କରିବାକୁ ଦାବି କରିଥିଲେ ।

# ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**

| | | |
|---|---|---|
| ୧ ବୃହ / ୧୨ ର | ୧୦ | ରା୯ / ଶ୍ମ |
| ର ଲ | ୭ / ୩ | ୭ |
| ୨ ଶୁଚ୍ଚ / ୩ କେ | ୪ | ୬ / ୫ |

**କଳିକା ପଞ୍ଜିକା :** ଉତ୍କଳୀୟ ସନ –୧୪୩୧ ସାଲ, ଶକାବ୍ଦ –୧୯୪୩, ସମ୍ବତ୍ – ୨୦୮୧, ହିଜରୀ – ୧୪୪୫, କଳିଯୁଗାବ୍ଦ – ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ – ଅ୬୭ଙ୍କ

**ତା୩।୮।୨୦୨୪, ଶ୍ରାବଣ ଦି୧୯ନ, ଶନିବାର**

**ସୂର୍ଯ୍ୟୋଦୟ- ଘ୫।୨୩।୧୨** **ଚନ୍ଦ୍ରୋଦୟ- ନିଘ ୪ ।୫୭।୩୯**

**ଚତୁର୍ଦ୍ଦଶୀ**- ଦିଘ ୩।୫୧ ପର୍ଯ୍ୟନ୍ତ । **ପୁନର୍ବସୁ ନକ୍ଷତ୍ର** - ଦିଘ ୧୨।୦୧ ପର୍ଯ୍ୟନ୍ତ । **ମିଥୁନ ଚନ୍ଦ୍ର**- ପ୍ରାଘ ୫।୪୧ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି**- ମେଷ, ମିଥୁନ, କର୍କଟ, ସିଂହ, ଧନୁ, ମକର ଓ ମୀନ ରାଶିର । ପ୍ରାଘ ୫।୪୧ ଗତେ ମେଷ, ବୃଷ, କର୍କଟ, କନ୍ୟା, ତୁଳା, ମକର ଓ କୁମ୍ଭ ରାଶିର । **ଘାତ ଚନ୍ଦ୍ର**- କନ୍ୟା ରାଶିର ପ୍ରାଘ ୫।୪୧ ମଧ୍ୟେ । **ଶ୍ରାଦ୍ଧନିର୍ଣ୍ଣୟ**- ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ**- ବିରି ଦିଘ ୩।୫୧ ପରେ ଆମିଷ ଖାଇବା ମନା । **ଆଜିର ଶୁଭବେଳା**- ଦିଘ ୧୦।୧୬ ଗତେ ଘ ୧।୦୯ ମଧ୍ୟେ । ରାଘ ୮।୩୩ ଗତେ ଘ ୧୦।୪୬ ମଧ୍ୟେ । **ପର୍ବୋତ୍ସବ**- ଅମାବାସ୍ୟାର ନିଶାପାଳନ, ଗୃହୀଣାଂ ଚିତ୍ରକ ପର୍ବ ।



**ମେଷ:** ଶାରୀରିକ ଅସୁସ୍ଥତା ଅନୁଭବ କରିବେ । ଶତ୍ରୁମାନେ ପରାଜିତ ହେବେ । ଯାନବାହାନ କ୍ରୟ କରିବେ । ଅର୍ଥ ଲାଭ ହେବ । ବ୍ୟବସାୟରେ ଲାଭବାନ୍ ହେବେ । ପାରିବାରିକ ସୁଖ ଶାନ୍ତି ଲାଭ ହେବ ।



**ବୃଷ:** ଏକାଧିକ କାମ ହାତରେ ଥିବା ହେତୁ ବ୍ୟସ୍ତ ରହିବେ । ମାଲିମୋକଦ୍ଦମାରେ ଶୁଣାଣି ବିଳମ୍ବରେ ହେବ । ସତ କଥା କହି ଅସୁବିଧାରେ ପଡ଼ିବେ । ରେଜାଗାରରେ ଉନ୍ନତି ହେବ । ଗୃହରେ ଆନନ୍ଦ ଲାଭ ।



**ମିଥୁନ:** କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିବେ । ମାନସିକ ସ୍ଥିତି ଭଲ ରହିବନାହିଁ । ସୁଖ ଓ ନିରାମୟ ଜୀବନ ଯାପନ କରିବେ । ଆୟ ଓ ବ୍ୟୟ ସମାନ ରହିବ । ମହିଳାମାନେ ସୁଖୀ ହେବାର ସୂଚନା ।



**କର୍କଟ:** ପରିବାରରେ ସମସ୍ୟା ଦେଖାଦେବ । ଯାନବାହାନ ଠାରୁ ସତର୍କ ରହିଲେ ଭଲ । ଧର୍ମ କାର୍ଯ୍ୟ ଆଡ଼କୁ ମନ ବଳାଇବେ । ପରାକ୍ରମଶାଳୀ ହେବେ । ବିଳାସ ବ୍ୟସନ ସାମଗ୍ରୀ ପାଇବେ । ରୋଜଗାର ଭଲ ହେବ ।



**ସିଂହ:** ଧୈର୍ଯ୍ୟର ସହ କାମ କରିବେ । ଚାକିରୀ କ୍ଷେତ୍ରରେ ସହକର୍ମୀଙ୍କ ଠାରୁ ସହଯୋଗ ପାଇବେ । ରୋଜଗାରର ପରିମାଣ ବୃଦ୍ଧି। ଶତ୍ରୁଙ୍କ ଠାରୁ ଦୂରେଇ ରହିବା ଭଲ । ବ୍ୟବସାୟରେ ସୁଯୋଗ ହାତଛଡ଼ା କରିବେ ।



**କନ୍ୟା:** ଆଜି ଆପଣଙ୍କର ଘାତଚନ୍ଦ୍ର । ଏଣୁ ଦିନଟି ଭଲରେ କଟିବନାହିଁ । ଅଯଥା ପରିଶ୍ରମ ବଢ଼ିବ । ଆୟ ଠାରୁ ବ୍ୟୟ ବୃଦ୍ଧି ଘଟିବ । ଗୃହେ ଅବୁଝା ହେବାର ଆଶଙ୍କା । ମାନସିକ ସ୍ଥିତି ଭଲ ରହିବନାହିଁ ।



**ତୁଳା:** ସତ୍ ମାର୍ଗରେ ଯିବେ । ପୁଣ୍ୟ କାର୍ଯ୍ୟ କରିବେ । ଜନପ୍ରିୟତା ହାସଲ କରିବେ । ବ୍ୟବସାୟରେ ସହଯୋଗୀଙ୍କ ସହ ମାନମନାନ୍ତର ଦେଖାଦେବ । ରୋଜଗାର ମଧ୍ୟମ ହେବ । ପାରିବାରିକ ସୁଖ ଅବ୍ୟାହତ ରହିବ ।



**ବିଛା:** କୌଶଳକ୍ରମେ କାର୍ଯ୍ୟ ହାସଲ କରିବେ । ବନ୍ଧୁଙ୍କ ଦ୍ୱାରା ସମ୍ମାନିତ ହେବେ । ଖର୍ଚ୍ଚର ପରିମାଣ ବଢ଼ିବ । ପରିବାରରେ ଅଶାନ୍ତି ଓ କଳହ ସୃଷ୍ଟି ହେବ । ମହିଳାମାନେ ପରିଶ୍ରମୀ ହେବାର ସୂଚନା ।



**ଧନୁ:** ଦୟାଳୁ ହେବେ । ସତ୍ ପଥରେ ଆଗେଇ ଚାଲିବେ । ଲୋକପ୍ରିୟତା ବଢ଼ିବ । କାର୍ଯ୍ୟକ୍ଷେତ୍ରରେ ଆଶାବାଦୀ ହେବେ । ପାରିବାରିକ ସମସ୍ୟାର ସମାଧାନ ହେବ । ବ୍ୟୟର ପରିମାଣ ବଢ଼ିବାର ସୂଚନା ।



**ମକର:** କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ । ଦେହ ଓ ମନ ଭଲ ରହିବ । ରୋଜଗାର ଭଲ ହେବ । ଘରେ ଆନନ୍ଦ ଦେଖାଦେବ । ମହିଳାମାନେ ସୁଖୀ ହେବେ । ନୂତନ କାର୍ଯ୍ୟ ଆରମ୍ଭ କରିବାର ସୁଯୋଗ ଜୁଟିପାରେ ।



**କୁମ୍ଭ:** ଆନନ୍ଦ ଉଲ୍ଲାସ ମଧ୍ୟରେ ଦିନଟି କଟିବ । ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ । ଆୟ ଓ ବ୍ୟୟ ସମାନ ରହିବ । ବ୍ୟବସାୟ ବଢ଼ିବ। ଉଚ୍ଚ ସ୍ତରରେ ଲୋକ ସମ୍ପର୍କ ବଢ଼ିବ । ପରିବାରରେ କଳହ ସୃଷ୍ଟି ହେବ ।



**ମୀନ:** ଦୂର ସ୍ଥାନକୁ ଯାତ୍ରା କରିବେ । ମାଙ୍ଗଳିକ କାର୍ଯ୍ୟରେ ସଫଳତା ମିଳିବ । କର୍ମକ୍ଷେତ୍ରରେ ସଫଳତା ହାସଲ କରିବେ । ରୋଜଗାରରେ ଉନ୍ନତି । ଅନ୍ୟମାନଙ୍କ ପାଖରେ ସମ୍ମାନିତ ହେବେ । ଗୃହେ ଶାନ୍ତି ଲାଭ ।

# ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ –୧୪୩୧ ସାଲ, ଶକାବ୍ଦ –୧୯୪୩, ସମ୍ବତ୍ – ୨୦୮୧, ହିଜରୀ – ୧୪୪୫, କଳିଯୁଗାବ୍ଦ – ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ – ଅ୬୭ଙ୍କ

**ତା୪।୮।୨୦୨୪, ଶ୍ରାବଣ ଦି୨୦ନ, ରବିବାର**

**ସୂର୍ଯ୍ୟୋଦୟ- ଘ୫।୨୩।୩୨** **ଚନ୍ଦ୍ରୋଦୟ- ନାସ୍ତି**

**ଅମାବାସ୍ୟା**- ଦିଘ ୪।୪୩ ପର୍ଯ୍ୟନ୍ତ । **ପୁଷ୍ୟା ନକ୍ଷତ୍ର** - ଦିଘ ୧।୨୭ ପର୍ଯ୍ୟନ୍ତ । **କର୍କଟ ଚନ୍ଦ୍ର**- ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି**- ମେଷ, ବୃଷ, କର୍କଟ, ସିଂହ, କନ୍ୟା, ତୁଳା, ମକର, କୁମ୍ଭ ଓ ମୀନ ରାଶିର । ଦିଘ ୪।୪୩ ଗତେ ବିଛା ରାଶିର । **ଘାତ ଚନ୍ଦ୍ର**- ନାସ୍ତି । **ଶ୍ରାଦ୍ଧନିର୍ଣ୍ଣୟ**- ଅମାବାସ୍ୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ**- ଆମିଷ ଦିଘ ୪।୪୩ ପରେ ପାଣିକଖାରୁ ଖାଇବା ମନା । **ଆଜିର ଶୁଭବେଳା**- ପ୍ରାଘ ୫।୨୭ ଗତେ ଘ ୯।୪୪ ମଧ୍ୟେ । ଦିଘ ୧।୨୮ ଗତେ ଘ ୨।୦୧ ମଧ୍ୟେ । **ପର୍ବୋତ୍ସବ**- ଚିତାଲାଗି ଅମାବାସ୍ୟା, କରତୋୟା ସ୍ନାନ ଯୋଗ ।

ସମ୍ପାଦକୀୟ
30 YEARS
ସମ୍ବାଦ କଳିକା

# ଭାରତରେ ୧୦୦ ବେକାରୀଙ୍କ ମଧ୍ୟରେ ଅଛନ୍ତି ୮୩ ଯୁବକ

ମାତ୍ର ୪ ବର୍ଷ ମଧ୍ୟରେ ଦେଶରେ ଶିକ୍ଷିତ ବେକାରିଙ୍କ ସଂଖ୍ୟା ଦୁଇଗୁଣ ବୃଦ୍ଧି ଘଟିଛି। ଦେଶର ରାଜ୍ୟଗୁଡିକ ମଧ୍ୟରେ ବିହାର, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ଝାଡ଼ଖଣ୍ଡ ଓ ଛତିଶଗଡ଼ରେ ବେକାରି ସ୍ଥିତି ଅତି ଦୟନୀୟ ବୋଲି ଏହି ରିପୋର୍ଟରେ କୁହାଯାଇଛି। ଅନ୍ତର୍ଜାତୀୟ ଶ୍ରମ ସଂଗଠନର ଏହି ରିପୋର୍ଟ ନିକଟରେ ଭାରତୀୟ ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ଣ୍ଣର ରଘୁରାମ ରାଜନ୍ ଦେଇଥିବା ମନ୍ତବ୍ୟକୁ ସଠିକ୍ ପ୍ରମାଣିତ କରୁଛି। ଅନ୍ତର୍ଜାତୀୟ ଶ୍ରମ ସଂଗଠନ ଏବଂ ଇନଷ୍ଟିଚ୍ୟୁଟ୍ ଅଫ୍ ହ୍ୟୁମାନ ଡେଭଲପମେଣ୍ଟ (ଆଇଏଚ୍ଡି)ର ଯୁଗ୍ମ ପ୍ରୟାସରେ ପ୍ରସ୍ତୁତ 'ଭାରତ ନିଯୁକ୍ତି ରିପୋର୍ଟ ୨୦୨୪' ଶୀର୍ଷକ ଏହି ରିପୋର୍ଟରେ ଦେଶର ବେକାରି ସ୍ଥିତିକୁ ନେଇ ବିସ୍ତୃତ ଭାବେ ତଥ୍ୟ ଦିଆଯାଇଛି। ଏହି ରିପୋର୍ଟକୁ ଆଜି ମୁଖ୍ୟ ଅର୍ଥନୀତିଜ୍ଞ ଉପଦେଷ୍ଟା (ସିଇଏ) ଭି. ଅନନ୍ତ ନାଗେଶ୍ୱରନ୍ ଉନ୍ମୋଚନ କରିଛନ୍ତି। ଯଦି ଭାରତରେ ୧୦୦ ଜଣେ ବେରୋଜଗାରି ଅଛନ୍ତି, ତେବେ ଏଥିରୁ ୮୩ ଜଣ କେବଳ ଯୁବ ବର୍ଗର ବୋଲି ରିପୋର୍ଟରେ ଦର୍ଶାଯାଇଛି। ଏହାଛଡା ସେଥିରେ ଅଧିକାଂଶ ଯୁବ ଶିକ୍ଷିତ ବେକାରି। ଆଇଏଲ୍ଓର ରିପୋର୍ଟ ଅନୁସାରେ ୨୦୦୦ ମସିହା ତୁଳନାରେ ଦେଶରେ ବର୍ତ୍ତମାନ ଶିକ୍ଷିତ ବେକାରିଙ୍କ ସଂଖ୍ୟା ଦୁଇଗୁଣ ବୃଦ୍ଧି ହୋଇଛି। ୨୦୦୦ ମସିହାରେ ଶିକ୍ଷିତ ବେରୋଜଗାରୀଙ୍କ ସଂଖ୍ୟା ୩୫.୨ ପ୍ରତିଶତ ରହିଥିଲା। ହେଲେ ୨୦୨୨ରେ ଏହି ସଂଖ୍ୟା ବୃଦ୍ଧି ପାଇ ୬୫.୭ ପ୍ରତିଶତରେ ପହଞ୍ଚିଛି। ସୂଚନାଯୋଗ୍ୟ ଯେ, ଏହି ଗବେଷଣାରେ ସେହି ଶିକ୍ଷିତ ଯୁବବର୍ଗଙ୍କୁ ସାମିଲ୍ କରାଯାଇଛି ଯେଉଁମାନେ ଅତି କମ୍ରେ ମାଟ୍ରିକ୍ ପାସ୍ କରିଛନ୍ତି। ଆଇଏଲ୍ଓର ଏହି ରିପୋର୍ଟ ଆସିବାର ଦିନକ ପୂର୍ବରୁ ଶ୍ରୀ ରାଜନ କହିଥିଲେ ଯେ ଦେଶର ଅର୍ଥନୈତିକ ଅଭିବୃଦ୍ଧି ନେଇ ଯେଉଁ ପ୍ରଚାର ଚାଲିଛି ତା'କୁ ବିଶ୍ୱାସ କରିବା ଉଚିତ୍ ନୁହେଁ। ଏପରି କରିବା ଭୁଲ୍ ହେବ। ଆମକୁ ପ୍ରଥମେ ଆମର ଅର୍ଥନୀତିରେ ରହିଥିବା ମୂଳ ଢାଞ୍ଚାଗତ ସମସ୍ୟା ଦୂର କରିବା ଆବଶ୍ୟକ। ଆମର ଶିକ୍ଷା ବ୍ୟବସ୍ଥାରେ ସୁଧାର ଆଣିବା ଜରୁରୀ ବୋଲି ସେ କହିଥିଲେ। ରାଜନ୍ଙ୍କ କଥାକୁ ପରୋକ୍ଷରେ ଠିକ୍ ଦର୍ଶାଇ ଆଇଏଲ୍ଓ ତା'ର ରିପୋର୍ଟରେ କହିଛି ଯେ ଦଶମ ଶ୍ରେଣୀ ପରେ ଦେଶରେ ପିଲାମାନଙ୍କର ଅଧାରୁ ପାଠ ଛାଡିବା ହାର ଏବେ ବି ବଡ଼ ସମସ୍ୟା। ଉଚ୍ଚଶିକ୍ଷା କ୍ଷେତ୍ରରେ ଦେଶରେ ଅନେକ ନାମଲେଖା ହେଉଛି, କିନ୍ତୁ ଏହି କ୍ଷେତ୍ରରେ ଶିକ୍ଷାର ସ୍ତର ଚିନ୍ତାଜନକ ରହିଛି। ଆଇଏଲ୍ଓ ରିପୋର୍ଟରେ ଭାରତୀୟଙ୍କ ଆୟକୁ ନେଇ ମଧ୍ୟ ତଥ୍ୟ ଉପସ୍ଥାପନ କରାଯାଇଛି। ବଢୁଛି ଦେଶ। ଅଭିବୃଦ୍ଧି ପଥରେ ଅର୍ଥନୀତି। ୨୦୪୭ ସୁଦ୍ଧା ଭାରତ ଏକ ବିକଶିତ ରାଷ୍ଟ୍ରରେ ପରିଣତ ହୋଇଥିବ। ଖୋଦ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି କଥାକୁ ଦୋହରାଉଛନ୍ତି। ହେଲେ ଦେଶର ବାସ୍ତବ ଚିତ୍ର ଓଲଟା। କାଳ କାଳ ଧରି ଗରିବି ଲୋକଙ୍କ ପିଛା ଛାଡୁ ନ ଥିବାବେଳେ ଏ ଯାଏ ବେକାରି ବେଡିରୁ ମୁକୁଳିପାରୁନି ଦେଶ। ଭାରତର ବେକାରି ସ୍ଥିତିକୁ ନେଇ ଏକ ଚାଞ୍ଚଲ୍ୟକର ରିପୋର୍ଟ ପ୍ରକାଶ ପାଇଛି। ଦେଶରେ ପାଖାପାଖି ୨୭ ପ୍ରତିଶତ ଯୁବବର୍ଗ ରହିଛନ୍ତି, କିନ୍ତୁ ଏହାର ଏକ ବଡ଼ ଅଂଶ ବେରୋଜଗାର। ଦେଶର ୮୩% ଯୁବବର୍ଗ ବେକାର। ଅନ୍ତର୍ଜାତୀୟ ଶ୍ରମ ସଂଗଠନ (ଆଇଏଲ୍ଓ) ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ ଏହା କୁହାଯାଇଛି। କେବଳ ଏତିକି ନୁହେଁ କରୋନା ମହାମାରୀ ପରଠାରୁ ଦେଶରେ ଖୁବ୍ ଦ୍ରୁତ ଗତିରେ ବଢ଼ିବାରେ ଲାଗିଛି ବେକାରିଙ୍କ ସଂଖ୍ୟା। ୨୦୧୯ ପରେ ନିୟମିତ ଦରମାପ୍ରାପ୍ତ କର୍ମଚାରୀ ଓ ସ୍ୱୟଂ ରୋଜଗାରକ୍ଷମ କର୍ମଚାରୀଙ୍କ ଆୟ ହ୍ରାସ ପାଇଛି। ଅନ୍ୟପଟେ ଅଣକୁଶଳୀ ଶ୍ରମ ସମ୍ବଳରେ ଠିକା କର୍ମଚାରୀମାନଙ୍କୁ ୨୦୨୨ ପରେ ଠିକ୍ ଭାବରେ ସର୍ବନିମ୍ନ ମଜୁରି ମିଳିନାହିଁ। ଭାରତ ପାଇଁ ବର୍ତ୍ତମାନ ବଡ଼ କଠିନ ସମୟ ରହିଛି। ଏଭଳି ସ୍ଥିତିରେ ଭାରତ ଏହାର ବୃହତ୍ ଯୁବ ଶ୍ରମ ସମ୍ବଳର ଲାଭ ପାଇପାରୁ ନ ଥିବା ଏହି ରିପୋର୍ଟରେ କୁହାଯାଇଛି।

# ଲଲାଟ ଭୂଷଣ ଯାତ୍ରା



ଜୟଶ୍ରୀ ପଟ୍ଟନାୟକ
ଗଙ୍ଗନଗର, ଭୁବନେଶ୍ୱର
ମୋ : ୭୯୭୮୧୧୦୪୭୪



ଶ୍ରୀ ମନ୍ଦିରରେ ବର୍ଷ ତମାମ ପାଳିତ ହୁଏ ଅନେକ ଉପଯାତ୍ରା। ତା ମଧ୍ୟରୁ ଶ୍ରାବଣ ମାସ ଅମାବାସ୍ୟା ଦିନ ପାଳିତ ହେଉଥିବା ଯାତ୍ରା ହେଉଛି ଚିତାଲାଗି ଅମାବାସ୍ୟା ବା ଲଲାଟ ଭୂଷଣ ଯାତ୍ରା। ଏହି ଅମାବାସ୍ୟା ତିଥିରେ ଠାକୁର ମାନଙ୍କ ମସ୍ତକରେ ବା ଲଲାଟରେ ସୁବର୍ଣ୍ଣ ଚିତା ଲଗାଯାଉଥିବାରୁ ଏହା ଚିତାଲାଗି ଅମାବାସ୍ୟା ବା ଲଲାଟ ଭୂଷଣ ଯାତ୍ରା ନାମରେ ନାମିତ। ଶ୍ରାବଣ ଅମାବାସ୍ୟା ଦିନ ପ୍ରାତଃ ସମୟର ପୂଜା ପରେ ଦଇତାପତି ସେବକ ମାନେ ମହାପ୍ରଭୁଙ୍କୁ ଚିତା ପିନ୍ଧାଇବା ପରମ୍ପରା ବାମଦେବ ସଂହିତାରେ ଉଲ୍ଲେଖ ରହିଛି। ଏହିଦିନ ଚିତଉ ପିଠା, ମିଠା, ନାନାଦି ବ୍ୟଞ୍ଜନ କ୍ଷୀରୀ ପୂଜା ପରେ ଶ୍ରୀ ଜୀଉମାନଙ୍କୁ ସୁବର୍ଣ୍ଣ ଚିତା ପିନ୍ଧେଇବାର ପରମ୍ପରା ରହିଛି। କୁହାଯାଏ ଯେ ଏହିଦିନ ସାଗର ମନ୍ଥନ ସମୟରେ ଯେଉଁ ନାନା ରତ୍ନ, ଐରାବତ ହାତୀ, ମୂଲ୍ୟବାନ ହୀରା, ମଣି, ମାଣିକ୍ୟ ଆବିର୍ଭୁତ ହୋଇଥିଲା ତାହା ବିଷ୍ଣୁ ନାରାୟଣ ଗ୍ରହଣ କରିଥିଲେ। ଅନ୍ୟ ଏକ କିମ୍ବଦନ୍ତୀରୁ ଜଣାଯାଏ ଗୋବର୍ଦ୍ଧନ ପୀଠରେ ଆଦି ଶଂକରାଚାର୍ଯ୍ୟଙ୍କ ସମୟରୁ ଏହି ଚିତାଲାଗି ଉତ୍ସବ ପାଳିତ ହୋଇ ଆସୁଅଛି କାରଣ ଯଯାତିକେଶରୀଙ୍କ ସମୟରେ ଆଦି ଶଙ୍କରାଚାର୍ଯ୍ୟଙ୍କ ପରାମର୍ଶ କ୍ରମେ ଯଯାତିକେଶରୀ ସ୍ୱର୍ଣ୍ଣପୁରରୁ ପାତାଳି ଅବସ୍ଥାରେ ଉଦ୍ଧାର କରି ଚତୁର୍ଦ୍ଧା ମୂରତିକୁ ଶଂଖନାଭି ମଣ୍ଡଳରେ ପ୍ରତିଷ୍ଠା କରାଇ ତାଙ୍କୁ ଏହି ଅମାବାସ୍ୟା ତିଥିରେ ରତ୍ନବେଦୀରେ ଠାକୁରମାନଙ୍କର ଅଭିଷେକ କରାଇ ସୁବର୍ଣ୍ଣ ହୀରା ଖଚିତ ରତ୍ନମାନ ପରିଧାନ କରାଇଥିଲେ। ସେହି ଦିନ ଠାରୁ ଏହି ଉତ୍ସବ ଚିତାଲାଗି ନାମରେ ପରିଚିତ ହୋଇ ଆସୁଅଛି। ଜ୍ୟେଷ୍ଠ ମାସ ପୂର୍ଣ୍ଣିମା ବା ଦେବସ୍ନାନ ପୂର୍ଣ୍ଣିମା ଦିନ ଠାକୁରମାନେ ସ୍ନାନଯାତ୍ରା ପରେ ସ୍ନାନବେଦୀରୁ ଅଣସର ପିଣ୍ଡିକୁ ଫେରିବା ପରେ ଦଇତାମାନେ, ଠାକୁର ମାନେ ଲଗାଇଥିବା ଚିତାଗୁଡିକୁ ବାହାର କରି ଭଣ୍ଡାର ମେକାପଙ୍କ ସୁରକ୍ଷାରେ ଦେଇଥାନ୍ତି। ରଥଯାତ୍ରା ଦିନ ରଥାରୁଢ଼ ଠାକୁର ମାନେ ଏହି ଚିତାର ପ୍ରତୀକାତ୍ମକ ଭାବରେ ସୋଲ ଚିତା ଲଗାଇ ଶ୍ରୀଗୁଣ୍ଡିଚାକୁ ଯାତ୍ରା କରିଥାନ୍ତି। ବାହୁଡାରେ ଫେରି ଆସି ସୁନାବେଶ, ଅଧରପଣା ନୀତି ପରେ ନିଳାଦ୍ରୀ ବିଜେ କରିଥାନ୍ତି। ଜ୍ୟେଷ୍ଠ ପୂର୍ଣ୍ଣିମା ଠାରୁ ଶ୍ରାବଣ ଅମାବାସ୍ୟା ପର୍ଯ୍ୟନ୍ତ ଶ୍ରୀ ଜୀଉମାନେ ସୋଲଚିତା ପରିଧାନ କରିଥାନ୍ତି। ଶ୍ରାବଣ ଅମାବାସ୍ୟା ବା ଚିତାଲାଗି ଅମାବାସ୍ୟା ଦିନ ଠାକୁରମାନଙ୍କୁ ଉକ୍ତ ଚିତାଗୁଡିକୁ ବିଧିପୂର୍ବକ ପୁନର୍ବାର ଲଗାଇ ଦିଆଯାଉଥିବାରୁ ଏହାକୁ ଚିତାଲାଗି ଅମାବାସ୍ୟା କୁହାଯାଏ। ଏହିଦିନ ସକାଳଧୂପ ବସିବା ସମୟରେ ଭଣ୍ଡାରମେକାପ ଭଣ୍ଡାର ଘରୁ ଚିତାଗୁଡିକୁ ଆଣି ଦେଉଳକରଣଙ୍କୁ ଦେଇଥାନ୍ତି। ବଣିଆ ଦେଉଳକରଣ ଓ ତଡାଉକରଣ ଓ ପ୍ରଶାସନ ତରଫରୁ ବଣିଆକୁ ଦିଆଯାଏ। ସେମାନଙ୍କ ସମ୍ମୁଖରେ ଏହି ଚିତାଗୁଡିକୁ ରୋଷ ଅଗ୍ନିରେ ସଫା କରି ସାରିଲା ପରେ ଦେଉଳକରଣ ଚାଙ୍ଗଡା ମେକାପ ଠାରୁ ଶ୍ରୀ କପଡା ଆଣି ସେଥିରେ ଏହି ଚିତାଗୁଡିକୁ ବାନ୍ଧି ମଦନମୋହନ ମୁଦ ଦେଇ ଭଣ୍ଡାର ମେକାପଙ୍କୁ ଦେବାପରେ ସେ ତାକୁ ଭଣ୍ଡାର ଘରେ ସାଇତି ରଖିଥାନ୍ତି। ସକାଳଧୂପ ଓ ଭୋଗମଣ୍ଡପ ପୂଜା ସରିବାପରେ ପୁଷ୍ପାଳକ ସିଂହାସନ ଉପରକୁ ଚଢ଼ି ତିନିବାଡର ମଇଲମ କରିଥାନ୍ତି। ତିନିବାଡର ଝୋବାକଣ୍ଠି ମାଳକୁ କାଢ଼ି ପାଳିଆ ମେକାପ ଭଣ୍ଡାର ମେକାପଙ୍କୁ ଦେଇଥାନ୍ତି ତାପରେ ପୁଷ୍ପାଳକ ସେବକ ସିଂହାସନରୁ ଓହ୍ଲାଇ ଲକ୍ଷ୍ମୀ ଓ ସରସ୍ୱତୀଙ୍କୁ ନେଇ ଖଟ ଶେଯ ଘରେ ବିଜେ କରାଇଥାଆନ୍ତି। ଏ ସମସ୍ତ କର୍ମ ପରେ ଦଇତାପତିମାନେ ବେହରଣ ତଳେ ଗୋଡ ଧୋଇ ସିଂହାସନ ପାଖକୁ ଯାଇଥାନ୍ତି। ସିଂହାସନ ଉପରେ ପକାଯାଇଥିବା କାଠଘୋଡାରେ ଚଢ଼ି ଠାକୁରମାନଙ୍କୁ ସୁବର୍ଣ୍ଣ ଚିତାମାନ ଲାଗି କରାଇଥାଆନ୍ତି। ଏହି ଚିତା ଲାଗି ଝୁଣା ଓ ରାଶିତେଲ ମିଶ୍ରଣରେ ପ୍ରସ୍ତୁତ ସ୍ୱତନ୍ତ୍ର ଅଠା (ଓସୁଅଁ) କରାଯାଏ ସେଥିରେପୂର୍ବରୁ ଲାଗିଥିବା ସୋଲ ଚିତା ଗୁଡିକ କଢ଼ାଯାଇ ସୁବର୍ଣ୍ଣ ଚିତାମାନ ଲଗାଇ ପାଟରା ଦେଇଥିବା ପାଟଡୋରରେ ବାନ୍ଧି ତ୍ରିମୁଣ୍ଡି ତଳକୁ ଶ୍ରୀମୁଖ ଉପରକୁ ଲଲାଟରେ ଲାଗି କରାଇଥାଆନ୍ତି। ସୁବର୍ଣ୍ଣରେ ନିର୍ମିତ ଏହି ଚିତା ଗୁଡିକରେ ହୀରା ନୀଳା ମାଣିକ୍ୟ ଓ ଅନ୍ୟାନ୍ୟ ରତ୍ନମାନ ସୁସଜ୍ଜିତ ରହିଥାଏ। ଶ୍ରୀ ଜଗନ୍ନାଥଙ୍କର ବ୍ରହ୍ମଜ୍ୟୋତି ବା ମହାନାୟକ ହୀରା ଯାହା ଧଳା ରଙ୍ଗର, ଶ୍ରୀ ବଳଭଦ୍ରଙ୍କର ମହାନାୟକ ମରକତ ନୀଳା (ନୀଳ) ଓ ଦେବୀ ସୁଭଦ୍ରାଙ୍କର ମହାନାୟକ ମାଣିକ୍ୟ (ଲାଲ) ରଙ୍ଗର ହୋଇଥାଏ। ଦଇତାମାନେ ସିଂହାସନରୁ ଓହ୍ଲାଇ ଆସିବାପରେ ପାଳିଆ ମେକାପ ସିଂହାସନ ଉପରକୁ ଉଠି ସିଂହାସନ ଧୂଆ ଧୋଇ କରିବାପରେ ତିନିଜଣ ପୂଜାପଣ୍ଡା ତିନିବାଡର ମହାସ୍ନାନ ବିଧି ପୂର୍ବକ ସମାପନ କରିଥାନ୍ତି। ଏହାପରେ ପାଣି ପଡି ଗମ୍ଭୀରା ଧୂଆ ଧୋଇ ହେଲେ ପାଳିଆ ଖୁଣ୍ଟିଆ ଡାକିଗଲେ ପୁଷ୍ପାଳକ ଆସି ଠାକୁରଙ୍କ ମଇଲମ କରିଥାନ୍ତି। ତାପରେ ଖଟ ଶେଯ ଘରକୁ ଲକ୍ଷ୍ମୀ ଓ ସରସ୍ୱତୀଙ୍କୁ ହାତରେ ଅଣାଯାଇ ସିଂହାସନ ଉପରେ ବିଜେ କରାଯାଏ। ଠାକୁର ମାନଙ୍କର ମଇଲମ, କର୍ପୁର ଲାଗି ଆଦି ସରିବା ପରେ ଭଣ୍ଡାର ମେକାପ ଠାରୁ ପାଳିଆ ମେକାପ ଛଅ ମୂର୍ତ୍ତି ତଡାଉ ନେଇ ପୁଷ୍ପାଳକଙ୍କୁ ଦେଲେ ସେ ତାହାକୁ ଠାକୁରମାନଙ୍କୁ ଲାଗି କରାଇବା ପରେ ମଧ୍ୟାହ୍ନ ଧୂପ ଓ ତିନିବାଡରେ ବନ୍ଦାପନା ଆଦି ନୀତି ହୋଇଥାଏ। ଏହିଦିନ ଠାକୁରଙ୍କୁ ଚିତଉ ପିଠା ଭୋଗ ହୋଇଥାଏ। ପ୍ରାୟ ଚାରିଘଣ୍ଟା ସମୟ ଲାଗିଥାଏ ଏସବୁ ଗୋପନୀୟ ନୀତିକାନ୍ତି ପାଇଁ ତେଣୁ ମନ୍ଦିରର ସର୍ବସାଧାରଣ ଦର୍ଶନ ବନ୍ଦ ରୁହେ ଏହି ସମୟ ତକ। ଠାକୁରଙ୍କ ବନ୍ଦାପନା ନୀତି ପରେ ସର୍ବସାଧାରଣ ଦର୍ଶନ ପାଇଁ ଦ୍ୱାର ଖୋଲାହୁଏ। ସଂସ୍କୃତରେ ଗୋଟିଏ ଶ୍ଳୋକ ଅଛି ଯେ, ଶ୍ରାବଣେ କୃଷ୍ଣପକ୍ଷେ ତୁ ଦର୍ଶନ ପ୍ରାନ୍ତେ ଶୁଭ ଦିନେ, ଲଲାଟ ଭୂଷଣଂ ଯାତ୍ରାଂ ଜଗନ୍ନାଥସ୍ୟ କାରୟେତ୍। ଅର୍ଥାତ ଶ୍ରାବଣ କୃଷ୍ଣପକ୍ଷରେ ଜଗନ୍ନାଥ ଦେବଙ୍କ ଲଲାଟ ଭୂଷଣ ଯାତ୍ରା କରାଯାଏ। କିମ୍ବଦନ୍ତୀରୁ ଜଣାଯାଏ ଯଯାତିକେଶରୀ ଠାକୁରମାନଙ୍କୁ ଆଣିବା ପରେ ଶଙ୍କରାଚାର୍ଯ୍ୟଙ୍କ ନିର୍ଦ୍ଦେଶ କ୍ରମେ ରତ୍ନବେଦୀରେ ସ୍ଥାପନ କରି ଶ୍ରାବଣ ଅମାବାସ୍ୟାରେ ଚିତାଲାଗି କରାଇଥିଲେ। ସେହି ଦିନଠାରୁ ଏହା ଚିତାଲାଗି ଅମାବାସ୍ୟା ନାମରେ ନାମିତ ହୋଇଥିଲା। ଅନ୍ୟ କେତେକ ମତରେ କୋଣାର୍କ ମନ୍ଦିରର ନିର୍ମାତା ଲାଙ୍ଗୁଳା ନରସିଂହଦେବ ଗୌଡ ରାଜ୍ୟ ଜୟ କରିବା ପରେ, ନିଜର ମାନସିକ ପୂରଣ ପାଇଁ ତିନିଠାକୁରଙ୍କୁ ଏହିଦିନ ମୂଲ୍ୟବାନ ଚିତା ଲାଗି କରାଇଥିଲେ ସ୍କନ୍ଦ ପୁରାଣ ଅନୁସାରେ ଠାକୁରଙ୍କୁ ଏହି ଦିନ ଚିତା ଲାଗି କରାନଗଲେ ଠାକୁରଙ୍କର ବର୍ଷକ ମଧ୍ୟରେ ପାଳିତ ହେଉଥିବା ଯାତ୍ରାରୁ ମିଳୁଥିବା ପୁଣ୍ୟ କ୍ଷୟପ୍ରାପ୍ତ ହୋଇଥାଏ। ଅନ୍ୟ ମତରେ କହିବାକୁ ଗଲେ ଠାକୁର ଲଗାଇଥିବା ଚିତାର ସୁରକ୍ଷା ଓ ରକ୍ଷଣାବେକ୍ଷଣ ନିମନ୍ତେ ଏପରି ଏକ ନୀତିର ପ୍ରଚଳନ କଥା ଅନୁମାନ କରାଯାଇପାରେ। ଏହି ଯାତ୍ରା ପ୍ରଭୁଙ୍କର ସୌନ୍ଦର୍ଯ୍ୟ ବଢ଼ାଏ। ପରବର୍ତ୍ତୀ ଦେବସ୍ନାନ ପୂର୍ଣ୍ଣିମା ଯାଏଁ ଲଲାଟରେ ସେମିତି ଝଟକୁଥାଏ। ମନ ଗାଇ ଉଠେ ପ୍ରଭୁ କି ସୁନ୍ଦର ଦିଶ ବସି ରତ୍ନ ସିଂହାସନ/ ପାପୀମାନେ ତରିଗଲେ କରି ତୁମ୍ଭ ଦରଶନ।

ଏହିଦିନ ଓଡ଼ିଶାର କୃଷିଭିତ୍ତିକ ପର୍ବ ବୋଲି ଅଭିହିତ କରାଯାଏ। ଦୀର୍ଘ ଚାରିମାସ ଗ୍ରୀଷ୍ମ ପରେ ବର୍ଷା ଆସିଥାଏ ଧରାକୁ। ଆମର ଅଧିକାଂଶ ପର୍ବ କୃଷିଭିତିକ ଯଥା ଅକ୍ଷୟ ତୃତୀୟା, ଗର୍ଭଣା ସଂକ୍ରାନ୍ତି, ନୂଆଖାଇ, ମାଣବସା ପ୍ରଭୃତି। ଶ୍ରାବଣରେ ବର୍ଷା ଅଧିକ ହେଉଥିବାରୁ କୃଷିର ପ୍ରାରମ୍ଭ କାର୍ଯ୍ୟ ଯଥା ଧାନରୁଆ ବେଉଷଣ ଚାଲିଥାଏ। ଅଧିକ ଫସଲ କିପରି ଉତ୍ପାଦିତ ହେବ ସେଥିପାଇଁ ଚାଷୀଭାଇମାନେ ଧାନକ୍ଷେତକୁ ଫୁଲ, ଚନ୍ଦନ, ସିନ୍ଦୂର, ଚିତଉ ପିଠା ଓ କ୍ଷୀରୀ ନେଇ ଭୂଦେବୀ ଓ ଲକ୍ଷ୍ମୀଙ୍କୁ ଆବାହନ, ବନ୍ଦାପନା କରି ପୂଜା କରି ସାରିବା ପରେ ପିଠାକୁ କ୍ଷେତରେ ପୋତି ଦେଇ ଆସନ୍ତି ମନରେ ଭଲ ଫସଲ ଅମଳର ଆଶା ପୋଷଣ କରିଥାନ୍ତି। ସେହିଦିନ ଘରେ ମଧ୍ୟ ପିଠାପଣା ହୁଏ ଲକ୍ଷ୍ମୀଙ୍କୁ ପୂଜାର୍ଚ୍ଚନା କରାଯାଏ କାରଣ ସେ ଅନ୍ନଦାତ୍ରୀ।

ବାଲେଶ୍ୱର, ମୟୁରଭଞ୍ଜ ଓ କେନ୍ଦୁଝରେ ଅଂଚଳରେ ଏହି ପର୍ବ ଗେଣ୍ଡାକଟା ଅମାବାସ୍ୟା ବା ଗେଣ୍ଡେଇସୁଣୀ ପୂଜା ବୋଲି କହିଥାଆନ୍ତି ଏହାର ବିଶେଷତ୍ୱ ହେଲା ଏହି ସମୟରେ ବିଲରେ ବର୍ଷାପାଣି ଜମି ରହି ଗେଣ୍ଡାମାନଙ୍କର ପ୍ରାଦୁର୍ଭାବ ବଢ଼ିଥାଏ। କୃଷକ ଭାଇ ବିଲରେ କାମ କଲାବେଳେ ଗେଣ୍ଡା ଯେପରି ଗୋଡକୁ କାଟି ନ ଦିଏ ଫସଲର ଅନିଷ୍ଟ ନ କରେ ଏବଂ ବିଷଧର ସାପ ମଧ୍ୟ କିଆରୀରେ ଥାଆନ୍ତି ତେଣୁ ପଶୁ, ପକ୍ଷୀ, କୀଟ ପତଙ୍ଗ, ସାପ, ଗେଣ୍ଡା ଆଦି ଯେପରି କୃଷି କର୍ମରେ ବ୍ୟାଘାତ ନ ଘଟାନ୍ତି ସେମାନଙ୍କ ସନ୍ତୁଷ୍ଟିପାଇଁ ପିଠା ସମର୍ପଣ କରିବାର ବିଶ୍ୱାସ ରହିଛି। ଏହିଦିନ ପ୍ରତ୍ୟେକ ଓଡିଆ ଘରେ ଚିତଉ, କ୍ଷୀରି, ପିଠା ପ୍ରସ୍ତୁତ କରି ଘରର ଇଷ୍ଟଦେବତା ଓ ଗ୍ରାମ ଦେବୀ ପାଖରେ ଭୋଗ ଦିଆଯାଏ ବନ୍ୟା ପ୍ରକୋପରୁ ରକ୍ଷା ପାଇବା ପାଇଁ ବରୁଣ ଦେବତାଙ୍କୁ ସନ୍ତୁଷ୍ଟ କରାଯାଇ ପୂଜାର୍ଚ୍ଚନା କରାଯାଇ ଚିତଉ ପିଠା ସମର୍ପଣ କରାଯାଏ ଜଳଚର ଜୀବ ଯେପରି କାହାର କିଛି କ୍ଷତି ନ ଘଟାନ୍ତି ସେଥିପାଇଁ ବିଲ, ନଈ, ନାଳ, ପୋଖରୀରେ ପିଠା ସମର୍ପଣ କରାଯାଏ। ଚିତାଲାଗି ପରେ ଶୁଭାରମ୍ଭ ହୁଏ ଅନ୍ୟ ସବୁ ପର୍ବ ପର୍ବାଣିର ଯାହା ଆମ ସଂସ୍କୃତିର ବିଶେଷତ୍ୱ ଅଟେ।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ଅନନ୍ତ ଚିନ୍ତନ

ନକାରା ସକାରମ୍ବରେ
ଶରୀର ଟି ସାର
ନବମ ଦଶମ ପୁରେ
ଶକ୍ତିର ସମ୍ଭାର
ନବଖଣ୍ଡ...ମା ହେଲା ସାର (୩୪)

ନବ ପୁର ଟିପଲେ ରେ
ଦଶମର ଦ୍ୱାର
ନବଧା ଭକ୍ତି ତତ୍ତ୍ୱରେ
ଭେଦିବୁ ସେ ପୁର
ନବଖଣ୍ଡ...ମା ହେଲା ସାର (୩୫)

ନ ଦ୍ୱାରେ ଷଡ ଚକ୍ରରେ
କି ବୀଜର ଠାର
ନଚିହ୍ନି ତୋର ଶରୀରେ
କେଉଁ ପୂଜା କର
ନବଖଣ୍ଡ...ମା ହେଲା ସାର (୩୬)
(କ୍ରମଶଃ)



ଶ୍ରୀ ଅଭିରାମ ସରସ୍ୱତୀ

# ଭଲ ନିଦ ମାନେ ଭଲ ସ୍ୱାସ୍ଥ୍ୟ



ପ୍ରଣତି ଆଶ୍ଚର୍ଯ୍ୟ ମିଶ୍ର
ନୟାଗଡ଼
ମୋ-୯୪୩୭୬୪୨୯୪୭

ଗତକାଲି ଏକ ଖବର ପଢୁଥିବା ବେଳେ କିଛି ଦିନ ତଳର ଏକ ଘଟଣା ମନରେ ଉଜ୍ଜୀବିତ ହେଲା। ସ୍ୱାସ୍ଥ୍ୟ ଗତ କାରଣରୁ ଡାକ୍ତରଙ୍କ ପାଖକୁ ଯାଇଥିଲି। ସାମ୍ନାରେ ଜଣେ ୬-୭ ବର୍ଷର ନାବାଳିକା ବସିଥିଲେ। ତାଙ୍କ ନାକରୁ ରକ୍ତସ୍ରାବ ହେଉଥିଲା। ମା' ବାରମ୍ବାର ରୁମାଲରେ ପୋଛି ଦେଉଥିଲେ। ଶିଶୁଟି ଯେତେବେଳେ ଡାକ୍ତରଙ୍କ ପାଖକୁ ଗଲା, ଡାକ୍ତର କିଛି ସମୟ ଚିନ୍ତାକଲେ, ତା'ପରେ ତା ମା'ଙ୍କ ଠାରୁ ଜାଣିବାକୁ ପାଇଲେ ଯେ ଗତକାଲିଠାରୁ ଏହା ଘଟୁଛି। ଡାକ୍ତର ଶିଶୁର ରକ୍ତଚାପ ମାପିଥିଲେ। ଶୀର୍ଷରେ ଥିବା ବିପି ୨୦୦ରୁ ଅଧିକ ଓ ତଳଭାଗ ଥିଲା ୧୩୦। ଡାକ୍ତରଙ୍କ ସହ ସେଠାରେ ଉପସ୍ଥିତ ସମସ୍ତେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଏତେ ଛୋଟ ଶିଶୁର ରକ୍ତଚାପ କିପରି ଏତେ ରହିବ। ଏହାତ ବୟସ୍କ ମାନଙ୍କ ରୋଗ ବୋଲି ବିବେଚନା କରାଯାଏ। ମୁଁ ଜାଣେ ନାହିଁ ସେହି ଶିଶୁର କ'ଣ ହେଲା! କିନ୍ତୁ ପଢୁଥିବା ଖବର ମଧ୍ୟ ପିଲାମାନଙ୍କର ରକ୍ତଚାପ ବୃଦ୍ଧି ସହିତ ଜଡିତ। ଅନେକ ଗବେଷଣା ଅନୁଯାୟୀ, ଭାରତରେ ସ୍କୁଲ ଯାଉଥିବା ପିଲାଙ୍କ ମଧ୍ୟରୁ ୭ ପ୍ରତିଶତ 'ଉଚ୍ଚ ରକ୍ତଚାପ'ରେ ପୀଡ଼ିତ। ସମଗ୍ର ବିଶ୍ୱରେ ଶିଶୁ ଏବଂ କିଶୋରମାନଙ୍କ ମଧ୍ୟରେ ଏହି ସମସ୍ୟା ବୃଦ୍ଧି ପାଉଛି। ପିଲାମାନଙ୍କର ମେଦବହୁଳତା ମଧ୍ୟ ଏହାର ଏକ ପ୍ରମୁଖ କାରଣ। ବର୍ତ୍ତମାନ ପର୍ଯ୍ୟନ୍ତ ଯୋଗ, ବ୍ୟାୟାମ ଏବଂ ଖାଦ୍ୟର ଯତ୍ନ ନେଇ ଏହାକୁ ନିୟନ୍ତ୍ରଣରେ ରଖାଯାଇପାରିବ ବୋଲି ବିଶ୍ୱାସ କରାଯାଉଥିଲା।

କିନ୍ତୁ ପିଲାମାନଙ୍କ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଏକ ପତ୍ରିକାରେ ପ୍ରକାଶିତ ଲେଖାରେ କୁହାଯାଇଛି ଯେ ସେମାନଙ୍କ ଠାରେ ଉଚ୍ଚ ରକ୍ତଚାପକୁ ରୋକିବା ପାଇଁ ସେମାନଙ୍କୁ ପୂର୍ଣ୍ଣ ନିଦ ହେବା ଜରୁରୀ। ଯେଉଁ ପିଲାମାନଙ୍କର ରକ୍ତଚାପ ସମସ୍ୟା ରହିଛି ସେମାନଙ୍କୁ କାଉନସେଲିଂ ସମୟରେ ଠିକ୍ ସମୟରେ ଶୋଇବାକୁ ନିର୍ଦ୍ଦେଶ ଦେବା ଉଚିତ୍। ଡାକ୍ତରମାନେ ମଧ୍ୟ ସେମାନଙ୍କ ପିତାମାତାଙ୍କୁ ସଚେତନ କରାଇବା ଜରୁରୀ। ଉଚ୍ଚ ରକ୍ତଚାପରେ ପୀଡ଼ିତ ୫୩୯ ଜଣ ଶିଶୁ ଓ କିଶୋରଙ୍କ ଉପରେ ହୋଇଥିବା ଅଧ୍ୟୟନରେ ଡାକ୍ତରମାନେ ଜାଣିବାକୁ ପାଇଛନ୍ତି ଯେ ଯେଉଁ ପିଲାମାନେ ଦୀର୍ଘ ସମୟ ପର୍ଯ୍ୟନ୍ତ ଗଭୀର ନିଦରେ ଶୋଇଥାନ୍ତି ସେମାନଙ୍କର ରକ୍ତଚାପ ସନ୍ତୁଳିତ ରହିଥାଏ। ତେଣୁ ପୂର୍ଣ୍ଣ ନିଦହେବା ଜରୁରୀ। କିନ୍ତୁ ସମସ୍ୟା ହେଉଛି ଆଜିକାଲି ପିଲାମାନେ ମଧ୍ୟରାତ୍ରି ପର୍ଯ୍ୟନ୍ତ ଜାଗ୍ରତ ରୁହନ୍ତି। ତାଙ୍କର ଅଧିକାଂଶ ସମୟ ମୋବାଇଲରେ ବିତିଥାଏ। ଅନେକ ପିଲା ମୋବାଇଲପ୍ରତି ଏତେ ନିଶାଗ୍ରସ୍ତ ହୋଇଯାଇଛନ୍ତି ଯେ ସେମାନେ ବାହାରେ ଖେଳିବା ବା କୌଣସି ଶାରୀରିକ କାର୍ଯ୍ୟରେ ଆଗ୍ରହ ପ୍ରକାଶ କରନ୍ତି ନାହିଁ। ଏପରିକି ସାଙ୍ଗସାଥୀଙ୍କୁ ମଧ୍ୟ ଭେଟିବାକୁ ଇଚ୍ଛା କରନ୍ତି ନାହିଁ। ସେମାନେ ମୋବାଇଲ ସ୍କ୍ରିନ୍ ଦେଖିବା ସମୟରେ କିଛି ନା କିଛି ଖାଇବା ଏକ ସାଧାରଣ କଥା କିନ୍ତୁ ଏହି ସବୁ ଖାଦ୍ୟ ପଦାର୍ଥରେ ଜଙ୍କଫୁଡ୍ ଅଧିକ ମାତ୍ରାରେ ରହିଥାଏ, ଯାହା ସେମାନଙ୍କ ମୋଟାପଣକୁ ବଢ଼ାଇଥାଏ। ଏହା ଦ୍ୱାରା କେବଳ ରକ୍ତଚାପ ନୁହେଁ ବରଂ ମଧୁମେହ ଓ ଗଣ୍ଠି ଜନିତ ସମସ୍ୟା ମଧ୍ୟ ବଢିଥାଏ। ସାରା ବିଶ୍ୱରେ ପିଲାଙ୍କ ମେଦବହୁଳତା ମହାମାରୀର ରୂପ ନେଉଛି। ଏହାକୁ ନିୟନ୍ତ୍ରଣ କରିବା ପାଇଁ ପିଲାଙ୍କୁ ଯଥାସମ୍ଭବ ମୋବାଇଲ ପରଦାଠାରୁ ଦୂରେଇ ରଖିବା କୁହାଯାଏ। ଅନେକ ଅଭିଭାବକ କୁହନ୍ତି ଯେ, ଯଦି ଆମେ ପିଲାମାନଙ୍କୁ ମୋବାଇଲ ଫୋନ୍ ଦେବା ବନ୍ଦ କରିଥାଉ, ତେବେ ସେମାନେ ନିଜକୁ ନିଜ ସାଙ୍ଗମାନଙ୍କ ଠାରୁ ନିମ୍ନ ମାନ୍ୟତା ଦିଅନ୍ତି। ସାଙ୍ଗମାନେ ମଧ୍ୟ ସେମାନଙ୍କୁ ଉପହାସ କରନ୍ତି। ପିଲାମାନଙ୍କ ମଧ୍ୟରେ ମୋବାଇଲ ସେମାନଙ୍କ ସ୍ଥିତିର ପ୍ରତୀକ ପାଲଟିଛି। ଅପରପକ୍ଷରେ ଡାକ୍ତରମାନେ କହୁଛନ୍ତି ଯେ ଅଧିକ ସ୍କ୍ରିନ୍ ଦେଖିବା ଅର୍ଥ ବିଳମ୍ବରେ ଶୋଇବା। ବିଶେଷଜ୍ଞଙ୍କ ମତରେ ଭଲ ନିଦ୍ରା ମଧ୍ୟ ଆମ ସୁସ୍ଥ ହୃଦୟ ସହ ଜଡିତ। ମାନସିକ ସ୍ୱାସ୍ଥ୍ୟ ପାଇଁ ଗଭୀର ଓ ଲମ୍ବା ଶୋଇବା ଜରୁରୀ। ଛଅରୁ ବାର ବର୍ଷ ବୟସର ପିଲାମାନେ ଅତିକମରେ ବାର ଘଣ୍ଟା ଶୋଇବା ଉଚିତ୍। ଖାଲି ସେତିକି ନୁହେଁ ଶୋଇବାର ଅଧଘଣ୍ଟା ପୂର୍ବରୁ ଟିଭି, ମୋବାଇଲ ଦେଖିବା ଅନୁଚିତ। ଏସବୁ ସମସ୍ତଙ୍କ ପାଇଁ ଗାଇଡଲାଇନ। କିନ୍ତୁ ଏହା ପିଲାମାନଙ୍କ ସ୍ୱାସ୍ଥ୍ୟ ପାଇଁ ଗୁରୁତ୍ୱପୂର୍ଣ୍ଣ। କମ୍ ବୟସରେ ଉଚ୍ଚ ରକ୍ତଚାପ ଭଳି ସ୍ୱାସ୍ଥ୍ୟ ସମସ୍ୟାର ଅର୍ଥ ହେଉଛି ସାରା ଜୀବନ ଏହାକୁ ଭୋଗିବା। ଯଦି ଭାରତରେ ୭ ପ୍ରତିଶତ ପିଲା ଏହାର ଶିକାର ହୁଅନ୍ତି, ତେବେ କଳ୍ପନା କରନ୍ତୁ ଯେ ସେମାନଙ୍କ ସଂଖ୍ୟା କେତେ ଅଧିକ ଏବଂ ଏହି ସଂଖ୍ୟା କେବଳ ସ୍କୁଲଯାଉଥିବା ପିଲାଙ୍କର ଅଟେ। ସ୍କୁଲ ଯାଉନଥିବା ଅନେକ ପିଲାଙ୍କ ସମସ୍ୟାର ସମାଧାନ କେମିତି ହେବ? ଏଭଳି ସ୍ଥିତିରେ ପ୍ରତେକ ଅଭିଭାବକଙ୍କ ଏହି ଚିନ୍ତାଜନକ ପରିସ୍ଥିତି ପ୍ରତି ମଧ୍ୟ ଧ୍ୟାନ ଦେବା ଜରୁରୀ।

# ଅନ୍ଧାରୀ ବିଜେର ପ୍ରଭାବ ଶାସକକୁ ମାର୍ଜିତ କରିଥାଏ



ଉମାଶଙ୍କର ପ୍ରସାଦ
ସମ୍ପାଦକ,
ମାର୍ଗଦର୍ଶୀ, ଖୋର୍ଦ୍ଧା
ମୋ- ୬୩୭୦୬ ୭୫୫୬୨

ବିଷୟଟିର ଶିରୋନାମା ମୋର ସୁଧୀପାଠକ ମାନଙ୍କୁ ଟିକେ ଅଡୁଆ ଲାଗୁଥିଲେ ମଧ୍ୟ ଏହା ନିରାଟ ସତ୍ୟ। ଏହାର ରାଶି ରାଶି ଉଦାହରଣ ବିଭିନ୍ନ ଶାସ୍ତ୍ର, ପୁରାଣ, ରାମାୟଣ ତଥା ଇତିହାସରୁ ମିଳିଥାଏ। ଏହାର ଏକ ଜ୍ୱଳନ୍ତ ଉଦାହରଣ ଆମେ ମର୍ଯ୍ୟାଦା ପୁରୁଷୋତ୍ତମ ରାମଙ୍କ ନିକଟରେ ପାଇଥାଉ। "ଶ୍ରୀରାମ ସନାତନ ଧର୍ମର ନିତ୍ୟ ଶାଶ୍ୱତ ମୂଲ୍ୟବୋଧ ସହିତ ଲୋକ ମର୍ଯ୍ୟାଦା-ଧାରଣାରେ କଷ୍ଟ ସହି ଅନୁପମ ତ୍ୟାଗ ସ୍ୱୀକାର କରିବାରେ ରାଜ ରାଜେଶ୍ୱର"। ଭାରତୀୟ ସଂସ୍କୃତିରେ ତ୍ୟାଗ ଓ ଭୋଗ ଭିତରେ ଧର୍ମ ରକ୍ଷାର ଆଦର୍ଶ ଈଶ୍ୱର ଶ୍ରୀରାମ ଓ ଶ୍ରୀକୃଷ୍ଣ ଯଥାକ୍ରମେ ଆମର ମର୍ଯ୍ୟାଦା ପୁରୁଷୋତ୍ତମ ଓ ଲୀଳା ପୁରୁଷୋତ୍ତମ। ଭାରତୀୟ ମର୍ଯ୍ୟାଦା ଓ ତ୍ୟାଗକୁ ପ୍ରାଧାନ୍ୟ ଦେଇ ସମଗ୍ର ପୃଥିବୀରେ ମାନବ ଜାତିର ଆଦିକବି ବାଲ୍ମୀକିଙ୍କ ସୃଷ୍ଟି 'ରାମାୟଣ' ଆଦିକାବ୍ୟ ପାଇଁ ସତ୍ୟବାଦୀ, ଦୃଢ଼ବ୍ରତ, ବିଦ୍ୱାନ, ଗୁଣବାନ, ବୀର୍ଯ୍ୟବାନ, ଧର୍ମଜ୍ଞ, ଭକ୍ତିମାନ, ପ୍ରିୟଦର୍ଶନ, କର୍ତ୍ତବ୍ୟ ପରାୟଣ, ସଂଯମୀ, କାନ୍ତିମାନ, ଜିତକ୍ରୋଧ ଓ ଅସୂୟାଶୂନ୍ୟ ସର୍ବଗୁଣ ସମ୍ପନ୍ନ ଆଦର୍ଶ ନାୟକ କିଏ ହୋଇପାରେ ବୋଲି ଯେତେବେଳେ ପଚାରିଛନ୍ତି ସେତେବେଳେ ସର୍ବତ୍ର ବିଚରଣଶୀଳ ଦେବର୍ଷି ନାରଦ କହିଥିଲେ " ଇକ୍ଷାକୁ ବଂଶରେ ଦଶରଥ ତନୟ ରାମ ହେଉଛନ୍ତି- ନିୟତାତ୍ମା, ମହାବୀର, ଶୃତିମାନ୍, ଧୃତିମାନ୍. ବୁଦ୍ଧିମାନ୍, ନୀତିମାନ୍, ବାଗ୍ମୀ, ଶ୍ରୀମାନ୍। ସେ ଧର୍ମଜ୍ଞ, ସତ୍ୟସନ୍ଧ, ପ୍ରଜାହିତେରତ, ଯଶ୍ୱସ୍ୱୀ, ଜ୍ଞାନୀ, ଶୁଦ୍ଧାଚାରୀ, ବିନୀତ ଓ ସ୍ଥିରଚିତ୍ତ, ପ୍ରଜାପାଳକ ଓ ଧର୍ମରକ୍ଷକ। ସେ ସ୍ୱଜନ ପାଳକ ଓ ସ୍ୱଧର୍ମ ରକ୍ଷକ। ବାଲ୍ମିକୀଙ୍କ ଦୃଷ୍ଟିରେ ଉପରୋକ୍ତ ଗୁଣର ଅଧିକାରୀ ହୋଇ ଶୁଦ୍ଧା ସେ ଯେତେବେଳେ ପିତାଙ୍କ ଆଦେଶ ମାନି ୧୪ ବର୍ଷ ବନଗମନ କରିବା ସମୟରେ ଲଙ୍କାପତି ରାବଣ ତାଙ୍କର ପ୍ରିୟତମ ପତ୍ନୀ ଜାନକୀଙ୍କୁ ଚୋରି କରି ନେବା ସମୟରେ ଜଣେ ପକ୍ଷୀ ହୋଇ ମଧ୍ୟ ଜଟାୟୁ ନିଜ ଧର୍ମ ରକ୍ଷା କରି ଏକ ଆର୍ଯ୍ୟ ଲଳନାକୁ ଏକ ଅନାର୍ଯ୍ୟ ହାତରୁ ରକ୍ଷା କରିବାକୁ ଯାଇ ପ୍ରାଣ ବିସର୍ଜନ କରିବା ସହ ଆଜିର ସମାଜ ତଥା ଶାସକ ମାନଙ୍କୁ ଏହି ବାର୍ତ୍ତା ପ୍ରଦାନ କରିଥିଲା ନାରୀର ସମ୍ମାନ ରକ୍ଷା କରିବା ସମସ୍ତଙ୍କର କର୍ତ୍ତବ୍ୟ। ଅନ୍ୟ ପକ୍ଷରେ ଶ୍ରୀରାମ ମାନବବାଦୀର ପ୍ରତୀକ ମାନବ ଧର୍ମ ପାଳନ କରି ଏକ ଆର୍ଯ୍ୟ ଲଳନାକୁ ଅପହରଣ କରିଥିବା ରାବଣକୁ ମଣିଷର ପୂର୍ବଜ ଭାଲୁ ମାଙ୍କଡଙ୍କ ସହାୟତାରେ ସ୍ୱବଂଶ ବିନାଶ କରି ଅଯୋଧ ପ୍ରତ୍ୟାବର୍ତ୍ତନ କରିବା ସହ ଏହି ବାର୍ତ୍ତା ଦେଇଥିଲେ "ଯତ୍ର ନ୍ୟାର୍ଯ୍ୟସ୍ତୁ ପୁଜ୍ୟତେ ରମ୍ୟନ୍ତେ ତତ୍ର ଦେବତା"। ଆଦର୍ଶ ଭ୍ରାତାର ଚରମ ନିଦର୍ଶନ ପ୍ରତିଷ୍ଠିତ କରିଥିବା ଭରତ ନିଜ ଜ୍ୟେଷ୍ଠ ଭ୍ରାତା ରାମଙ୍କ ଆଦେଶରେ ଅଯୋଧର ଶାସନଭାର ସୁଚାରୁ ରୂପେ ଚଳାଇଥିଲେ। ଦୀର୍ଘ ଦିନ ପରେ ରାଜା ରାମଚନ୍ଦ୍ର ନିଜ ବିଷୟରେ ତାଙ୍କ ପ୍ରଜାମାନଙ୍କର ଭାବନାକୁ ପରଖିବା ପାଇଁ 'ଅନ୍ଧାରୀ ବିଜେ' କରୁଥିଲେ। ଯାହା ଜଣେ ଶାସକ ତାର ପ୍ରଜାମାନଙ୍କ ଆଖିରେ କେଉଁ ସ୍ଥାନ ପାଇଛି ତାହା ପରଖିବାର ଏକ ସୁଗମ ପନ୍ଥା। ଏକଦା ରାମଚନ୍ଦ୍ର ଛଦ୍ମବେଶ ଧାରଣ କରି ତାଙ୍କ ତଥା ରାଜବଂଶର ବ୍ୟକ୍ତି ବିଶେଷଙ୍କ ପ୍ରତି କି ପ୍ରକାର ମନୋଭାବ ପୋଷଣ କରିଛନ୍ତି ତାହା ଜାଣିବା ସହ ତାର ଆଶୁ ସମାଧାନର ପନ୍ଥା ଖୋଜୁଥିଲେ। ଅନ୍ଧାରୀ ବିଜେ ସମୟରେ ରାଜା ରାମଚନ୍ଦ୍ର ନିଜ ପତ୍ନୀ ସୀତାଙ୍କ ପ୍ରତି ତାଙ୍କର ଏକ ରଜକ ପ୍ରଜାର ଅସୂୟା ଭାବ ତଥା ଚରିତ୍ରକୁ ନେଇ ନିଜ ପତ୍ନୀକୁ ଘରୁ ବିତାଡିତ କରିବା ଖବର ଶୁଣି ବ୍ୟଥିତ ହେବା ସହ ମନ ଭାରାକ୍ରାନ୍ତ ହେବା ଯୋଗୁ ଏହାର ସମାଧାନ ପାଇଁ କୁଳଗୁରୁ ବଶିଷ୍ଠଙ୍କ ପାଖକୁ ଯାଇଥିଲେ। ସବୁ ଶୁଣିସାରି ଗୁରୁ କହିଥିଲେ ହେ ରାମ ରାଜାର ମନ ବିଚଳିତ ହେବା ପ୍ରଜା ତଥା ସମାଜ ପାଇଁ ଶୁଭଙ୍କରୀ ନୁହେଁ। 'ରାଜଧର୍ମ' ହେଉଛି ଶ୍ରେଷ୍ଠ ଧର୍ମ। ନିଜ ରାଜ ଧର୍ମକୁ ରକ୍ଷା କରିବା ବେଳେ ପିତା, ପତ୍ନୀ, ପୁତ୍ର, ସହୋଦରଙ୍କୁ ଯଦି ତ୍ୟାଗ କରିବାକୁ ପଡେ ତେବେ ରାଜା ବା ଶାସକ ତିଳେ ହେଲେ ପଛଘୁଞ୍ଚା ଦେବା ରାଜଧର୍ମରେ କଳଙ୍କ ସଦୃଶ। ଗୁରୁଙ୍କର ସେହି ପଦିଏ କଥା ରାଜା ରାମଙ୍କୁ ନିଜର ରାଜଧର୍ମ ପାଳନ କରିବା ଲାଗି ଅଦମ୍ୟ ସାହସ ଓ ଧୈର୍ଯ୍ୟ ପ୍ରଦାନ କରିଥିଲା। ସେ ଅନୁଜ ଲକ୍ଷ୍ମଣଙ୍କୁ ଡାକି ପ୍ରଜାମାନଙ୍କ ମନରୁ କଷ୍ଟ ଲାଘବ ପାଇଁ ନିଜର ପ୍ରୟତମ ପତ୍ନୀକୁ ବନକୁ ପ୍ରେରିତ କରିଥିଲେ। ତେଣୁ ସେ ଆଜି ମଧ୍ୟ ଜଣେ ନୀତିନିଷ୍ଠ ଶାସକ ଭାବରେ " ସର୍ବ ଲୋକପ୍ରିୟ, ସାଧୁ, ଉନ୍ନତ ଆତ୍ମା ଓ ବିଚକ୍ଷଣ " ସମୁଦ୍ର ଇବ ଗାମ୍ଭୀର୍ଯ୍ୟେ, ଧୈର୍ଯ୍ୟେନ ହିମ ମାନବ"। ଅର୍ଥାତ ଗାମ୍ଭୀର୍ଯ୍ୟରେ ଯେମିତି ସମୁଦ୍ରଭଳି ଅତଳସ୍ପର୍ଶୀ, ଧୈର୍ଯ୍ୟରେ ସେମିତି ହିମାଳୟ ଓ ପୃଥିବୀ ପରି ସହନଶୀଳ। ଏ ସବୁ ଆଲୋଚନା କରିବାର ପ୍ରାସଙ୍ଗିକତା ଏହି ଯେ ଜଣେ ଶାସକ ତାର ପ୍ରଜାମାନଙ୍କର ତା ପ୍ରତି ତଥା ତାଙ୍କ ଶାସନ ପ୍ରତି କି ପ୍ରକାର ମନୋଭାବ ଅଛି ତାହା ପରଖିବା ପାଇଁ ଅନ୍ଧାରୀ ବିଜେ ଏକମାତ୍ର ଉତ୍କୃଷ୍ଟ ପନ୍ଥା। କିନ୍ତୁ ଆଜି କାଲି ତ ଇଣ୍ଟରନେଟର ଯୁଗ। କ୍ଷଣ କ୍ଷଣକେ ବିଶ୍ୱରେ କ'ଣ ସବୁ ଘଟି ଯାଉଛି ତାର ବିବରଣୀ ଉପଲବ୍ଧି ହୋଇ ପାରୁଛି। କିନ୍ତୁ ଏଥିରେ ଅନେକ ଅତିରଞ୍ଜିତ ଓ ମିଥ୍ୟା ତଥ୍ୟ ମଧ୍ୟ ପ୍ରଦତ୍ତ□ହେଉଛି ଯାହା ସମାଜ ତଥା ଶାସକ ପାଇଁ ଶୁଭଙ୍କରୀ ନୁହେଁ। ବର୍ତ୍ତମାନ ରାଜକୀୟ ବ୍ୟବସ୍ଥା ନାହିଁ, ଗଣତନ୍ତ୍ର ପ୍ରତିଷ୍ଠା ହୋଇଛି। ନିର୍ବାଚିତ ପ୍ରତିନିଧି ମାନେ ଶାସନ ଗାଦିରେ ବସୁଛନ୍ତି, ଲୋକଙ୍କ ଅଭିଯୋଗ ଶୁଣା ଯାଉଛି। କିନ୍ତୁ ପ୍ରଜାମାନଙ୍କ ମନରେ ନିଜ ଶାସକ ତଥା ଶାସନ ପ୍ରଣାଳୀରେ କି ପ୍ରକାର ମନୋଭାବ ଅଛି ତାହା ଜଣା ପଡୁନାହିଁ। ତେଣୁ ଆମର ମାନ୍ୟବର ମୁଖ୍ୟମନ୍ତ୍ରୀ ତଥା ବିଭିନ୍ନ ବିଭାଗୀୟ ମନ୍ତ୍ରୀ ଅନ୍ଧାରୀ ବିଜେ ପ୍ରଥାକୁ ଆପଣେଇ ପାରନ୍ତେ ଏବଂ ପ୍ରତ୍ୟେକ ବରଷ୍ଠ ଅଧିକାରୀ ନିଜ ନିଜ ଜିଲ୍ଲା ତଥା ଅଞ୍ଚଳକୁ ଅଚାନକ ପରିଦର୍ଶନ କରନ୍ତେ ତେବେ ନିଜର କାର୍ଯ୍ୟଶୈଳୀ ପ୍ରତି ନିଜର ଜନତାଙ୍କ ସ୍ୱଷ୍ଟ ଧାରଣା ବା ମତମନ୍ତବ୍ୟକୁ ବିଚାରକୁ ନେଇ ନିଜକୁ ମାର୍ଜିତ କରିବା ସହ ଭବିଷ୍ୟତ ପିଢୀଙ୍କ ପାଇଁ ଉଦାହରଣ ସୃଷ୍ଟି କରିପାରନ୍ତେ। ଆଜି ମଧ୍ୟ ପ୍ରତ୍ୟେକ ବ୍ୟକ୍ତି ବିଶେଷ ତଥା ଶାସନାରୁଢ ଶାସକ ଆଦର୍ଶ ଚରିତ୍ରବାନ ମର୍ଯ୍ୟାଦା ପୁରୁଷୋତ୍ତମ ରାମଙ୍କୁ ରାଷ୍ଟ୍ରଦେବତା ଭାବେ ସ୍ଥାନିତ କରିଛି। ଆଜିର ସେ ଶାସନ ନାହିଁ କି ଶାସକ ଆଉ ଗୁରୁ ଉପଦେଶ ନେଉ ନାହାଁନ୍ତି କାରଣ ବଶିଷ୍ଠଙ୍କ ଭଳି ଗୁରୁ ମିଳିବା କଷ୍ଟକର! ରାଜ୍ୟ ଶାସନ ଆଜି କେନ୍ଦ୍ରାଧିନ ତଥା ହାଇକମାଣ୍ଡ ଅଧିନରେ। ତେଣୁ ଶାସନ ଧିରେ ଧିରେ ନିମ୍ନଗାମୀ ହେବାକୁ ଲାଗିଛି। ତେଣୁ ବିନମ୍ର ଅନୁରୋଧ ଆମର ମାନ୍ୟବର ମୁଖ୍ୟମନ୍ତ୍ରୀ ଅନ୍ଧାରୀ ବିଜେ ଜାଗାରେ ଅଚାନକ ପରିଦର୍ଶନ ବ୍ୟବସ୍ଥା କରନ୍ତୁ ଯାହା ତାଙ୍କୁ ଭବିଷ୍ୟତରେ ପୁନଃ ନିର୍ବାଚିତ କରିବାରେ ସାହାଯ୍ୟ କରିବ।

*Printed & Published by* **Basanti Roy** on behalf of **Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.**
Editor : **Jayasish Roy** **E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022**
ସମ୍ପାଦକ : **ଜୟାଶୀଷ ରାୟ**

## ଧାରାଶ୍ରାବଣ

**ଶରତ ଦାଶ**



ଶ୍ରାବଣ ଆକାଶୁ ଝରିପଡେ ଯେବେ
ଶୀତଳ ବର୍ଷାଧାର
କୋହ ହୋଇ ଲୁହ ଝରିପଡେ ନେତ୍ରୁ
ବହି ବେଦନାର ଭାର

କଳା ମେଘମାଳା ପବନେ ବାଉଳା
ଭାସିଯାଏ ଆକାଶରେ
ମନର ଆକାଶେ ଦୁଃଖର ବଉଦ
ଏକତ୍ର ହୁଅଇ ଧୀରେ

ଧରଣୀ ଉତ୍ତାପ ହୋଇଯାଏ ଲୋପ
ବର୍ଷା ଚୁମ୍ବନ ପାଇ
ତନୁର ଉତ୍ତାପ ତନୁରେ ମରଇ
ବିରହ ସଙ୍ଗୀତ ଗାଇ

ସବୁଜିମା ଭରେ ଶ୍ରାବଣର ବର୍ଷା
ଧରିତ୍ରୀ ସୁନ୍ଦରୀ ଦେହେ
ବିରହୀ ପରାଣ ରହେ ଧୂସରିତ
କାମନାର ଅନ୍ତର୍ଦାହେ

ଶ୍ରାବଣର ବାରି ପଡୁଥାଏ ଝରି
ଭଙ୍ଗାଚାଳ ମଥାନରୁ
ଭସାଇ ଚତ୍ୱର ଦରିଦ୍ରକୁଟୀର
ଜୀବନକୁ କରି ଗରୁ

ହେମାଳ ପବନ ବହେ ଉପବନ
ବନ କରି ଶିହରିତ
ସହରର ନାଳ ନର୍ଦ୍ଦମା ଉଚ୍ଛୁଳେ
ରାସ୍ତା ହୁଏ ଅନ୍ତର୍ହିତ

ନିରୀହ ବାଳକ ଭାସିଯାଏ ସେଠି
ନାଳ ନର୍ଦ୍ଦମାର ସୁଏ
ସହର ଆମର ତଥାପି ସୁନ୍ଦର
କାହାର ବା କିସ ଯାଏ

ଶ୍ରାବଣ ଗରଜେ ଚମକାଇ କ୍ଷଣେ
ଆକାଶେ ବିଜୁଳି ରେଖା
ନିସ୍ତବ୍ଧ ମନର ଅଙ୍ଗନେ ଜଳେ
ବହ୍ନି ନଥାଇ ଶିଖା

ବରଷାରେ ଭିଜି ଭକତିରେ ମଜି
କାଉଡ଼ିଆ ଗାଏ ଗୀତ
ଶଙ୍କରକରୁଣା ପାଇବା ଆଶାରେ
ସହେ କଷ୍ଟ ଅପ୍ରମିତ

ଶ୍ରାବଣର ଧାରା ସତତ ଅଧୀରା
ଅବଶ ନୟନ କୋଣେ
ପର ଦୁଃଖ ଦେଖି ବହିଯାଏ ଆପେ
ମନା ଜମା ନାହିଁ ମାନେ ।

*ଭୁବନେଶ୍ୱର*

## ଦୁଷ୍ଟଚରିତ୍ର



**ସନ୍ତୋଷ ମିଶ୍ର**



ସନ୍ଧ୍ୟା କାଳୀନ ଗପ୍ପ ଆସର ଜମି ଆସୁଥିବା ସମୟରେ ପ୍ରଗଳ୍ଭ ରଣା ବାବୁ କହିଲେ – ଶଃ ଯେତେ ମାଲ ପିଇବା ଲୋକ ମୁଁ ଦେଖିଚି ସବୁଠୁଁ ଶୀର୍ଷରେ ରହିବ ସୁକାନ୍ତ । ଦାମିକା ମଦ ବୋତଲ ମୁହଁରେ ଲଗେଇ ଢକ ଢକ କରି ପିଇଯାଏ ପାଣି ବା ବରଫର ଆବଶ୍ୟକତା ପଡ଼େନି । ମାଲ ପଟେଇବାରେ ବି ଓସ୍ତାଦ୍ । ଯୋଉ ସୁନ୍ଦରୀ ମହିଳା ଉପରେ ତାର ନଜର ପଡ଼ିଯାଏ କଳ, ବଳ, କୌଶଳ ପ୍ରୟୋଗ କରି କିଛିଦିନ ମଧ୍ୟରେ ତାକୁ ଅକ୍ତିଆରକୁ ନେଇ ଆସେ । ବିବାହିତା ମହିଳା ତାର ଅଧିକ ପସନ୍ଦ ।

ରଣା ବାବୁ ବ୍ଲକର ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ । ବିଶେଷ କିଛି କାମ ନଥିବାରୁ କେହି ସହକର୍ମୀ ଅଥବା ପରିଚିତ ବ୍ୟକ୍ତି ଆସିଲେ ସହସା ଗୁଲି ଗପ୍ପ ଆରମ୍ଭ କରିଦିଅନ୍ତି । କଥା କଥାକେ ଗାଳି । ସ୍ଥାନ, କାଳ, ପାତ୍ର ଜ୍ଞାନ ରହେନାହିଁ । ସବୁବେଳେ ସ୍ୱପ୍ନ ବିଭୋର । କେବେ ଏ.ବି.ଡି.ଓ.ରୁ ପଦୋନ୍ନତି ପାଇ ବି.ଡି.ଓ. ହେବେ । ପ୍ରଚୁର ଅର୍ଥ ଉପାର୍ଜନ କରିବେ । ସ୍ୱପ୍ନ ଦେଖିବା ଦୋଷାବହ ନୁହେଁ । ମାତ୍ର କାହା ବିରୁଦ୍ଧରେ କୁତ୍ସାରଟନା କରିବା କିମ୍ବା ଚରିତ୍ର ସଂହାର କରିବା ନିହାତି ଅସମିଚୀନ । ପାଖରେ ବସି ରଣା ବାବୁଙ୍କ କଥା ଶୁଣୁଥିଲେ । ତାଙ୍କର ଜଣେ ସହକର୍ମୀ ତ୍ରିଲୋଚନ ସୁକାନ୍ତ ସମ୍ପର୍କିତ କଥା ଅସହ୍ୟ ବୋଧ ହେବାରୁ ପଚାରିଲେ- ଆଜ୍ଞା, ଗପ୍ପ ପିଉପିଉ କଣ ନିଶା ଧରିନେଲା । କୋଉ ସୁକାନ୍ତ କଥା ଆପଣ କହୁଛନ୍ତି । ଆମ ଗାଁର ସୁକାନ୍ତ ମୋର ବାଲ୍ୟବନ୍ଧୁ ଶାନ୍ତ, ସୁଧାର, ମେଧାବୀ, ଭଦ୍ର ଓ ଚରିତ୍ରବାନ ଝିଅମାନଙ୍କୁ ଆଡ଼ ଆଖିରେ ଚାହେଁନାହିଁ । ସ୍ତ୍ରୀ ଲୋକ ଦେଖିଲେ ଲଜ୍ଜା ବଶତଃ ପାଟିରୁ କଥା ବାହାରେନାହିଁ । ଆମ ଗାଁର ଭଲ ପିଲାମାନଙ୍କ ମଧ୍ୟରେ ସେ ଅନ୍ୟତମ ଈଷତ ବିରକ୍ତି ଭାବ ପ୍ରକାଶ କରି ରଣା ବାବୁ କହିଲେ- ଆରେ ବାବୁ, ମୁଁ ତମର ସେହି ବାଲ୍ୟବନ୍ଧୁ ସୁକାନ୍ତ କଥା କହୁଚି । ତା' ବାପା ଜଣେ କଣ୍ଟ୍ରାକ୍ଟର, ମା' ଏକଦା ବ୍ଲକର ଅଧ୍ୟକ୍ଷା ଥିଲେ । ବାପାଙ୍କ ଇଛା ଥିଲା ପୁଅକୁ ଇଞ୍ଜିନିୟର କରିବା ପାଇଁ । ମାତ୍ର ଆଇ.ଏସ.ସି.ରେ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେବାରୁ ତାକୁ ଓଡ଼ିଶାର କୌଣସି ଇଞ୍ଜିନିୟରିଂ କଲେଜରେ ସିଟ୍ ମିଳିଲାନାହିଁ । ବାପର ତ ଅର୍ଥର ଅଭାବ ନଥିଲା ତେଣୁ ଓଡ଼ିଶା ବାହାରେ ପାଠ ପଢ଼ାଇ ପୁଅକୁ ଇଞ୍ଜିନିୟର କରିବାରେ ସେ ସମର୍ଥ ହୋଇଥିଲେ । ଏବେ ସେହି ପୁଅ ବିଶୋଇ ବ୍ଲକର ଇଞ୍ଜିନିୟର ।

ସୁକାନ୍ତ ବିଷୟରେ ସବୁକଥା ଜାଣି ତ୍ରିଲୋଚନଙ୍କୁ ଲାଗିଲା ଯେମିତି ସେ ବରଫର ପାହାଡ଼ ତଳେ ଚାପି ହୋଇଯାଇଥିବା ସ୍ୱୟଂ ଖଣ୍ଡେ ବରଫ !! ତ୍ରିଲୋଚନଙ୍କ ସ୍ଥାଣୁତାକୁ ଲକ୍ଷ୍ୟ କରି ରଣାବାବୁ କହିଲେ- ଏତିକି ମାତ୍ର ଶୁଣି ତମର ଅବସ୍ଥା ଏମିତି ସବୁ କଥା ଶୁଣିଲେ ତମେ ତ ବରଫର ନଦୀଟିଏ ହୋଇ ବହିଯିବ । ତାପରେ ରଣାବାବୁ କହିଚାଲିଲେ- ବ୍ଲକ କଲୋନିରେ ଜଣେ କନିଷ୍ଠ କିରାଣୀ ବିରେନ୍ଦ୍ରଙ୍କର ଦିବ୍ୟ ସୁନ୍ଦରୀ ସ୍ତ୍ରୀଟିଏ ଥିଲା । ତାର ଅପରୂପ ସୌନ୍ଦର୍ଯ୍ୟରେ ଅଭିଭୂତ ଲୋକେ କହୁଥିଲେ- ସ୍ୱର୍ଗର ଅପସରୀ ରମ୍ଭା, ଉର୍ବଶୀ, ମେନକା କେବେ ହେଲେ ଯାଙ୍କ ଠାରୁ ଅଧିକ ସୁନ୍ଦରୀ ହୋଇନଥିବେ । ବ୍ରହ୍ମାଙ୍କର ସେହି ଅନବଦ୍ୟ ସୃଷ୍ଟି ଉପରେ ସୁକାନ୍ତର ଲୋଲୁପ ଦୃଷ୍ଟି ପଡ଼ିଲା । ବିଚରା କିରାଣୀର ଅନୁପସ୍ଥିତି ସୁଯୋଗ ନେଇ ସୁକାନ୍ତ ବାରମ୍ବାର ତାଙ୍କ ଘରକୁ ଯାଉଥିଲା । ବହୁମୂଲ୍ୟ ଉପଢୌକନ ବଦଳରେ ସେ ବିରେନ୍ଦ୍ରଙ୍କ ସ୍ତ୍ରୀର ମନ, ହୃଦୟ ଓ ଦେହ ସବୁ କିଛି ଜିଣିବାରେ ସକ୍ଷମ ହୋଇଥିଲା । ବିରେନ୍ଦ୍ରର ସ୍ତ୍ରୀ ସମେତ ଅନେକ ସ୍ତ୍ରୀ ଲୋକମାନଙ୍କ ସହିତ ସୁକାନ୍ତର ଅବୈଧ ସମ୍ପର୍କ ଥିଲା । ସୁବିଧା ସୁଯୋଗ ଦେଖି ସେମାନଙ୍କ ଘରେ ଅଥବା ନିଜ ସ୍ତ୍ରୀ ବାପ ଘରକୁ ଯାଇଥିବା ସମୟରେ ନିଜ ବସାକୁ ଆଣି ସେମାନଙ୍କ ସହ ସଂପର୍କ ରଖେ । ଦୁଇଟି ପୁଅର ବାପ ହେବାପରେ ଏବଂ ସ୍ତ୍ରୀ ସହିତ ନିଜ ଦୁଷ୍ଟଚରିତ୍ରତା ହେତୁ ବାରମ୍ବାର ଝଗଡ଼ା ହେବାପରେ ବି ତାର କିଛି ପରିବର୍ତ୍ତନ ହୋଇନଥିଲା । ପରିଶେଷରେ ସ୍ତ୍ରୀ ବାଧ୍ୟ ହୋଇ ପିଲାମାନଙ୍କ ସହିତ ନିଜ ବାପ ଘରକୁ ଚାଲିଯାଇଥିଲା ।

ସେହି ସମୟରେ ଦିନେ ବିଲେଇ କପାଳକୁ ଶିକା ଛିଣ୍ଡିଲା ଭଳି ସୁକାନ୍ତ ବସାରେ ଏକାକୀ ହାଜର ହେଲେ ନିଜ ଗାଁର ପଡ଼ୋଶି ଘର ଭାଉଜ ସୁଲେଖା । ସୁଲେଖା ଶ୍ୟାମଳ ବର୍ଣ୍ଣର ହେଲେବି ଢଉଳ ଢାଉଳ । ବହୁଦିନରୁ ତାଙ୍କ ଉପରେ ସୁକାନ୍ତର ନଜର ପଡ଼ିଥିଲା । ଗାଁକୁ ଗଲେ ଯେବେ ଦେଖା ହୁଏ ଭାବେ- ଥରେ ଯଦି ସୁଯୋଗ ପାଆନ୍ତି ନା !! ଆଜି ସୁଯୋଗ ହାତ ମୁଠାରେ । ଆନନ୍ଦରେ ବିଭୋର ହୋଇ କହିଲା- ଭାଉଜ, ମୋ ସ୍ତ୍ରୀ ଅଯଥାରେ କଳି ଝଗଡ଼ା କରି ବାପ ଘରକୁ ଚାଲି ଯିବା ପରେ ସତରେ ମୁଁ ହତାଶ ହୋଇପଡ଼ିଥିଲି । ତମକୁ ଦେଖି ପିଣ୍ଡରେ ପ୍ରାଣ ପଶିଲା ଜାଣ । ଭାଉଜ ହସି ହସି କହିଲେ- ମୁଁ ଆସିଗଲି ଏବେ ଆଉ କିଛି ଅସୁବିଧା ହେବନି । ସୁକାନ୍ତ କହିଲା- ଦେଖ, ପ୍ରଥମ ଥର ପାଇଁ ତମେ ମୋ ପାଖକୁ ଆସିଛ ଅତି କମ୍‌ରେ ମାସେ ନରହିଲେ ଛାଡିବିନି । ଭାଉଜ କହିଲେ- ବ୍ୟସ୍ତ ହୁଅନି ତମେ ଯେତେବେଳେ ଚାହିଁବ ମୁଁ ଆସିପାରିବି । ବର୍ତ୍ତମାନ ବହୁ ସମସ୍ୟା ଭିତରେ ମୁଁ ଅଛି । ତମ ଭାଇଙ୍କ ଦେହ ଖରାପ । ପୁଅର କଲେଜରେ ଆଡ଼ମିଶନ୍ ପାଇଁ ୫୦୦୦ ଟଙ୍କା ନିହାତି ଆବଶ୍ୟକ । ସେଥିପାଇଁ ତ ତମ ପାଖକୁ ଚାଲି ଆସିଲି । ସୁକାନ୍ତ କହିଲା- ଠିକ୍ କରିଛ ଠିକ୍ ସମୟରେ ଠିକ୍ ଜାଗାରେ ପହଞ୍ଚିଚ । ମୁଁ ତମକୁ ସବୁବେଳେ ନିଜର ବୋଲି ଭାବେ । ଅତଏବ ତମର ସମସ୍ୟା ହିଁ ମୋର ସମସ୍ୟା । ମୋ ଉପରେ ଭରସା ରଖ ଅଚିରେ ସବୁ ସମସ୍ୟା ସମାଧିତ ହେବ । ତମେ ମୋ ପାଖରେ କିଛି ଦିନ ରୁହ ଆରାମ କର ଗଲାବେଳେ ୫୦୦୦ କଣ ୧୦,୦୦୦ ଟଙ୍କା ଦେବାକୁ ମୁଁ ପ୍ରସ୍ତୁତ ଅଛି । କେବଳ ସେତିକି ନୁହେଁ, ଯେତେବେଳେ ଯାହା ଦରକାର ବିନା ଦ୍ୱିଧାରେ ମୋତେ କହିବ ।

ପ୍ରାୟ ୧୫ ଦିନ ପରେ ଘରକୁ ବାହାରିଲେ ଭାଉଜ । ୧୦ ହଜାର ଟଙ୍କା ତାଙ୍କ ହାତରେ ଦେଇ ସୁକାନ୍ତ କହିଲା- ଏହା ଧାର ନୁହେଁ... ଉପହାର ବୋଲି ଭାବିବ । ଏଥର ଯେତେବେଳେ ଇଚ୍ଛା ହେବ ମୋ ପାଖକୁ ଚାଲି ଆସିବ । ମୋ ଘରର ଦ୍ୱାର ତମ ପାଇଁ ସବୁଦିନେ ଖୋଲା ରହିବ । ହଁ, ଆଉ ଗୋଟେ କଥା, ତମେ ଗଲାପରେ ଖାଇବା ପିଇବାରେ ବହୁତ ଅସୁବିଧା ହେବ । ହୋଟେଲ ଖାଇବା ତ ମୋ ଦେହରେ ଯିବନି ତେଣୁ ମୁଁ ଭାବୁଚି ତମ ବିଧବା ଝିଅ ମୀନା ମୋ ପାଖରେ ରହିଲେ କେମିତି ହୁଅନ୍ତା । ମୁଁ ତା ପୁଅର ସମସ୍ତ ପଢା ଖର୍ଚ୍ଚ ବହନ କରିବା ପାଇଁ ପ୍ରସ୍ତୁତ । ଭାଉଜ କହିଲେ- ବହୁତ ଭଲ କଥା । ବିଧବା ହେବା ପରେ ମୀନା ଆମଘରେ ଅତି ଦୁଃଖରେ ରହୁଚି । ପୁଅର ପାଠ ପଢା, ଭବିଷ୍ୟତ ଚିନ୍ତାରେ ଅହରହ ଘାରି ହେଉଛି । ତମ ପାଖରେ ରହିଲେ ସେ ସବୁ ପ୍ରକାର ଦୁଶ୍ଚିନ୍ତାରୁ ମୁକ୍ତି ପାଇଯିବ । ମୁଁ ତାକୁ ଦିନେ ଦୁଇ ଦିନ ଭିତରେ ତମ ପାଖକୁ ପଠାଇ ଦେଉଚି ।

ଭାଉଜ ଯିବାର ଠିକ୍ ଦୁଇ ଦିନ ପରେ ପହଞ୍ଚିଲା ମୀନା । ପାଖରେ ବସି ପିଠି ଆଉଁସି କହିଲା ସୁକାନ୍ତ- ମୁଁ ସବୁଦିନ ପାଇଁ ତୋର ଆଉ ତୋ ପୁଅ କଥା ବୁଝିବା ପାଇଁ ପ୍ରସ୍ତୁତ ଅଛି । ତୋର ଖାଇବା, ପିଇବା, ଲୁଗା ପଟା, ଗହଣା ଗଣ୍ଠି ସମେତ ପୁଅର ଉଚ୍ଚ ଶିକ୍ଷା ଦାୟିତ୍ୱ ମୋର । ମୀନା କହିଲା- ମୋର ତଥା ପୁଅର ଭବିଷ୍ୟତ ଦୃଷ୍ଟିରୁ ମୁଁ ନିଜକୁ ତମ ପାଖରେ ସମର୍ପି ଦେଉଚି ତେଣିକି ତମର ଯାହା ଇଚ୍ଛା ।

ସବୁକଥା ମନଯୋଗ ସହକାରେ ଶୁଣୁଥିବା ତ୍ରିଲୋଚନ କହିଲା- ଆଜ୍ଞା, ସୁକାନ୍ତକୁ ଆଉ ସ୍ତ୍ରୀର ଅଭାବ ଅନୁଭୂତ ହେଉ ନଥିବ ହେଲେ ପିଲା ମାନଙ୍କୁ ନେଇ ତା ସ୍ତ୍ରୀ ଯେ ବାପ ଘରକୁ ଯାଇଥିଲା, ଫେରିଲା କି ନାହିଁ । ରଣା ବାବୁ କହିଲେ- ସେଇ କଥା ହିଁ ମୁଁ କହିବାକୁ ଯାଉଚି ଟିକେ ଧୈର୍ଯ୍ୟଧର । ତାପରେ କହି ଚାଲିଲେ- କିଛି ମାସ ପରେ ହଠାତ୍ ସାଙ୍ଘାତିକ ଭାବେ ଅସୁସ୍ଥ ହୋଇପଡ଼ିଲା ସୁକାନ୍ତ । ସ୍ଥାନୀୟ ଡାକ୍ତରଖାନାରେ ଚିକିତ୍ସା ସମ୍ଭବ ନହେବାରୁ ତାକୁ କଟକ ବଡ଼ ଡାକ୍ତରଖାନାକୁ ନିଆଗଲା । ଡାକ୍ତର ପରୀକ୍ଷା କରି କହିଲେ ଅତ୍ୟଧିକ ମଦ୍ୟ ପାନ ଓ ସେ ଏକାଧିକ ଦୁରାରୋଗ୍ୟ ବ୍ୟାଧିରେ ପୀଡ଼ିତ । ବର୍ତ୍ତମାନ ଶେଷ ଅବସ୍ଥା । ବଞ୍ଚିବାର କୌଣସି ସମ୍ଭାବନା ନାହିଁ ।

କିଛି ଦିନ ପରେ ସୁକାନ୍ତର ଶବ ଗାଁରେ ଥିବା ଘରେ ପହଞ୍ଚିବାରୁ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା । ଖବରପାଇ ଦୁଇ ପିଲାଙ୍କ ସହ ଆସିଥିବା ସ୍ତ୍ରୀ ଶବ ଉପରେ ଲୋଟି ପଡ଼ି କାନ୍ଦି କାନ୍ଦି କହିଲା- କେତେ କହିଲି.. କେତେ ବୁଝାଇଲି ଅବାଟରୁ ଓହରି ଆସିବା ପାଇଁ... କିଛି ଶୁଣିଲ ନାହିଁ... ଶେଷରେ କୋଉ ଅଜଣା ପଥର ପଥିକ ହୋଇଗଲ । ଏବେ ପିଲାମାନଙ୍କୁ ନେଇ ମୁଁ ଚଳିବି କିପରି... ଏତେ ଦୀର୍ଘ ପଥ ଲଙ୍ଘିବି କେମିତି । ଏ ସ୍ୱାର୍ଥପର ଦୁନିଆରେ କିଏ ଆମକୁ ସହାୟ ହେବ.. । ଶେଷରେ ହଠାତ୍ ନୀରବି ଯିବାର ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହେଲେ । ପାଖକୁ ଯାଇ ପରୀକ୍ଷା କରି ଦେଖିବାରୁ ଜଣା ପଡ଼ିଲା ତାର ପ୍ରାଣ ପକ୍ଷୀ ଉଡ଼ି ଯାଇଛି । ମୂରବୀ ଲୋକମାନେ କହିଲେ- ବାସ୍ତବିକ୍ ଇଏ ଜଣେ ସତୀ ନାରୀ । ସ୍ୱାମୀର ମୃତ୍ୟୁ ଯନ୍ତ୍ରଣା ସହିନପାରି ଅକାଳରେ ଜୀବନ ହାରିଦେଲା । ଦୁଇ ଜଣଙ୍କ ଆତ୍ମା ଏକ ହୋଇ ପରମାତ୍ମାଙ୍କ ସହିତ ମିଳିତ ହୋଇଗଲା । ଧନ୍ୟ..ଧନ୍ୟ ।

*ଅବସରପ୍ରାପ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ*
*ଉଦଳା, ମୟୂରଭଞ୍ଜ*
*ମୋ- ୭୦୦୮୨୩୭୬୫୦*

## ଆସିଲା ବରଷା ରାଣୀ



**ଜୟନ୍ତ କୁମାର ମଲ୍ଲିକ**

ମେଘ ଡମ୍ବରୁର ଶବଦ ଶୁଭିଲା
ଆସିଲା ବରଷା ରାଣୀ
ତା'ପରଶେ ଧରା ମେଲିଲା ପସରା
ସାଜିଲା ସବୁଜ ଠାଣୀ
ଗଛଲତା ସବୁ ଶିହରି ଉଠିଲେ
ପାଣିର ମମତା ପାଇ
ଚାତକ ନାଚିଲା ତାଥେଇ ତାଥେଇ
ସୁମଧୁର ଗୀତ ଗାଇ
ବାହାଘର ଭୋଜି ଭାତ ଖାଉ ଖାଉ
ବେଙ୍ଗୁଲି ଛାଡ଼ିଲା ରଡ଼ି
ମଝିରେ ମଝିରେ ବଜାଇଲା ବାଜା
ବିକଟାଳ ଘଡଘଡି
ଚାଷୀ ଭାଇ ମନେ ଭରସା ଭରିଲା
ଛୁଟିଲା ଆଶାର ନଈ
ମାଟି ମାଆ କୋଳେ ହସି ସବୁଜିମା
ଦେଖାଇଲା କେତେ ଛଇ ।

*ଶୂରଡିହ, ନନ୍ଦିପୁର,*
*ଦଶରଥପୁର, ଯାଜପୁର*
*ମୋ- ୯୪୩୭୮୬୫୭୨୭*

## ବର୍ଷା ବିଳାପ

**ରଜନୀ ନାୟକ**



ସାଧବ ବୋହୂର ନାଲି ଓଢ଼ଣୀ ତଳେ ଘୁମୁରେ ଶ୍ରାବଣୀ ରାଣୀ
ଆକାଶ ଛାତିକୁ ବିଦୀର୍ଣ୍ଣ କରି ଝରାଏ ଆଖିରୁ ପାଣି
କହ, କେମିତି ପାରିଲୁ ଜାଣି ?
ମୋ ନିଅଣ୍ଟିଆ, ଅଭାବି ଛାତରୁ ଗଳୁଛି ବରଷା ପାଣି

ହାଟର ସଉଦା, ବାଟର କାଦୁଅ, ଜୀବନଟା ଧୂଳି ଖେଳ
ବରଷା ଆସିଲେ ହିସାବ ଛିଡେନି, ଆଖି ହୁଏ ଜଳଜଳ
କାହିଁ ଚେର କାହିଁ ଫଳ
କଳି କି'ପାରିବୁ ଖଟିଆଙ୍କର ଅଛି କେତେ ମନୋବଳ ?

ଜଳୁଛି ଆୟୁଷ ଯେତେ ଅବସୋସ କୋହ ସବୁ ଚାପି ଧରି
ଆଖିର ସପନ ହୁଏ ଭାସମାନ ପାଣିର ଫୋଟକା ପରି
କହ, କା'ଆଗେ କରିବି ଗୁହାରି ?
ପେଟର ଓପାସ ନାହିଁ ଦୋଷାଦୋଷ ଅନ୍ଧାର ଆସୁଛି ଘେରି

ଋତୁ ରାଇଜରେ ରାଜତ୍ୱ କରୁଛି ମଙ୍ଗଳମୟୀ ବରଷା
ଧରା ପ୍ରକୃତିର କାନ୍ତି ବିସ୍ତାରେ ପଲ୍ଲବିତ ହୁଏ ନୂତନ ଆଶା
କହ, ଗରିବର କିଆଁ ଉଡ଼ଇ ହଂସା ?
ଚିନ୍ତା ଚିତ୍ରପଟ ଆବୋରି ବସିଛି ମୁଣ୍ଡରେ ମୋହର ବାଇଆ ବସା

ଭୂମି ଠାରୁ ଭୂମା ନିଃସର୍ତ୍ତ ମିଳନେ ମହକି ଉଠୁଛି ଏ ବସୁନ୍ଧରା
ପ୍ରୀତି ପାର୍ବଣର ରୋମାଞ୍ଚ ମୁହୂର୍ତ୍ତେ ତନୁ ମନ ମୋର ହୁଏ ଅଧିରା
କହ, ମୁଁ କାହିଁକି ଆଜି ସର୍ବସ୍ୱହରା ?
ଅମୃତ ଅଧରୁ ଝରୁ ନାହିଁ କିଆଁ ମୋ ପାଇଁ କେବେ ଅମୃତ ଧାରା ।

*ଭୁବନେଶ୍ୱର*

## ଏଇ ବର୍ଷା

**ଡ. ରଶ୍ମି ଦାସ**



ଆକାଶ ତୋଳିଛି ଛନ୍ଦ ରିମ୍‌ଝିମ୍ ସୁରେ,
କଳା ପଣତ ଉଡାଇ ମାଟିର ଛାତିରେ,
ବତୁରି ଯାଉଛି ଭୂଇଁ ଲାଜସରମରେ ଭିଜି,
ସବୁଜ ବନାନୀ ଧାରେ ଏକାକାରେ ମଜି,
ଭୂଆସୁଣୀ ନୀରାମାଖି କୁଆଁରିଆ ମନ,
ବିରହ ବିଧୁରା ବଧୂ ମଧୁର ସପନ,
ବର୍ଷାଭିଜା ଚୁନା ଚୁନା କଦମ୍ବର ଝରା
ଝରୁଛି ଶ୍ରାବଣୀ ଝର ତନୁମନ ସାରା,
ହାଲକା ହାଲକା ସୁଗନ୍ଧର ମନ ବିତାନରେ,
ପିକ, ଶୁକ, ସାରି ଯେତେ ମନଜିଣା ତାନେ,
ଅମୃତପାନ ପିପାସା ମେଣ୍ଟାଇ ଆନନ୍ଦେ
ବିହରି ନୃତ୍ୟ କରନ୍ତି ସାଥୀ ସଙ୍ଗମେ
ଫୁଲୁଛି ଫୁଲେଇ ହୋଇ ନଈ ପୋଖରୀ,
ନାଉରୀ ଗାଉଛି ଗୀତ ନାଆକୁ ବାଇ,
ଚାଳରୁ ଝରୁଛି ପାଣି, ବହେ ଓଳି ତଳ,
ନିଅଣ୍ଟିଆ, ଖଟିଆ, ସରେ ନାହିଁ କାଳ,
ଚୁଲି, ଚାଳ ଏକାକାର ପେଟ ପିଠି ମିଶେ,
ଦଇବ ଯାହା ଖଞ୍ଜିଛି ଭାଗ୍ୟର ଆକାଶେ ।

*ପ୍ଲଟ୍- ୬୬୭/୫୭୦୧, ଶ୍ରୀ ବିହାର, ପଟିଆ , ଭୁବନେଶ୍ୱର*

## କହଲୋ ଜହ୍ନ ତୋ ବୟସ କେତେ !

**ନଳିନୀ ଦାଶ**



କହଲୋ ଜହ୍ନ ତୋ ବୟସଟା କେତେ !
ଦିଶୁ ତରୁଣୀଙ୍କ ପରି
ତୋ ରୂପ ଯୌବନେ ମୋହୁ ତୁ କାହାର
ସାଜିଅଛୁ ଅଭିସାରୀ
ଆକାଶ ବୁକୁରେ ଉଇଁ ଗଲାପରେ
ହସ ତୋ ପଡୁଛି ଝରି
ଜହ୍ନଲୋ ଜହ୍ନ ତୋ ରୂପ ଗୁଣେ ତୋର
କେହିତ ହେବେନି ସରି
ଶୁଣିଥିଲି କାନେ ପୁରାଣ ପୋଥିରୁ
ସାଗରରୁ ତୋର ଜାତ
ସଞ୍ଜ ନଇଁ ଗଲେ ଜୋଛନା ଢାଳିଲେ
ଧରା ହୁଏ ଆଲୋକିତ
ଶୀତଳ ପରଶ ପାଇବା ପାଇଁକି
ଚାହେଁ ଅଭିମାନୀ କଇଁ
ସରସୀର ଜଳେ ମୃଦୁ ସମୀରଣେ
ନାଚେ ନଭେ ଗଲେ ଉଇଁ
କହଲୋ ଜହ୍ନ ତୋ ଦେହରେ କିଏ ସେ
ଭରିଅଛି ନବ ଶୋଭା
ଯେତେ ଦେଖୁଥିଲେ ମନ ଭରେନାହିଁ
ଲାଗୁଅଛୁ ମନଲୋଭା
ଛାଇ ଖେଳ ପରି ପକ୍ଷେ ପକ୍ଷେ ତୁହି
ଦେଖାଦେଉ ଛଅମାସ
କେଉଁ ଯାଦୁ ବଳେ ସବୁରି ଓଠରେ
ଫୁଟାଇ ପାରୁତୁ ହସ
ଅଝଟ ହୋଇଲେ ଛୁଆକୁ ଦେଖାଏ
ମାଆ ତତେ ରୂପାଜହ୍ନ
ଭାବି ପାରେ ନାହିଁ କାହିଁକି ତୋ ଦେହେ
ରହିଛି କଳଙ୍କ ଚିହ୍ନ
କବିର ନିଶୃତ ଲେଖନୀ ମୁନରୁ
ମଧୁର କବିତା ଝରେ
ପ୍ରେମିକଟିଏ ତା ପ୍ରେମିକା ପାଇଁକି
ଗୀତ ଗାଏ ତାଳ ସୂରେ
କୁଆଁରୀ ପୂଜନ୍ତି କୁମାର ପୂର୍ଣ୍ଣମୀ
ତିଥିରେ ତତେଲୋ ଜହ୍ନ
ସବୁଠୁ ସୁନ୍ଦର ଦିଶୁ କିଣିନେଉ
ଅନୂଢ଼ା କୁଆଁରୀ ମନ
ତାରାଗଣ ମେଳେ ଆସର ଜମେଇ
ଖେଳୁ କେତେ ଲୁଚକାଳି
ବାଦଲ ଫାଙ୍କରୁ ତୋଫା ମୁହଁ କାଢି
ଜୋଛନା ଦେଉତୁ ଢ଼ାଳି
ଆମ ଦେଶ ଶିଶୁ ତତେ ଛୁଇଁବାକୁ
ପଢ଼ିଲେ ବସି ବିଜ୍ଞାନ
ଜ୍ଞାନ କଉଶଳ ବଳେ ତୋ ରାଇଜେ
ଯାଇ ରଖିଲେଣି ମାନ
ହାତ ଠାରି ମାଆ ଡାକି ଆଣିଥାଏ
ଛୁଆର ହାତକୁ ତୋଳି
ଜହ୍ନଲୋ କିଏ ତୋ ରୂପ ଗୁଣ ସାଥେ
ବୟସ ପାରିବ କଳି ।

*ଭିକାରିପଡା, ଶରଣକୁଳ, ନୟାଗଡ଼*
*ମୋ-୯୨୩୮୯୯୬୬୪୯*

## ସରପ୍ରାଇଜ୍

**ସଂଯୁକ୍ତା ଦାଶ**



ଲହୁଲୁହାଣ ଆତ୍ମାଟିଏ ହିଁ କହିପାରେ ସେ ଧାଡିଟି
ଜୀବନ ତ ମତେ ସବୁଠୁ ବଡ ସରପ୍ରାଇଜ୍ ଦେଲା
ଆଉ କି ସରପ୍ରାଇଜ୍ ଦେବ ତୁମେ ମୋତେ ?

ସବୁଠାରୁ ଅନ୍ତରଙ୍ଗ ସେ ଜଣକ
ଛଡାଇ ନେଇପାରେ ଯଦି
ନିଜେ ଦେଇଥିବା ନିଃଶ୍ୱାସ ଟିକକ
ଆଉ କ'ଣ ଥାଇପାରେ ଅଧିକ ଆଶ୍ଚର୍ଯ୍ୟ ଜନକ ?

ଜୀବନ ହିଁ ଜାଣେ
କାହିଁକି ଆଙ୍କିଦିଏ ଇନ୍ଦ୍ରଧନୁ
ଆଶା ଆକାଶରେ
କ'ଣ ବା ମିଳେ ତାକୁ
ରୋକ୍ ଠୋକ୍ କହିଦିଏ ଯେବେ
ତୁ ଦେଖୁଥିଲୁ ମିଛ ସ୍ୱପ୍ନ ଟିଏ
ଏ ଆକାଶ ତ ନଥିଲା ତୋର କେବେ !

ଜୀବନ ହିଁ ଯେବେ
ସୁଖର ସୁଉଚ୍ଚ ଶିଖରକୁ ଡାକି ନେଇ
ଅତଳ ତଳକୁ ଅକସ୍ମାତ ଧକ୍କାଦିଏ
ତାଠାରୁ ବିସ୍ମୟକର ଅନୁଭବ ଆଉ କିଛି ଥାଏ ?

ମୁଁ ଏବେ ନିଜ ପାଇଁ ନିଜେ ଅଷ୍ଟମ ଆଶ୍ଚର୍ଯ୍ୟ ଟିଏ
ଜୀବନ ବି ଅବାକ ଏବେ
ହୁଏତ ଭାବୁଛି ନିଜ ସୁଖ ଦୁଃଖରେ ଥିବା
କେହି ନିର୍ଦ୍ଦୋଷକୁ ଏମିତି
ଜୀଅନ୍ତା ଶବ କରିଦେବାର ସରପ୍ରାଇଜ୍‌ରୁ
କ'ଣ ପାଇଲା ସିଏ ?



*ମୋ- ୮୪୨୦୮୯୬୫୪୬*

## ପୁଣି ସେହି ବର୍ଷା

**ଚନ୍ଦନ କୁମାର ଦାସ**

ପୁଣି ସେହି ବର୍ଷା
ଖାଲି ବର୍ଷା ଆଉ ବର୍ଷା
ମାଟିରୁ ଆକାଶ, ବାଆରୁ ବତାସ
ସବୁଠି ଅହରହ ବର୍ଷା
ତିନ୍ତିଯାଏ ସୁପ୍ତ ସୁଷମାର
ସୁଲଳିତ ସୁରଭି
ଭିଜିଯାଏ ଭିନ୍ନ ଗୋଟେ ପୃଥିବୀ
ବହିଯାଏ ଗୁପ୍ତ ସବୁଜିମା
ଖେଳିଯାଏ ଚୁମ୍ବନର ଚଇତି
ଏଇ ତ ବର୍ଷା... !
ହଁ ବର୍ଷା..ସେହି ଅମୃତମୟୀ ବର୍ଷା
ଛୁଇଁବାକୁ ଆସେ
ରୁଣୁଝୁଣୁ ପାଉଁଜିର ଗୁଣୁଗୁଣୁ ସଂଗୀତରେ
ଅଲିଭା ସ୍ମୃତିର ଔଦାର୍ଯ୍ୟ ତଳେ
ସୃଜିଯାଏ ସର୍ଜନାର ଶୃଙ୍ଗାର
ମାଗିବସେ ମାଟିଏ ମମତା
ଭୂଲିଯାଇ ବେଦନା ବୈଶାଖର
ପ୍ରତିଟି ତିକ୍ତତା
ଏଇ ତ ବର୍ଷା.. ! ହଁ ବର୍ଷା...
ସାଧବ ବହୁର ଲାଲି ଟୁକୁଟୁକୁ
ଲିଲିମା ତଳେ ଲୁଚିଥିବା
ଚିରକାଳର ଈର୍ଷା ।

*ଆରୁହାବୃତ୍ତି-୧, ଭୋଗରାଇ*
*ମୋ-୮୧୧୪୩୪୫୯୮୮*

## ଶ୍ରାବଣୀ ଗୋ ତୁମେ...



**ସନ୍ତୋଷ କୁମାର ଅଦାବର**

ଶ୍ରାବଣୀ ଗୋ ତୁମେ ଆସିଥାଅ ଧିରେ
ଶ୍ରାବଣର ବରଷାରେ
ସ୍ମୃତି ସବୁ ତୁମେ ସିଞ୍ଚିଦିଅ ବୋଲି
ମନ ନାଚେ ପୁଲକରେ
ପ୍ରକୃତି ରାଇଜେ ରାଣୀଟିଏ ତୁମେ
ବରଷକୁ ଥରେ ଆସ
ବରଷା ଶାଢ଼ିରେ ମେଘ ଓଢ଼ଣାରେ
ବାଃ ! କି ତୁମର ବେଶ !!
ତୁମେ ହସ ବୋଲି ସତରେ ଏ ଧରା
ଦିଶେ ସତେଜ ସବୁଜ
ଶୀତଳ ସମୀର ଖେଳେ ଚତୁର୍ଦ୍ଦିଗେ
ଦେଖି ତୁମ ମୁହଁ ଲାଜ
ଚିତ୍ରକର ଆଙ୍କେ ତୁମରି ରୂପକୁ
ଭାବନାର ରଙ୍ଗ ଦେଇ
ରୋମାଞ୍ଚିତ ଶବ୍ଦ ପଦ ନେଇ କବି
ପ୍ରେମ କବିତା ଲେଖଇ
ଶ୍ରାବଣୀ ଗୋ ତୁମ କେତେ କେତେ କଥା
କହିବା ନୁହେଁ ସମ୍ଭବ
ଅଭିମାନିନୀ ନ ହୋଇ ଏ ଧରାକୁ
ସର୍ବଦା ହସାଉଥିବ ।

*ବୀରମହାରାଜପୁର, ସୁବର୍ଣ୍ଣପୁର*
*ମୋ- ୯୭୭୭୯୧୦୭୨୮*

30 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର,୩ ଅଗଷ୍ଟ, ଶନିବାର,୨୦୨୪


# ୫୨ ବର୍ଷ ପରେ ଅଲିମ୍ପିକ୍ସରେ ଅଷ୍ଟ୍ରେଲିଆକୁ ହରାଇଲା ଭାରତୀୟ ହକି ଟିମ୍

**ପ୍ୟାରିସ୍**

ଅଲିମ୍ପିକ୍ସରେ ଇତିହାସ ରଚିଛି ଭାରତୀୟ ପୁରୁଷ ହକି ଟିମ୍। ଦଳ ଶୁକ୍ରବାର ଶେଷ ଗ୍ରୁପ ପର୍ଯ୍ୟାୟ ମ୍ୟାଚ୍‌ରେ ଶକ୍ତିଶାଳୀ ଅଷ୍ଟ୍ରେଲିଆକୁ ୩-୨ ଗୋଲରେ ହରାଇ ଦେଇଦେଇଛି। ଏଥିସହ ଦୀର୍ଘ ୫୨ ବର୍ଷ ପରେ ଅଲିମ୍ପିକ୍ସରେ ଭାରତୀୟ ହକି ଟିମ ଅଷ୍ଟ୍ରେଲିଆକୁ ହରାଇବାର ସଫଳତା ପାଇଛି।

ଶେଷ ଥର ପାଇଁ ଭାରତ ୧୯୭୨ ଅଲିମ୍ପିକ୍ସରେ ଅଷ୍ଟ୍ରେଲିଆକୁ ହରାଇଥିଲା। ଏହାପରେ ଭାରତ ଯେତେଥର ବି ଅଷ୍ଟ୍ରେଲିଆକୁ ଭେଟିଥିଲା ସବୁବେଳେ ପରାଜୟର ସ୍ୱାଦ ଚାଖିଥିଲା। କିନ୍ତୁ ଶୁକ୍ରବାର ହରମନପ୍ରୀତ ସିଂହଙ୍କ ଭାରତୀୟ ହକି ଟିମ୍ ନୂଆ ରେକର୍ଡ କରିଛି। ଭାରତ ପକ୍ଷରୁ ଅଭିଷେକ ପ୍ରଥମ ଗୋଲ ସ୍କୋର କରିଥିବା ବେଳେ ବାକି ଦୁଇଟି ଗୋଲ ହରମନପ୍ରୀତଙ୍କ ଷ୍ଟିକ୍‌ରୁ ଆସିଛି। ଏହି ବିଜୟ ସହ ଭାରତ ଗ୍ରୁପ୍ ବି'ର ଦ୍ୱିତୀୟ ସ୍ଥାନରେ ରହି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ପ୍ରଥମ ସ୍ଥାନରେ ଅଲିମ୍ପିକ୍ସ ଚାମ୍ପିୟନ ବେଲଜିୟମ ରହିଛି।

ଗୁରୁବାର ଗ୍ରୁପ ପର୍ଯ୍ୟାୟର ୪ର୍ଥ ମ୍ୟାଚ୍‌ରେ ଭାରତ ଶକ୍ତିଶାଳୀ ବେଲଜିୟମ୍‌କୁ କଡ଼ା ଟକ୍କର ଦେଇଥିଲେ ମଧ୍ୟ ୧-୨ ଗୋଲରେ ହାରିଯାଇଥିଲା। ୨୪ ଘଣ୍ଟା ମଧ୍ୟରେ ପରାଜୟର ନିରାଶାକୁ ଭୁଲି ଭାରତୀୟ ଦଳ ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚ୍ ଖେଳିବାକୁ ମୈଦାନକୁ ଓହ୍ଲାଇଥିଲା। ଅଷ୍ଟ୍ରେଲିଆ ଠାରୁ ଦଳ ୫୨ ବର୍ଷ ହେଲା ଅଲିମ୍ପିକ୍ସରେ ଜିତି ନଥିବାରୁ ଅତିରିକ୍ତ ଚାପରେ ରହିଥିଲା।

ହେଲେ ଚାପକୁ ମାତ୍ ଦେଇ ମ୍ୟାଚ୍ ଆରମ୍ଭରୁ ହିଁ ଭାରତୀୟ ଟିମ୍ ଅଷ୍ଟ୍ରେଲିଆ ଉପରେ ଚାପ ପକାଇ ଚାଲିଥିଲା। ଦଳ ପକ୍ଷରୁ ୧୨ତମ ମିନିଟରେ ଅଭିଷେକ ପ୍ରଥମ ଗୋଲ କରି ଭାରତକୁ ୧-୦ରେ ଆଗୁଆ କରି ଦେଇଥିଲା। ଏହାର ଗୋଟିଏ ମିନିଟ୍ ପରେ ଭାରତକୁ ମିଳିଥିବା ପେନାଲ୍ଟି କର୍ଣ୍ଣରକୁ ଗୋଲରେ ପରିଣତ କରି



ଅଧିନାୟକ ହରମନପ୍ରୀତ ଭାରତକୁ ୨-୦ରେ ଅଗୁଆ କରି ଦେଇଥିଲେ।

ଦ୍ୱିତୀୟ କ୍ୱାର୍ଟର ସରିବାକୁ ୫ ମିନିଟ୍ ଥିବା ବେଳେ ଅଷ୍ଟ୍ରେଲିଆ ପକ୍ଷରୁ କ୍ରେଗ୍ ଥୋମାସ୍ ଗୋଲ ଦେଇ ସ୍ଥିତିକୁ ୨-୧ କରି ଦେଇଥିଲେ। ହାଫ୍‌ଟାଇମ୍ ପରେ ଭାରତ ରଣନୀତି ବଦଳାଇ ଥିଲା। ଆକ୍ରମଣାତ୍ମକ ହକି ଖେଳିବାରୁ ୩୨ ମିନିଟରେ ଭାରତକୁ ପେନାଲ୍ଟି ଷ୍ଟ୍ରୋକ ମିଳିଥିଲା। ଏହାକୁ ହରମନପ୍ରୀତ ଆଦୌ ହାତଛଡ଼ା କରି ନଥିଲେ। ସେ ଗୋଲ ଦେଇ ଭାରତର ସ୍ଥିତିକୁ ୩-୧ କରି ଦେଇଥିଲେ। ତୃତୀୟ କ୍ୱାର୍ଟରରେ ଆଉ ଗୋଲ ସ୍କୋର ଦେଖିବାକୁ ମିଳି ନଥିଲା।

୪ର୍ଥ କ୍ୱାର୍ଟରରେ ଅଷ୍ଟ୍ରେଲିଆ ତା'ର ଆକ୍ରମଣକୁ ଜୋରଦାର କରିଥିଲା। ତଥାପି ଭାରତୀୟ ଡିଫେନ୍ସ ଓ ଗୋଲ କିପର ପିଆର ଶ୍ରୀଜେଶ ଅଷ୍ଟ୍ରେଲିଆର ସବୁ ଉଦ୍ୟମକୁ ପଣ୍ଡ କରି ଦେଇଥିଲେ। କିନ୍ତୁ ମ୍ୟାଚ୍ ସରିବାରୁ ୫ ମିନିଟ୍ ଥିବା ବେଳେ ଓଡ଼ିଆ ପୁଅ ଅମିତ୍ ରୋହିଦାସ ଡି ଭିତରେ ତ୍ରୁଟି କରିଥିଲେ। ସେ ବଲକୁ ଅଟକାଇବା ବେଳେ ଏହା ତାଙ୍କ ଗୋଡ଼ରେ ମାଡ଼ ହୋଇଯାଇ ଥିଲା। ଫଳରେ ଅଷ୍ଟ୍ରେଲିଆକୁ ପେନାଲ୍ଟି ଷ୍ଟ୍ରୋକ୍ ମିଳିଥିଲା। ଏହାକୁ ଅଭିଙ୍କ ଗ୍ରୋଭର୍ସ ଗୋଲରେ ପରିଣତ କରି ଦେଇଥିଲେ। ଶେଷ ୨ ମିନିଟ୍ ଅଷ୍ଟ୍ରେଲିଆ ତା'ର ଗୋଲ କିପରଙ୍କୁ ହଟାଇ ଅଲଆଉଟ୍ ଆଟାକ୍ କରିବାକୁ ଯାଇଥିଲା। ହେଲେ ଏହାର ଲାଭ ମିଳି ନଥିଲା। ଶେଷରେ ଭାରତ ଅଲିମ୍ପିକ୍ସର ୫୨ ବର୍ଷ ଇତିହାସ ମଧ୍ୟରେ ପ୍ରଥମଥର ଅଷ୍ଟ୍ରେଲିଆକୁ ହରାଇବାକୁ ସକ୍ଷମ ହୋଇଥିଲା।

୧୯୭୨ରେ ଭାରତ ଶେଷ ଥର ପାଇଁ ଅଷ୍ଟ୍ରେଲିଆକୁ ୩-୧ରେ ହରାଇ ଥିଲା। ଏହାପରେ ଦଳ ୧୯୭୬ରେ ୧-୬, ୧୯୭୬ (ପ୍ଲେଅଫ)ରେ ପୁଣିଥରେ ସୁଟ୍‌ଆଉଟ୍‌ରେ ୪-୫, ୧୯୮୪ରେ ୨-୪, ୧୯୯୨ରେ ୦-୧, ୨୦୦୦ରେ ୨-୨, ୨୦୦୪ରେ ୩-୪, ୨୦୨୦ରେ ୧-୭ରେ ପରାସ୍ତ ହୋଇଥିଲା।

## ଭାରତୀୟ ହକି ଦଳକୁ ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ପ୍ୟାରିସ୍ ଅଲିମ୍ପିକ୍ସରେ ଅଷ୍ଟ୍ରେଲିଆକୁ ପରାସ୍ତ କରିଥିବା ଭାରତୀୟ ପୁରୁଷ ହକି ଦଳକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁଭେଚ୍ଛା ଜଣାଇଛନ୍ତି। ସୋସିଆଲ ସାଇଟ୍ ଏକ୍ସରେ ମୁଖ୍ୟମନ୍ତ୍ରୀ ଲେଖିଛନ୍ତି ଦୀର୍ଘ ୫୨ ବର୍ଷ ପରେ ଅଲିମ୍ପିକ୍ସରେ ଅଷ୍ଟ୍ରେଲିଆକୁ ପୁରୁଷ ହକି ପୁଲ୍ ମ୍ୟାଚ୍‌ରେ ପରାସ୍ତ କରି ନୂଆ ଇତିହାସ ସୃଷ୍ଟି କରିଥିବା ଭାରତୀୟ ହକି ଦଳକୁ ଶୁଭେଚ୍ଛା ଓ ଶୁଭକାମନା। ମହାପ୍ରଭୁଙ୍କ ଆଶୀର୍ବାଦରେ ବିଜୟ ଯାତ୍ରା ଏହିପରି ଜାରି ରହୁ ଏବଂ ଦେଶ ପାଇଁ ଆହୁରି ସୁନାମ ଆଣନ୍ତୁ।

# ତୀରନ୍ଦାଜି କ୍ୱାର୍ଟର ଫାଇନାଲରେ ଭାରତୀୟ ଯୋଡ଼ି



**ପ୍ୟାରିସ୍**

ପ୍ୟାରିସ୍ ଅଲିମ୍ପିକ୍ସରୁ କ୍ରମାଗତ ତୀରନ୍ଦାଜିରେ ଖରାପ ଖବର ଦେଇଥିବା ଭାରତୀୟ ଖେଳାଳି ଏଥର କିଛିଟା ମାନ ବଢ଼ାଇଛନ୍ତି। ତୀରନ୍ଦାଜିର ମିକ୍ସଡ ଇଭେଣ୍ଟରେ ଭାରତ ଏବେ କ୍ୱାର୍ଟର ଫାଇନାଲରେ ପହଞ୍ଚିଯାଇଛି। ଭାରତ ପାଇଁ ଧୀରଜ ଓ ଅଙ୍କିତା ଭକତ ଦମ୍‌ଦାର ପ୍ରଦର୍ଶନ କରି କ୍ୱାର୍ଟର ଫାଇନାଲରେ ପହଞ୍ଚିଛନ୍ତି। ପୁରୁଷ ଟିମ୍ ଇଭେଣ୍ଟ ଓ ମହିଳା ଟିମ୍ ଇଭେଣ୍ଟରେ ଉଭୟ ନୈରାଶ୍ୟଜନକ ପ୍ରଦର୍ଶନ କରିଥିଲେ। ଏଥିପାଇଁ ଭାରତ ଉଭୟ ବର୍ଗର କ୍ୱାର୍ଟର ଫାଇନାଲରୁ ବିଦାୟ ନେଇଥିଲେ। କିନ୍ତୁ ଏବେ ମିକ୍ସଡ ଟିମ୍‌ର ୧/୮ ଏଲିମିନେସନ ରାଉଣ୍ଡରେ ଧୀରଜ-ଅଙ୍କିତା ଯୋଡ଼ି ଦମ୍ ଦେଖାଇଛନ୍ତି। ପ୍ରି-କ୍ୱାର୍ଟର ଫାଇନାଲରେ ଭାରତର ମୁକାବିଲା ଇଣ୍ଡୋନେସିଆର ଦିଆନନ୍ଦା ଓ ଆରିଫଙ୍କ ସହ ହୋଇଥିଲା।

ପ୍ରଥମ ରାଉଣ୍ଡକୁ ଭାରତ ୩୭-୩୬ରେ ଜିତିଥିବା ବେଳେ ଦ୍ୱିତୀୟ ସେଟ୍ ୩୮-୩୮ରେ ଶେଷ ହୋଇଥିଲା। ଫଳରେ ଉଭୟ ଦଳକୁ ୧ ପଏଣ୍ଟ ଲେଖାଏଁ ମିଳିଥିଲା। ଦ୍ୱିତୀୟ ରାଉଣ୍ଡ ଶେଷ ହେବା ବେଳକୁ ଭାରତ ୩ ପଏଣ୍ଟ ଓ ଇଣ୍ଡୋନେସିଆ ୧ ପଏଣ୍ଟ ପାଇଥିଲା। ୪ର୍ଥ ସେଟ୍‌ରେ ଅଙ୍କିତା କ୍ରମାଗତ ୧୦ ପଏଣ୍ଟ ହିଟ୍ କରିଥିଲେ। ଧୀରଜ ମଧ୍ୟ ୯ରୁ କମ୍ ପଏଣ୍ଟ ହାସଲ କରି ନଥିଲେ। ଶେଷରେ ଏହି ସେଟକୁ ଭାରତୀୟ ଯୋଡ଼ି ୩୮-୩୭ରେ ଜିତି କ୍ୱାର୍ଟର ଫାଇନାଲରେ ନିଜର ସ୍ଥାନ ପକ୍କା କରିଥିଲା। ଏବେ କ୍ୱାର୍ଟର ଫାଇନାଲରେ ଭାରତର ମୁକାବିଲା ସ୍ପେନ ସହ ହେବ।

## ଆଉ ଏକ ପଦକ ଆଶା ଦେଲେ ମନୁ ଭାକର

# ୨୫ ମିଟର ଏୟାର ପିସ୍ତଲ ଇଭେଣ୍ଟର ଫାଇନାଲରେ ପ୍ରବେଶ କଲେ

**ପ୍ୟାରିସ୍**

ଭାରତର ଷ୍ଟାର ସୁଟର ମନୁ ଭାକର ଦେଶ ପାଇଁ ଚଳିତ ଅଲିମ୍ପିକ୍ସରେ ଆଉ ଏକ ପଦକ ଜିତିବାର ଅତି ନିକଟରେ ପହଞ୍ଚି ଯାଇଛନ୍ତି। ଶୁକ୍ରବାର ସେ ୨୫ ମିଟର ଏୟାର ପିସ୍ତଲ ଇଭେଣ୍ଟର ଫାଇନାଲରେ ପ୍ରବେଶ କରିଛନ୍ତି।

ଯୋଗ୍ୟତା ପର୍ଯ୍ୟାୟରେ ସେ ଦମ୍‌ଦାର ପ୍ରଦର୍ଶନ ସହ ଦ୍ୱିତୀୟ ସ୍ଥାନରେ ରହିଥିଲେ। ତେଣୁ ସେ ସିଧାସଳଖ ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। କାରଣ ୨ଟି ପର୍ଯ୍ୟାୟ ପରେ ଟପ୍ ୮ରେ ରହୁଥିବା ଖେଳାଳିମାନେ ସିଧାସଳଖ ପଦକ ଦୌଡ଼ରେ ସାମିଲ ହେବାର ପ୍ରାବଧାନ ରହିଛି। ଏହି ନିୟମ ଅନୁସାରେ ମନୁ ପଦକ ଦୌଡ଼ରେ ନିଜକୁ ସାମିଲ କରିଛନ୍ତି।



ଶୁକ୍ରବାର ଯୋଗ୍ୟତା ପର୍ଯ୍ୟାୟରେ ମନୁ ଦମ୍‌ଦାର ପ୍ରଦର୍ଶନ କରିଥିଲେ। ସେ ରାଉଣ୍ଡରେ ଯଥାକ୍ରମେ ୯୭,୯୮ ଓ ୯୯ ସ୍କୋର କରିଥିଲେ। ଏହାପରେ ଆରମ୍ଭ ହୋଇଥିଲା ରାପିଡ୍ ରାଉଣ୍ଡ। ଏହି ପର୍ଯ୍ୟାୟରେ ସେ ୧୦୦, ୯୮ ଓ ୯୮ ସ୍କୋର କରିଥିଲେ। ମୋଟ୍ ଉପରେ ସେ ୫୯୦ ପଏଣ୍ଟ ହାସଲ କରି ଯୋଗ୍ୟତା ପର୍ଯ୍ୟାୟର ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ତେଣୁ ପୂରା ଦେଶ ତାଙ୍କ ଠାରୁ ଆଉ ଏକ ପଦକ ଅପେକ୍ଷାରେ ରହିଛି ।

ଯୋଗ୍ୟତ୍ୟ ପର୍ଯ୍ୟାୟରେ ମନୁଙ୍କ ସହ ଭାରତର ଈଶା ସିଂହ ମଧ୍ୟ ରହିଥିଲେ। ସେ ଆରମ୍ଭରୁ ଭଲ କରିଥିଲେ ହେଁ ରାପିଡ୍ ରାଉଣ୍ଡରେ ଆଖି ଦୃଶିଆ ପ୍ରଦର୍ଶନ କରିପାରି ନଥିଲେ। ତେଣୁ ତାଙ୍କୁ ୧୮ତମ ସ୍ଥାନରେ ନିଜର ଅଭିଯାନ ଶେଷ କରିବାକୁ ପଡ଼ିଛି।

ଚଳିତ ଅଲିମ୍ପିକ୍ସରେ ମନୁ ୧୦ ମିଟର ଏୟାର ପିସ୍ତଲ ମହିଳା ବର୍ଗରେ ଭାରତକୁ ପ୍ରଥମ ବ୍ରୋଞ୍ଜ ଭେଟି ଦେଇଥିଲେ। ଏହାପରେ ୧୦ ମିଟର ଏୟାର ପିସ୍ତଲ ମିକ୍ସଡ ଇଭେଣ୍ଟରେ ସେ ସରବଜୋତ ସିଂହଙ୍କୁ ସାଥୀ କରି ବ୍ରୋଞ୍ଜ ଜିତିଥିଲେ। ଏବେ ସେ ନିଜର ତୃତୀୟ ପଦକ ଜିତିବା ଲକ୍ଷ୍ୟରେ ରହିଛନ୍ତି। ଅନ୍ୟପକ୍ଷରେ ଭାରତ ଏଯାଏ ପ୍ୟାରିସ ଅଲିମ୍ପିକ୍ସରେ ୩ଟି ପଦକ ଜିତିଛି। ମନୁ ଓ ସରବଜୋତଙ୍କ ବ୍ୟତୀତ ୫୦ ମିଟର ରାଇଫଲ ଥ୍ରୀ ପୋଜିସନରେ ସ୍ୱପ୍ନିଲ କୁଶାଲେ ଗୁରୁବାର ବ୍ରୋଞ୍ଜ ହାତେଇଥିଲେ।

# ନିରାଶ କଲେ ସିନ୍ଧୁ : ଚତୁର୍ଥ ମାନ୍ୟତାପ୍ରାପ୍ତ ଚୀନ୍ ଖେଳାଳି ହି ବିଙ୍ଗ ଜିଆଓଙ୍କଠୁ ହାରିଲେ



**ପ୍ୟାରିସ୍**

ଭାରତର ଷ୍ଟାର ମହିଳା ସଟଲର ପିଭି ସିନ୍ଧୁଙ୍କ ସ୍ୱର୍ଣ୍ଣ ପଦକ ହାସଲ ସ୍ୱପ୍ନ ଚୁରମାର ହୋଇଯାଇଛି। ଦଶମ ମାନ୍ୟତାପ୍ରାପ୍ତ ସିନ୍ଧୁ ଚତୁର୍ଥ ମାନ୍ୟତାପ୍ରାପ୍ତ ଚୀନ ଖେଳାଳି ହି ବିଙ୍ଗ ଜିଆଓଙ୍କଠୁ ହାରି ଯାଇଛନ୍ତି। ଫଳରେ ଅଲିମ୍ପିକ୍ସରେ ସିନ୍ଧୁଙ୍କ ହ୍ୟାଟ୍ରିକ୍ ପଦକ ସ୍ୱପ୍ନ ଭାଙ୍ଗି ଯାଇଛି। ପ୍ୟାରିସ୍ ଅଲିମ୍ପିକ୍ସରେ ଦଶମ ମାନ୍ୟତାପ୍ରାପ୍ତ ସିନ୍ଧୁ ଚତୁର୍ଥ ମାନ୍ୟତାପ୍ରାପ୍ତ ଚୀନ ଖେଳାଳି ହି ବିଙ୍ଗ ଜିଆଓଙ୍କଠୁ ୧୯-୨୧ ଓ ୧୪-୨୧ରେ ମ୍ୟାଚ ହାରି ଯାଇଛନ୍ତି।

ସିନ୍ଧୁ ପ୍ରଥମ ଭାରତୀୟ ମହିଳା ସଟଲର ଭାବେ ୨୦୧୬ ରିଓ ଅଲିମ୍ପିକ୍ସରେ ରୌପ୍ୟ ପଦକ ଜିତିଥିଲେ। ୨୦୨୧ରେ ଅନୁଷ୍ଠିତ ଟୋକିଓ ଅଲିମ୍ପିକ୍ସରେ ମଧ୍ୟ ସେ ଭାରତ ପାଇଁ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ମାତ୍ର ଏଥର ତାଙ୍କ ସ୍ୱର୍ଣ୍ଣ ପଦକ ହାସଲ ଲକ୍ଷ୍ୟ ପୂରଣ ହୋଇ ପାରିନାହିଁ। ଏହା ଭାରତୀୟଙ୍କୁ ନିରାଶ କରିଛି।

ଏନେଇ ୨୯ ବର୍ଷୀୟ ସିନ୍ଧୁ କହିଛନ୍ତି, ମୋର ସାମାନ୍ୟ କିଛି ତ୍ରୁଟି ପାଇଁ ମୋତେ ହାର୍‌ର ସମ୍ମୁଖୀନ ହେବାକୁ ପଡ଼ିଛି କିନ୍ତୁ ଏଥିପାଇଁ ମୁଁ ମୋର ସର୍ବୋତ୍ତମ ଦେଇଥିଲି। ଏହାପରେ ବି ଯାହା ହେଲା ତାହା ମୋର ଭାଗ୍ୟ ଅଲମ୍ପିକ୍‌ରେ ମେଡାଲ ଜିତିବା ଆଶାରେ ପିଭି ସିନ୍ଧୁ ପ୍ରକାଶ ପାଦୁକୋନଙ୍କ ତତ୍ତ୍ୱାବଧାନରେ ଜର୍ମାନୀରେ ଟ୍ରେନିଂ ନେଉଥିଲେ।

ସମସ୍ତେ ପଦକ ଆଶାରେ କଠିନ ପରିଶ୍ରମ କରିଛନ୍ତି ଆମେ ବି କରିଛୁ। ଏଥିପାଇଁ ମୁଁ କୌଣସି ପଶ୍ଚାତାପ କରୁନି। କାରଣ ମୁଁ ମୋର ସର୍ବୋତ୍କୃଷ୍ଟ ପ୍ରଦର୍ଶନ କରିବାକୁ ଚେଷ୍ଟା କରିଛି। ଶେଷ ପର୍ଯ୍ୟନ୍ତ ମୁଁ ମୋର ସଂଘର୍ଷ ଜାରି ରଖିଥିଲି। କାରଣ ପ୍ରତି ପଏଣ୍ଟ ପାଇଁ ଆମେ ଦୁହେଁ ପ୍ରବଳ ସଂଘର୍ଷ କରୁଥିଲୁ। ମାତ୍ର ଶେଷରେ ହି ବିଙ୍ଗ ଜିଆଓ ଖେଳ ପରିବର୍ତ୍ତନ କରି ମେଡାଲ ହାତେଇବାରେ ସକ୍ଷମ ହୋଇଥିଲେ।

# ପ୍ରି-କ୍ୱାର୍ଟର ଫାଇନାଲରେ ହାରିଯିବା ପରେ ଦୁଃଖ ପ୍ରକାଶ କରିଛନ୍ତି ବକ୍ସର ନିକହତ ଜରିନ

**ପ୍ୟାରିସ୍**



ବକ୍ସିଂରେ ଦୁଇ ଥରର ବିଶ୍ୱ ଚାମ୍ପିୟନ ନିକହତ ଜରିନଙ୍କ ପ୍ୟାରିସ୍ ଅଲିମ୍ପିକ୍ସ ଯାତ୍ରା ଶେଷ ହୋଇଛି। ଦେଶ ପାଇଁ କୌଣସି ପଦକ ଆଣି ପାରିନଥିବାରୁ ଦୁଃଖ ପ୍ରକାଶ କରିଛନ୍ତି ନିକହତ।

ପରାଜୟ ପରେ ନିକହତ କହିଛନ୍ତି, ମୁଁ ଖୁବ୍ ଦୁଃଖିତ, ଦେଶ ପାଇଁ ପଦକ ଜିତି ପାରିଲିନି। ଏହି ସ୍ଥାନରେ ପହଞ୍ଚିବା ପାଇଁ ମୁଁ ମୋର ସମସ୍ତ ଚେଷ୍ଟା କରିଥିଲି। ପ୍ୟାରିସ୍ ଅଲିମ୍ପିକ୍ସ ପାଇଁ ମୁଁ ନିଜକୁ ମାନସିକ ଏବଂ ଶାରୀରିକ ସ୍ତରରେ ଭଲ ଭାବରେ ପ୍ରସ୍ତୁତ କରିଥିଲି ହେଲେ ପଦକ ଜିତି ପାରିଲିନି।

ମୁଁ ଦୁଇ ଦିନ ଖାଇ ନଥିଲି, ଏପରିକି ପାଣି ମଧ୍ୟ ପିଇନଥିଲି। ଓଜନ ବଜାୟ ରଖିବା ପାଇଁ ମୁଁ ଏସବୁ କରିଥିଲି। ଆଜି ଯଦି ମୁଁ ପଦକ ଜିତିଥାନ୍ତି, ତେବେ ମୋର ଏସବୁ ପ୍ରୟାସକୁ ପ୍ରଶଂସା କରା ଯାଇଥାନ୍ତା। କିନ୍ତୁ ବର୍ତ୍ତମାନ ଏସବୁ ବାହାନା ପରି ଲାଗିବ ବୋଲି ନିକହତ କହିଛନ୍ତି। ପ୍ରକାଶ ଥାଉକି, ପ୍ୟାରିସ ଅଲିମ୍ପିକ୍ସର ଷଷ୍ଠ ଦିନରେ ବକ୍ସିଂରେ ପ୍ରି-କ୍ୱାର୍ଟର ଫାଇନାଲ ମ୍ୟାଚ୍ ଖେଳା ଯାଇଥିଲା। ଭାରତ ପକ୍ଷରୁ ନିକହତ ପ୍ରତିଦ୍ୱନ୍ଦ୍ୱିତା କରୁ ଥିବାବେଳେ ସେ ଚୀନର ଓ୍ୱୁ ୟୁଙ୍କଠାରୁ ପରାସ୍ତ ହୋଇଥିଲେ। ଫଳରେ ବକ୍ସିଂରୁ ପଦକ ଆଶା ମଉଳି ଯାଇଥିଲା।

# ପ୍ରଥମ ଦିନିକିଆ : ଟାଇ ହେଲା ଭାରତ ଓ ଶ୍ରୀଲଙ୍କା ମ୍ୟାଚ୍

**କଲମ୍ବୋ**

କଲମ୍ବୋରେ ଖେଳାଯାଉଥିବା ପ୍ରଥମ ଦିନିକିଆ ଟାଇ ହୋଇଛି। ଶ୍ରୀଲଙ୍କା ପ୍ରଥମେ ବ୍ୟାଟିଂ କରି ୨୩୦ ରନ କରିଥିବାବେଳେ ଭାରତ ମଧ୍ୟ ୨୩୦ ରନ କରି ଅଲଆଉଟ ହୋଇଯାଇଛି। ଭାରତ ପକ୍ଷରୁ ରୋହିତ ଶର୍ମା ୫୮ ରନ କରିଥିବାବେଳେ ବିରାଟ କୋହଲି ୨୪ ରନ କରିଥିଲେ। ସେହିପରି କେଏଲ ରାହୁଲ ୩୧ ରନ ଓ ଅକ୍ଷର ପଟେଲ ୩୩ ରନ କରିଥିଲେ। ଶିବମ ଦୁବେ ୨୫ ରନ କରିଥିଲେ।

ଏହି ମ୍ୟାଚରେ ଶ୍ରୀଲଙ୍କା ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ତେବେ ସ୍କୋର ମାତ୍ର ୭ ରନ ହୋଇଥିବାବେଳେ ଦଳ ନିଜର ପ୍ରଥମ ୱିକେଟ ହରାଇଥିଲା। ଅଭିଷ୍କା ଫର୍ନାଣ୍ଡୋ ମାତ୍ର ୧ ରନ କରି ଆଉଟ ହୋଇଥିଲେ। ତେବେ ପ୍ରଥୁମ ନିଶଙ୍କା ଓ କୁଶଲ ମେଣ୍ଡିସ ସତର୍କତାର ସହ ବ୍ୟାଟିଂ କରି ଦଳକୁ ସଂକଟରୁ ଉଦ୍ଧାର କରିଥିଲେ। ନିଶଙ୍କା ୫୬ରନ କରିଥିଲେ ଓ ମେଣ୍ଡିସ ୧୪ ରନ କରିଥିଲେ। ଦଳର ମଧ୍ୟକ୍ରମ ବିଶେଷ ଯୋଗଦାନ ଦେଇପାରି ନଥିଲେ। ବି ନିମ୍ନମଧ୍ୟକ୍ରମ ବ୍ୟାଟ୍ସମ୍ୟାନମାନେ ସ୍ଥିତିକୁ ସୁଧାରିଥିଲେ। ଦୁନିଥ ୱାଲାଲାଗେ ୬୭ ରନ କରିଥିବାବେଳେ ହସରଙ୍ଗା ୨୪ ରନ ଓ ଜନିଥ ଲିଆନାଗେ ୨୦ ରନ କରିଥିଲେ। ଦଳ ନିର୍ଦ୍ଧାରିତ ୫୦ ଓଭରରେ ୮ ୱିକେଟ ହରାଇ ୨୩୦ ରନ କରିଥିଲା।

ଭାରତ ପକ୍ଷରୁ ଅର୍ଶଦୀପ ସିଂ ଓ ଅକ୍ଷର ପଟେଲ ୨ଟି ଲେଖାଏଁ ୱିକେଟ



ନେଇଥିବାବେଳେ ମହମ୍ମଦ ସିରାଜ, ଶିବମ ଦୁବେ, ୱାସିଂଟନ ସୁନ୍ଦର ଓ କୁଳଦୀପ ଯାଦବ ଗୋଟିଏ ଲେଖାଏଁ ୱିକେଟ ନେଇଥିଲେ।

# ଓଡ଼ିଶା ସଚିବାଳୟ କର୍ମଚାରୀ କ୍ରୀଡ଼ା ସଂଘ ପକ୍ଷରୁ ଅନ୍ତର୍ବିଭାଗୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ

**ଭୁବନେଶ୍ୱର,ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶା ସଚିବାଳୟ କର୍ମଚାରୀ କ୍ରୀଡ଼ା ସଂଘ ଆନୁକୂଲ୍ୟରେ ଆନ୍ତର୍ବିଭାଗୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ-୨୦୨୪ ଲୋକସେବା ଭବନ ପରସରରେ ଉଦ୍‌ଘାଟିତ ହୋଇଯାଇ ଅଛି। ଏହି ଲିଗ୍‌ରେ ଲୋକସେବା ଭବନରେ କାର୍ଯ୍ୟରତ ସମସ୍ତ ବିଭାଗର ସମସ୍ତ ବର୍ଗର ବଛାବଛା କର୍ମଚାରୀ ମାନେ ଭାଗ ନେଇଛନ୍ତି। ଉଦ୍‌ଘାଟନୀ ଦିବସରେ ମୁଖ୍ୟ ଅତିଥି ଭାବେ ସୋସିଆଲ ୱାର୍କର ୟୁଥ୍ ଲିଡ଼ର ଜଗନ୍ନାଥ ପ୍ରଧାନ, ସମ୍ମାନୀୟ ଅତିଥି ଆଥଲେଟ୍ ଶ୍ରାବଣୀ ନନ୍ଦ, ଆଥଲେଟ୍ ସରିତା ସାହୁ ଓ ଶ୍ରୀନିବାସ ମିଶ୍ର, ପୂର୍ବତନ ଅନୁଶାସନ ସଚିବ, ଅର୍ଥ ବିଭାଗ ଯୋଗ ଦେଇ କ୍ରୀଡ଼ାବିତ୍‌ମାନଙ୍କୁ ଉତ୍ସାହିତ କରିଥିଲେ।



ଉଦଘାଟନୀ ଦିବସରେ ପଞ୍ଚାୟତିରାଜି ଓ ପାନୀୟ ଜଳ ବିଭାଗ ପ୍ରତିଦ୍ୱନ୍ଦ୍ୱୀ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗକୁ ୩-୦ ଗୋଲ୍‌ରେ ପରାସ୍ତ କରିଥିଲେ। ପରବର୍ତ୍ତୀ ଖେଳରେ ଉଚ୍ଚଶିକ୍ଷା ବିଭାଗ ପ୍ରତିଦ୍ୱନ୍ଦ୍ୱୀ ସ୍ୱରାଷ୍ଟ୍ର ବିଭାଗକୁ ୨-୦ ଗୋଲ୍‌ରେ ପରାସ୍ତ କରିଥିଲେ। ଏହି ଦୁଇ ଖେଳରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଅରୁଣ କୁକୁର ଓ ଉଚ୍ଚଶିକ୍ଷା ବିଭାଗର ସୁଧାଂଶୁ ଗଡ଼ନାୟକଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା।

ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିବସରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ଏବଂ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ଟି ୧-୧ରେ ଅମିମାଂସିତ ରହିଥିଲା। ପରବର୍ତ୍ତୀ ମ୍ୟାଚ୍‌ରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପ୍ରତିଦ୍ୱନ୍ଦ୍ୱୀ ଅର୍ଥ ବିଭାଗକୁ ୩-୦ ଗୋଲ୍‌ରେ ପରାସ୍ତ କରିଥିଲେ। କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପ୍ରତିଦ୍ୱନ୍ଦ୍ୱୀ ଜଳ ସମ୍ପଦ ବିଭାଗକୁ ୪-୦ ଗୋଲରେ ପରାସ୍ତ କରିଥିଲେ। ସମବାୟ ବିଭାଗ ପ୍ରତିଦ୍ୱନ୍ଦ୍ୱୀ ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ବିଭାଗକୁ ୧-୦ ଗୋଲରେ ପରାସ୍ତ କରିଥିଲେ। ଦିବସର ଅନ୍ତିମ ମ୍ୟାଚ୍‌ରେ ଇଲେକ୍ଟ୍ରାନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ପ୍ରତିଦ୍ୱନ୍ଦ୍ୱୀ ପର୍ଯ୍ୟଟନ ବିଭାଗକୁ ୫-୧ ଗୋଲରେ ପରାସ୍ତ କରିଥିଲେ। ଉକ୍ତ ମ୍ୟାଚ୍‌ଗୁଡ଼ିକରେ କେ.ପି. ଟୁଡୁ ରୋଶନ, ପ୍ରସନ୍ନ ଦେହୁରୀ ନୀଳ ଓ ଅମିତ୍ ଶ୍ରେଷ୍ଠ ଖେଳାଳି ଭାବରେ ପୁରସ୍କୃତ ହୋଇଥିଲେ। ଉକ୍ତ ଖେଳକୁ ଜାତୀୟ ରେଫରୀ ବରୁଣ ବିହାରୀ ପ୍ରଧାନ, ବିଜୟ ମଙ୍ଗରାଜ, କବିରାଜ ନାୟକ ଓ ସୁଦିପ କୁମାର ଦାସ ପରିଚାଳନା କରିଥିଲେ। ଓଡ଼ିଶା ସଚିବାଳୟ କର୍ମଚାରୀ କ୍ରୀଡ଼ା ସଂଘର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

# ଅନ୍ତର୍ଜାତୀୟ ପର୍ବତାରୋହୀ ବିଭାରାଣୀ ପାତ୍ରଙ୍କୁ ସମ୍ବର୍ଦ୍ଧନା

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା କ୍ରେଡିଟ୍ କୋଅପରେଟିଭ୍ ସୋସାଇଟିର ମୁଖ୍ୟ କାର୍ଯ୍ୟାଳୟ ପରିସରରେ ଅନ୍ତର୍ଜାତୀୟ ପର୍ବତାରୋହୀ ସୁଶ୍ରୀ ବିଭାରାଣୀ ପାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯିବା ସହ ୨୫ ହଜାର ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି। ଢେଙ୍କାନାଳ ଜିଲ୍ଲା ମେରାମୁଣ୍ଡଳୀ ନିବାସୀ ସୁଶ୍ରୀ ବିଭାରାଣୀଙ୍କୁ ସମିତିର କର୍ମଚାରୀମାନଙ୍କ ପକ୍ଷରୁ ମୁଖ୍ୟ କାର୍ଯ୍ୟାଳୟ ପରିସରରେ ସଭାପତି ପ୍ରମୋଦ ସାହୁଙ୍କ ଉପସ୍ଥିତରେ ସମ୍ବର୍ଦ୍ଧନା ଜ୍ଞାପନ କରାଯିବା ସଙ୍ଗେ ସଙ୍ଗେ କର୍ମଚାରୀମାନଙ୍କ ପକ୍ଷରୁ ସଂଗ୍ରହ କରାଯାଇଥିବା ୨୫ ହଜାର ଟଙ୍କା ଆର୍ଥିକ ପ୍ରୋତ୍ସାହନ ରାଶି ଓ ସମିତିର ଲୋଗୋ ସଭାପତି ଶ୍ରୀ ସାହୁ ତାଙ୍କୁ ପ୍ରଦାନ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ ଋଷିଆ ଓ




ୟୁରୋପ ମଧ୍ୟରେ ଅବସ୍ଥିତ ଏଲବ୍ରସ ପର୍ବତ ଚଢ଼ିବା ପାଇଁ ଚଳିତ ଅଗଷ୍ଟ ମାସ ୬ ତାରିଖ ଦିନ ଭୁବନେଶ୍ୱର ବିମାନ ବନ୍ଦରରୁ ବିଭାରାଣୀ ଯାତ୍ରା କରିବେ। ତାଙ୍କର ଏହି ଦୁଃସାହସିକ ପଦକ୍ଷେପ ପାଇଁ ସମିତିର ସଭାପତି ଶ୍ରୀ ସାହୁ, ନିର୍ଦ୍ଦେଶକ ଅମିତାଭ ସାହୁଙ୍କ ସମେତ ସମିତିର ସମ୍ପାଦକ ପ୍ରହଲ୍ଲାଦ ସାହୁ, ଅତିରିକ୍ତ ସମ୍ପାଦକ ଅରବିନ୍ଦ ସାହୁ, ମୁଖ୍ୟ ସାଧାରଣ ପରିଚାଳକ ମନୋଜ ସାହୁ, ନୋଡାଲ ଅଫିସର ଦିଲ୍ଲୀପ ସ୍ୱାଇଁ, ଅନ୍ୟାନ୍ୟ ସମସ୍ତ କର୍ମଚାରୀ ଏବଂ ଏଜେଣ୍ଟ ବୃନ୍ଦ ଶ୍ରୀ ଶ୍ରୀ ସିଦ୍ଧ ବଳଦେବଜୀଉ ମହାପ୍ରଭୁଙ୍କ ନିକଟରେ ପର୍ବତାରୋହୀ ବିଭାରାଣୀଙ୍କ ସଫଳତା ଓ ଶୁଭକାମନା ନିମନ୍ତେ ପ୍ରାର୍ଥନା କରିଛନ୍ତି। ସୂଚନାଯୋଗ୍ୟ ଯେ ବିଭାରାଣୀ ପୂର୍ବରୁ ଜାତୀୟ କିକ ବକ୍ସିଂ ପ୍ରତିଯୋଗିତାରେ ୨୦୧୦ ମସିହାରେ ଜାମ୍ମୁ କାଶ୍ମୀରରେ ରୌପ୍ୟ ପଦକ, ୨୦୧୧ ମସିହାରେ ଡେରାଡୁନ ଠାରେ ସେହି ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସେହିପରି ୨୦୧୨ ମସିହାରେ ହାଇଦ୍ରାବାଦ ଠାରେ ଅନୁରୂପ ପ୍ରତିଯୋଗିତାରେ ମଧ୍ୟ ରୌପ୍ୟ ପଦକ ପାଇଥିଲେ। ଆହୁରି ମଧ୍ୟ ୨୦୧୯ ରେ ଆବୁଧାବି ଠାରେ ଅନୁଷ୍ଠିତ ସ୍ୱତନ୍ତ୍ର ଅଲିମ୍ପିକ ଶିଖର ସମ୍ମିଳନୀରେ ଅନ୍ତର୍ଜାତୀୟ ଯୁବ ପୁରସ୍କାର ଓ ୨୦୨୦ ମସିହାରେ ବାଂଲାଦେଶ ଠାରେ ଅନୁରୂପ ସମ୍ମିଳନୀରେ ମଧ୍ୟ ଆନ୍ତର୍ଜାତୀୟ ଯୁବ ପୁରସ୍କାର ପାଇଥିଲେ। ସେହିପରି ୨୦୨୨ ମସିହାରେ ନୂଆଦିଲ୍ଲୀ ଠାରେ ଅନୁଷ୍ଠିତ ସ୍ୱତନ୍ତ୍ର ଅଲିମ୍ପିକ ଶିଖର ସମ୍ମିଳନୀରେ ବିଭାରାଣୀ ଜାତୀୟ ଯୁବ ନେତୃତ୍ୱ ପୁରସ୍କାର ହାସଲ କରିଥିଲେ। ଅନ୍ତର୍ଜାତୀୟ ପର୍ବତାରୋହୀ ବିଭାରାଣୀଙ୍କୁ ସମିତିର କର୍ମଚାରୀଙ୍କ ପକ୍ଷରୁ ସମ୍ବର୍ଦ୍ଧନା ଓ ଆର୍ଥିକ ପ୍ରୋତ୍ସାହନ ରାଶି ପ୍ରଦାନକୁ ସର୍ବତ୍ର ପ୍ରଶଂସା କରାଯାଇଛି।

# ପରିବାର ଅଦାଲତର ମାନବିକତା ଆଗରେ ହାର୍ ମାନିଲା ବିବାହ ବିଚ୍ଛେଦ ମାମଲା

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡା ପରିବାର ଅଦାଲତର ମାନବିକତା ଆଗରେ ହାର୍ ମାନିଲା ବିବାହ ବିଚ୍ଛେଦ ମାମଲା। କେନ୍ଦ୍ରାପଡ଼ା ଜିଲ୍ଲା ଥାନା ଅନ୍ତର୍ଗତ ଭକତରପୁର ଗ୍ରାମର ରାଜେନ୍ଦ୍ର କୁମାର ନାୟକ ୨୦୧୧ ମସିହାରେ ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ଲିପ୍ତିପ୍ରଭାଙ୍କୁ ବିବାହ କରିଥିଲେ। ବିବାହ ପରେ ଉଭୟଙ୍କ ଔରଷରୁ ଏକ ପୁତ୍ର ଜନ୍ମ ହୋଇଥିଲା। ବାଙ୍ଗାଲୁରରେ ସ୍ୱାମୀ ସ୍ତ୍ରୀ ଏକାଠି ରହୁଥିବା ବେଳେ ଉଭୟଙ୍କ ମଧ୍ୟରେ ସାମାନ୍ୟ ଘଟଣାକୁ ନେଇ ମନମାଳିନ୍ୟ ଆରମ୍ଭ ହୋଇଥିଲା। ଏଥିରେ ରାଜେନ୍ଦ୍ର ବାଙ୍ଗାଲୁରୁ କୋର୍ଟରେ ବିବାହ ବିଚ୍ଛେଦ ମାମଲା ଦାଏର କରିଥିଲେ। ଯାହାର ନଂ-୫୯୯/୨୦୨୨ ପରେ ଲିପ୍ତିପ୍ରଭା ସୁପ୍ରିମ୍ କୋର୍ଟର ଦ୍ୱାରସ୍ଥ ହୋଇ ମାମଲାକୁ କେନ୍ଦ୍ରାପଡ଼ା କୋର୍ଟକୁ ପଠାଇବା ପାଇଁ ନିବେଦନ କରିଥିଲେ। ସୁପ୍ରିମ୍‌କୋର୍ଟ ଘଟଣାର ବିଚାରକରି କର୍ଣ୍ଣାଟକ ହାଇକୋର୍ଟକୁ ନିର୍ଦ୍ଦେଶ ଦେବାପରେ କର୍ଣ୍ଣାଟକ ହାଇକୋର୍ଟ ଓଡ଼ିଶା ହାଇକୋର୍ଟକୁ ମାମଲା ପଠାଇଥିଲେ। ଓଡ଼ିଶା ହାଇକୋର୍ଟ କେନ୍ଦ୍ରାପଡ଼ା କୋର୍ଟକୁ ମାମଲା ପଠାଇବା ପରେ ପରିବାର ଅଦାଲତର ବିଚାରପତି ଦେବାଶିଷ ପଣ୍ଡା ଓ ଆଇନଜୀବୀ ବିଚିତ୍ର କୁମାର ସାହୁଙ୍କ ଉଦ୍ୟମ କ୍ରମେ ସ୍ୱାମୀ ସ୍ତ୍ରୀ ଉଭୟଙ୍କୁ ମିଳାମିଶା କରାଇଥିଲେ। ଉଭୟ କୋର୍ଟରେ ଛିଡାହୋଇ ନିଜ ଘରକୁ ଫେରିଥିଲେ।

# ଆନନ୍ଦପୁର କଲେଜର ବିକାଶ ପାଇଁ ଜିଲ୍ଲାପାଳଙ୍କ ସହ ଆଲୋଚନା

**ଆନନ୍ଦପୁର, ନ୍ୟୁଜ୍‌ବ୍ୟୁରୋ**

ଆନନ୍ଦପୁର କେନ୍ଦୁଝର ଜିଲ୍ଲାର ସର୍ବ ପୁରାତନ ଦ୍ୱିତୀୟ ବୃହତ୍ତମ ଆନନ୍ଦପୁର ମହାବିଦ୍ୟାଳୟର ୬୧ ବର୍ଷରେ ପଦାର୍ପଣ କରିଛି। ଏହି ଅବସରରେ ଆନନ୍ଦପୁର କଲେଜର ହୀରକ ଜୟନ୍ତୀ ଆସନ୍ତା ଡିସେମ୍ବର ମାସ ଶେଷ ସପ୍ତାହରେ ହେବାକୁ ଯାଉଛି। ଆନନ୍ଦପୁର କଲେଜ ହୀରକ ଜୟନ୍ତୀ କମିଟିର ସଭାପତି



ମହେଶ୍ୱର ସାହୁଙ୍କ ନେତୃତ୍ୱରେ କେନ୍ଦୁଝର ଜିଲ୍ଲାପାଳ ବିଶାଳ ସିଂଙ୍କୁ ଭେଟି କଲେଜର ବିକାଶ ପାଇଁ ଆଲୋଚନା କରିଥିଲେ। ଆନନ୍ଦପୁର କଲେଜରେ ଅଡିଟୋରିୟମ୍, ଛାତ୍ରୀ ନିବାସ, ବାଉଣ୍ଡ୍ରୀ ୱାଲ୍, ଷ୍ଟାଡିୟମ୍, ଶ୍ରେଣୀ ଗୃହ, ଲାବୋଟୋରୀ ଗୃହ, ଡାଇନିଙ୍ଗ ହଲ୍, ରାସ୍ତା ପକ୍କା କରିବା ବିଷୟରେ ପ୍ରତିନିଧି ଦଳ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ସବୁ ସମସ୍ୟାକୁ ଗୁରୁତ୍ୱର ସହିତ ତୁରନ୍ତ ପଦକ୍ଷେପ ନେବାକୁ ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଥିଲେ। ଏହି ପ୍ରତିନିଧି ଦଳରେ ସର୍ବଶ୍ରୀ ଦେବରଞ୍ଜନ ସାହୁ, ସୁବ୍ରତ କୁମାର ମହାନ୍ତି, ଅଲେଖ କୁମାର ନାୟକ, ଅଜୟ କୁମାର ହୋତା, ଦୁର୍ଗା ଚରଣ ଦଳେଇ ପ୍ରମୁଖ ସାମିଲ ହୋଇଥିଲେ।





# ଖାଲି ପଡ଼ିଛି ୨୩୫ କନେଷ୍ଟବଳ ପଦ : ୟୁପିଡିରେ ବଢୁଛି ସମସ୍ୟା

**କଟକ, ନ୍ୟୁଜ୍‌ବ୍ୟୁରୋ**

କଟକ ୟୁପିଡିରେ ଦିନକୁ ଦିନ ଆଇନଶୃଙ୍ଖଳା ପରିଚାଳନାରେ ସମସ୍ୟା ବଢ଼ିବାରେ ଲାଗିଛି । ଯଦିଓ ଥାନାଗୁଡ଼ିକରେ ସମସ୍ତ ପଦବୀ ପୂରଣ କରାଯାଇଛି, ସହରରେ ଥିବା ୧୦ଟି ଆଉଟ୍ ପୋଷ୍ଟ୍ ଓ ୧୪ଟି ଟାଉନ୍ ଆଉଟ୍-ପୋଷ୍ଟରେ ଏକାଧିକ କନେଷ୍ଟବଳ ପଦବୀ ଫାଙ୍କା ପଡ଼ିଛି । ଏହି ପଦବୀ ଗୁଡ଼ିକୁ ଦୀର୍ଘଦିନ ହେବ ପୂରଣ କରାଯାଉନଥିବାରୁ ପୁଲିସ ପୋଷ୍ଟ୍‌ଗୁଡ଼ିକ ସ୍ଥାଣୁ ପାଲଟିଛି । ନାମକୁ ମାତ୍ର ଆଉଟ୍ ପୋଷ୍ଟ ଓ ଟାଉନ୍ ଆଉଟ୍-ପୋଷ୍ଟ୍ ଖୋଲାଯାଇଛି ସତ କିନ୍ତୁ ଏଠାରେ ଲୋକମାନେ ଅଭିଯୋଗ ନେଇଗଲା ବେଳକୁ ତାହାର ସମାଧାନ ତ ଦୂରର କଥା, ସେମାନଙ୍କ ଅଭିଯୋଗ ଶୁଣିବାକୁ କର୍ମଚାରୀ ନାହାନ୍ତି । ଥାନା ଏବଂ ପୁଲିସ ପୋଷ୍ଟ୍ ପରିଚାଳନାରେ ଅଫିସରଙ୍କ ଭୂମିକା ଯେତିକି ଗୁରୁତ୍ୱପୂର୍ଣ୍ଣ ଠିକ୍ ସେତିକି କନେଷ୍ଟବଳଙ୍କ ଭୂମିକା ରହିଛି । ବିଭାଗୀୟ ତଥ୍ୟ ଅନୁସାରେ, କଟକ ୟୁପିଡିରେ ୨୩୫ଟି ମଞ୍ଜୁରିପ୍ରାପ୍ତ କନେଷ୍ଟବଳ ପଦବୀ ଫାଙ୍କା ପଡ଼ିଛି । ଏପରି କନେଷ୍ଟବଳ ଅଭାବରୁ ସାଧାରଣ ଲୋକଙ୍କୁ ନ୍ୟାୟ ପ୍ରଦାନ କ୍ଷେତ୍ରରେ ପୁଲିସ ବିଫଳ ହେଉଥିବା ଅଭିଯୋଗ ଉଠିଛି । ଏ ସମ୍ପର୍କରେ ଡିସିପିଙ୍କ କାର୍ଯ୍ୟାଳୟର ଜଣେ ଉଚ୍ଚପଦସ୍ଥ ପୁଲିସ ଅଫିସରଙ୍କୁ ପଚାରିବାରୁ ସେ କହିଛନ୍ତି, ଏହା ସମ୍ପୂର୍ଣ୍ଣ ଭାବେ ଗୃହ ବିଭାଗ ତଥା ସରକାରଙ୍କ ନିଷ୍ପତ୍ତି । କନେଷ୍ଟବଳ ଅଭାବ ସମ୍ପର୍କରେ ବାରମ୍ବାର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଯାଇଛି । ଖୁବ୍‌ଶୀଘ୍ର ଏହି ପଦବୀ ପୂରଣଲାଗି ପ୍ରକ୍ରିୟା ଆରମ୍ଭ ହେବ ବୋଲି ସୂଚନା ମିଳିଛି । ପ୍ରାପ୍ତ ସୂଚନା ଅନୁଯାୟୀ, କଟକ ୟୁପିଡିରେ ଶଙ୍କରପୁର ଟାଉନ୍ ଆଉଟ୍-ପୋଷ୍ଟ୍(ଟିଓପି)ରେ ୩ଟି, ମଧୁପାଟଣା ଟିଓପିରେ ୬ଟି, କୁମ୍ଭାରସାହି ଟିଓପିରେ ୮ଟି, ମହାନଦୀବିହାର ଓଟିପିରେ ୩ଟି, ପୁରୀଘାଟ ଟିଓପିରେ ୪୪ଟି, ଚାଉଳିଆଗଞ୍ଜ ଟିଓପିରେ ୫ଟି କାଫଲା ଟିଓପିରେ ୧୪ଟି, ଖଟବିନ୍ ସାହି ଟିଓପିରେ ୧୯ଟି, କ୍ୟାଣ୍ଟନ୍‌ମେଣ୍ଟ୍ ଟିଓପିରେ ୨୯ଟି, ମଙ୍ଗଳାବାଗ ଟିଓପିରେ ୧୩ଟି, ଯୋବ୍ରା ଟିଓପିରେ ୧୭ଟି, ମାଲଗୋଦାମ ଟିଓପିରେ ୬ଟି ଓ ଚୌଦ୍ୱାର ଟିଓପିରେ ୧୨ଟି ସରକାରୀ ମଞ୍ଜୁରିପ୍ରାପ୍ତ କନେଷ୍ଟବଳ ପଦବୀ ଫାଙ୍କା ପଡ଼ିଛି । ସମୁଦାୟ ୧୪ଟି ଟାଉନ୍ ଆଉଟ୍-ପୋଷ୍ଟ୍( ଟିଓପି)ରେ ୧୭୯ଟି କନେଷ୍ଟବଳ ପଦବୀ ଫାଙ୍କା ରହିଛି । ସେହିପରି ସହରର ପୁଲିସ ଆଉଟ୍ ପୋଷ୍ଟ୍ ଗୁଡିକରେ ମଧ୍ୟ ଏକାଧିକ କନେଷ୍ଟବଳ ପଦବୀ ଫାଙ୍କା ରହିଛି । ପେପର୍ ମିଲ୍ ଆଉଟ୍ ପୋଷ୍ଟ୍ ଆଦୌ କନେଷ୍ଟବଳ ପଦ ଫାଙ୍କା ନାହିଁ । ମହାନଦୀ ବ୍ୟାରେଜ୍ ଓପିରେ ୩ଟି, ଏସ୍‌ସିବି କ୍ୟାମ୍ପସ୍ ଓପିରେ ୪ଟି, ସୂତାହାଟ ଓପିରେ ୧୯ଟି, ଗୋରାକବର ଓପିରେ ୪ଟି, ଲ'ୟୁନିଭର୍ସିଟି କ୍ୟାମ୍ପସ୍ ଓପିରେ ୪ଟି, କଲେଜ ସ୍କୋୟାର୍ ଓପିରେ ୩ଟି ଓ ପାଗା ଓପିରେ ୧ଟିକୁ ମିଶାଇ ମୋଟ୍ ୩୮ଟି କନେଷ୍ଟବଳ ପଦ ଫାଙ୍କା ପଡ଼ିଛି । ମଧୁପାଟଣା ଟ୍ରାଫିକ୍ ଥାନାରେ ୧୨, ବାରଙ୍ଗ ଥାନାରେ ୪ ଏବଂ କନ୍ଦରପୁର ଥାନାରେ ୨ଜଣ କନେଷ୍ଟବଳ ନାହାନ୍ତି । ମୋଟ୍ ୧୮ଟି କନେଷ୍ଟବଳ ପଦବୀ ଏଠାରେ ଫାଙ୍କା ରହିଛି । ଏହି ପଦବୀ ଗୁଡ଼ିକ ଦୀର୍ଘ ବର୍ଷ ହେବ ଫାଙ୍କା ପଡ଼ିଥିବା ବେଳେ ଏପର୍ଯ୍ୟନ୍ତ ଏହାକୁ ପୂରଣ କରାଯାଇ ପାରୁନାହିଁ । ଅନ୍ୟପକ୍ଷରେ ସହରର ଅଧିକାଂଶ ଥାନାରେ ମଞ୍ଜୁରିପ୍ରାପ୍ତ କନେଷ୍ଟବଳ ପଦବୀରେ ଏକାଧିକ କନେଷ୍ଟବଳ ଗାଦି ମାଡି ବସିଛନ୍ତି । ନା' ସେମାନଙ୍କ ଅନ୍ୟତ୍ର ବଦଳି ହେଉଛି, ନା' ବିଭାଗୀୟ କାର୍ଯ୍ୟାନୁଷ୍ଠାନ ନିଆଯାଉଛି । ସୂଚନା ଅନୁସାରେ, ମହିଳା ଥାନାରେ ୫, ବିଡ଼ାନାସୀ ଥାନାରେ ୩, ମର୍କତନଗର ୩, ମଙ୍ଗଳାବାଗ ଥାନାରେ ୧, ପୁରୀଘାଟ ଥାନାରେ ୯, ଲାଲବାଗ ଥାନାରେ ୩, କ୍ୟାଣ୍ଟନ୍‌ମେଣ୍ଟ୍ ଥାନାରେ ୨, ମଧୁପାଟଣା ଥାନାରେ ୩, ଚାଉଳିଆଗଞ୍ଜ ଥାନାରେ ୩, ସିଆରଆରଆଇ ଥାନାରେ ୨, ସଦର ଥାନାରେ ୪ ଓ ଚୌଦ୍ୱାର ଥାନାରେ ୩ କନେଷ୍ଟବଳ ଆବଶ୍ୟକତାଠାରୁ ଅଧିକ ରହିଛନ୍ତି । ମୋଟ୍ ୪୧ଜଣ କନେଷ୍ଟବଳ ଆବଶ୍ୟକ ନଥାଇ ନିଯୁକ୍ତି ଦିଆଯାଇଛି ।

# ବୁଡ଼ିଗଲାଣି ଅଧା ଦେଶ ! ବାଦଲ ଫଟା ବର୍ଷା ସାଙ୍ଗକୁ ଭୂସ୍ଖଳନ ସାଧାରଣ ଜନଜୀବନକୁ କଲାଣି ଅସ୍ତବ୍ୟସ୍ତ

**ନୂଆଦିଲ୍ଲୀ**

ପ୍ରକୃତି ଦେଶର ଅନେକ ସ୍ଥାନରେ ଏହାର ଭୟଙ୍କର ରୂପ ଦେଖାଉଛି । କେତେକ ସ୍ଥାନରେ ବାଦଲଫଟା ବର୍ଷା ଏବଂ ବିନାଶର ଦୃଶ୍ୟ ଥିବାବେଳେ କେତେକ ସ୍ଥାନରେ ଲଗାତାର ବର୍ଷା ରାସ୍ତାରେ ବନ୍ୟା ପରିସ୍ଥିତି ସୃଷ୍ଟି କରିଛି । ନିକଟରେ ଦିଲ୍ଲୀ ପ୍ରବଳ ବର୍ଷାରେ ବୁଡ଼ିଯିବା ହେଡ୍‌ଲାଇନରେ ଥିଲା, ସେତେବେଳେ କେରଳର ୱାୟନାଡରେ ଏକ ପ୍ରଳୟଙ୍କରୀ ଭୂସ୍ଖଳନ ଘଟିଥିଲା ।

ପ୍ରକାଶ ଯେ, ଗୁରୁବାର ରାତିରେ ପ୍ରବଳ ବର୍ଷା ହେତୁ ଉତ୍ତରାଖଣ୍ଡରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା, ଯାହା ପରେ ଅନେକ ନଦୀ ବିପଦ ସଙ୍କେତ ଉପରେ ପ୍ରବାହିତ ହୋଇ ଏପର୍ଯ୍ୟନ୍ତ ପ୍ରାୟ ୨୦ ଜଣଙ୍କ ଜୀବନ ନେଲାଣି । ଏଥିରେ ଅନେକ ଲୋକ ଆହତ ହୋଇଥିବା କୁହାଯାଉଛି ।

ପ୍ରବଳ ବର୍ଷା ହେତୁ ଅନେକ ସ୍ଥାନରେ ଭୂସ୍ଖଳନ ଯୋଗୁ କେଦାରନାଥ ଯାତ୍ରା ବନ୍ଦ ହୋଇଯାଇଛି । ମିଳିଥିବା ସୂଚନା ଅନୁଯାୟୀ, ଘୋଡାପର୍ଡା, ଲିଓ୍ୱୋଲି, ବାଡି ଲିଓ୍ୱୋଲି ଏବଂ ଭୀମବାଲିରେ ପଥର ଯୋଗୁଁ ଟ୍ରେକ ମାର୍ଗ ବନ୍ଦ ରହିଛି । ଏପର୍ଯ୍ୟନ୍ତ ହେଲିକପ୍ଟର ଯୋଗେ ଲିଓ୍ୱୋଲି ଏବଂ ଭୀମବାଲିରୁ ୪୨୫ ତୀର୍ଥଯାତ୍ରୀଙ୍କୁ ସୁରକ୍ଷିତ ଭାବେ ଅଣାଯାଇଥିବାବେଳେ ଉଦ୍ଧାରକାରୀ ଦଳ ସହାୟତାରେ ୧୧୦୦ ତୀର୍ଥଯାତ୍ରୀ ବିଭିନ୍ନ ସ୍ଥାନରୁ ଚାଲି ଚାଲି ସୋନପ୍ରାୟାଗରେ ପହଞ୍ଚିଛନ୍ତି ।

ଅନ୍ୟପକ୍ଷରେ ପଡ଼ୋଶୀ ରାଜ୍ୟ ହିମାଚଳପ୍ରଦେଶ ମଧ୍ୟ ମୌସୁମୀର କ୍ରୋଧ ସହ ସଂଘର୍ଷ କରୁଛି । ଏଠାରେ ଅନେକ ବାଦଲ ଫଟା ବର୍ଷା ଘଟଣାରେ ପାଞ୍ଚ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ପ୍ରାୟ ୫୦ ଜଣ ନିଖୋଜ ଥିବା ଜଣାଯାଇଛି । କାଦୁଅ ଓ ଜଳର ପ୍ରବଳ ପ୍ରବାହରେ ଘର, ରାସ୍ତା ଏବଂ ବ୍ରିଜ୍ ଧୋଇ ହୋଇଯାଇଛି ।

ରାଜ୍ୟ ଜରୁରୀକାଳୀନ ଅପରେସନ ସେଣ୍ଟର ଅନୁଯାୟୀ କୁଲୁ ଜିଲ୍ଲାର ନିରମାଣ୍ଡ, ସାଇନଜ ଏବଂ ମଲାନା ଅଞ୍ଚଳରେ, ମାଣ୍ଡିର ପଦ୍ମ ଏବଂ ଶିମଳା ଜିଲ୍ଲାର ରାମପୁରରେ ବାଦଲ ଫଟା ବର୍ଷା ହୋଇଛି । ଭୂସ୍ଖଳନ ହେତୁ ମନାଲି-ଚଣ୍ଡିଗଡ଼ ଜାତୀୟ ରାଜପଥ ଅନେକ ସ୍ଥାନରେ କ୍ଷତିଗ୍ରସ୍ତ ହୋଇଛି ।

ବିନାଶର ସମାନ ଦୃଶ୍ୟ ଉତ୍ତର ଭାରତର ଅନ୍ୟାନ୍ୟ ରାଜ୍ୟରେ ମଧ୍ୟ ଦେଖିବାକୁ ମିଳିଥିଲା । ଏଥିମଧ୍ୟରେ ଜମ୍ମୁ-କଶ୍ମୀର, ରାଜସ୍ଥାନ, ଗୋଆ ଭଳି ରାଜ୍ୟ ମଧ୍ୟ ମୌସୁମୀର କ୍ରୋଧର ଶିକାର ହୋଇଛନ୍ତି । ଯେଉଁଠାରେ ପ୍ରବଳ ବର୍ଷା, ବନ୍ୟା ଏବଂ କେତେକ ସ୍ଥାନରେ ୱାଟର ଲଗିଙ୍ଗ ଯୋଗୁଁ ଅନେକ ଲୋକଙ୍କର ମୃତ୍ୟୁ ହୋଇଛି ।

# ଭୁବନେଶ୍ୱର ମେଟ୍ରୋ ପ୍ରକଳ୍ପ : ୬ ଷ୍ଟେସନ୍ ପାଇଁ ଟେଣ୍ଡର ହାତେଇଲା ଗୁଜରାଟ କମ୍ପାନୀ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

କ୍ୟାପିଟାଲ ହସ୍ପିଟାଲଠାରୁ ଆଚାର୍ଯ୍ୟ ବିହାର ପର୍ଯ୍ୟନ୍ତ ୬ଟି ମେଟ୍ରୋ ରେଳଷ୍ଟେସନ୍ ପାଇଁ ଟେଣ୍ଡର୍ ହାତେଇଛି 'ରଞ୍ଜିତ ବିଲ୍ଡକନ୍' । ଭୁବନେଶ୍ୱର ମେଟ୍ରୋ ପ୍ରକଳ୍ପର ଏହି ଗୁରୁତ୍ୱପୂର୍ଣ୍ଣ ପ୍ୟାଚ୍‌କୁ ଏହି ଗୁଜରାଟ ଭିତ୍ତିକ କମ୍ପାନୀ ଟେଣ୍ଡର ହାତେଇଛି । ମେଟ୍ରୋ ପ୍ରକଳ୍ପ ନିର୍ମାଣ ଦାୟିତ୍ୱ ନେଇଥିବା ଦିଲ୍ଲୀ ମେଟ୍ରୋ ରେଳ କର୍ପୋରେସନ୍ ରଖୁଥିବା ଟେଣ୍ଡର୍ ଏଷ୍ଟିମେଟ୍ ମୂଲ୍ୟଠାରୁ ୧୧.୦୧ ପ୍ରତିଶତ କମ୍ ଟଙ୍କାର ବିଡ୍ ଦାଖଲ କରି ସଂସ୍ଥା ଟେଣ୍ଡର ହାତେଇଥିବା ଜଣାପଡ଼ିଛି । ଏହି ପ୍ୟାଚ୍‌ରେ ୭.୧୨୨କିମି ରାସ୍ତା ପାଇଁ ସଂସ୍ଥା ପକ୍ଷରୁ ୫୬୧୨୧ କୋଟି ଟଙ୍କା କୋଟ୍ କରାଯାଇଛି । ଏହି ସଂସ୍ଥା ଅହମଦାବାଦ ଓ ସୁରତ ମେଟ୍ରୋ ପ୍ରକଳ୍ପରେ ମଧ୍ୟ ପୂର୍ବରୁ କାର୍ଯ୍ୟ କରିବାର ଅଭିଜ୍ଞତା ରଖିଥିବା ଜଣାପଡ଼ିଛି । ଏହି ପ୍ୟାଚ୍‌ରେ ୬ଟି ଏଲେଭେଟେଡ୍ ଷ୍ଟେସନ୍ ନିର୍ମାଣ ହେବାକୁ ଥିବା ବେଳେ ଏଗୁଡ଼ିକ ମଧ୍ୟରେ କ୍ୟାପିଟାଲ ହସ୍ପିଟାଲ, ବାପୁଜୀ ନଗର, ମାଷ୍ଟର କ୍ୟାଣ୍ଟିନ୍ ରେଳ ଷ୍ଟେସନ, ରାମ ମନ୍ଦିର ଛକ, ବାଣୀବିହାର ଓ ଆଚାର୍ଯ୍ୟ ବିହାର ଛକରେ ଏହି ଷ୍ଟେସନ୍ ନିର୍ମାଣ କରାଯିବ ।

ଧୀରେଧୀରେ ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପ କାମ ଆଗକୁ ବଢ଼ି ଚାଲିଛି । ଏହି କ୍ରମରେ ଗତ ମାସରେ ପ୍ରକଳ୍ପ ପାଇଁ ମେଟ୍ରୋ ରେଳ କୋଚ୍ ପାଇଁ ମଧ୍ୟ ଟେଣ୍ଡର୍ ଆହ୍ୱାନ କରାଯାଇଛି । ପ୍ରକଳ୍ପର ଦାୟିତ୍ୱ ନେଇଥିବା ଦିଲ୍ଲୀ ମେଟ୍ରୋ ରେଳ କର୍ପୋରେସନ ପକ୍ଷରୁ ଏହି ଟେଣ୍ଡର୍ ଆହ୍ୱାନ କରାଯାଇଥିବା ବେଳେ ଟେଣ୍ଡର ଭେଲ୍ୟୁ ୫୦୯ କୋଟି ଟଙ୍କା ରହିଛି । ୧୮ ଜୁଲାଇରେ ଏହି ପ୍ରକଳ୍ପ ପାଇଁ ଟେଣ୍ଡର ଆହ୍ୱାନ କରାଯାଇଥିବା ବେଳେ ୨୨ ଅଗଷ୍ଟରୁ ଏଥିପାଇଁ ବିଡ୍ ଦାଖଲ କରାଯିବ । ସେପ୍ଟେମ୍ବର ୨ ତାରିଖରେ ବିଡ୍ ଖୋଲିବ ବୋଲି ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି । ସୂଚନା ଥାଉ କି ୨୬କିମି ବିଶିଷ୍ଟ ଏହି ପ୍ରକଳ୍ପରେ ୨୦ଟି ଷ୍ଟେସନ ରହିବ ଓ ଏଥିପାଇଁ ୬୨୫୫.୯୪କୋଟି ଟଙ୍କା ଖର୍ଚ୍ଚ କରାଯିବ ବୋଲି ପୂର୍ବ ସରକାର ନିଷ୍ପତ୍ତି ନେଇଥିଲେ । ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରକଳ୍ପର ସମସ୍ତ ଖର୍ଚ୍ଚ ବହନ କରାଯିବ ବୋଲି ଯୋଜନା କରାଯାଇଥିବା ବେଳେ ଓଡ଼ିଶା ଇତିହାସରେ ଭିତ୍ତିଭୂମି କ୍ଷେତ୍ରରେ ଏହା ସବୁଠାରୁ ବଡ଼ ନିବେଶ ହେବ । ଗତ ୨୦୨୩ ଅପ୍ରେଲ ପହିଲାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶାରେ ଏହି ମେଟ୍ରୋ ରେଳ ପ୍ରକଳ୍ପ ଆରମ୍ଭ କରିବା ସମ୍ପର୍କରେ ଘୋଷଣା କରିଥିଲେ । ୨୦୨୩ ନଭେମ୍ବର ୧୪ ତାରିଖରେ ଏହି ପ୍ରକଳ୍ପକୁ କ୍ୟାବିନେଟ୍ ଅନୁମୋଦନ ମିଳିବା ପରେ ମାତ୍ର ୪ମାସ ମଧ୍ୟରେ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରାଯାଇ ଜାନୁଆରୀ ୧ ନୂଆ ବର୍ଷରେ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା । ଦିଲ୍ଲୀ ମେଟ୍ରୋ ରେଳ କର୍ପୋରେସନ ଓ ଭୁବନେଶ୍ୱର ମେଟ୍ରୋ ରେଳ କର୍ପୋରେସନର ମିଳିତ ଉଦ୍ୟମରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି । ଗତ ବଜେଟ୍‌ରେ ମେଟ୍ରୋ ରେଳ ପ୍ରକଳ୍ପ ପାଇଁ ୧ହଜାର କୋଟି ଟଙ୍କାର ବ୍ୟୟ ବରାଦ ହୋଇଛି ।

# ବାପାକୁ ପିଟିପିଟି ମାରିଦେଲା ନାବାଳକ

**ସମ୍ବଲପୁର, ନ୍ୟୁଜ୍‌ବ୍ୟୁରୋ**

ସମ୍ବଲପୁର ଧନୁପାଲି ଥାନା ଅନ୍ତର୍ଗତ କରମଟୁଲି ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି । ନିଜ ମା' ଓ ସାବତ ବାପାଙ୍କୁ ନାବାଳକ ପୁଅ ବାଡ଼ିରେ ପିଟିବାରୁ ଏଥିରେ ସାବତ ବାପା ବଳରାମ ମୁଣ୍ଡାଙ୍କ (୩୦) ମୃତ୍ୟୁ ଘଟିଥିବା ବେଳେ ମା' କୁସୁମ ମୁଣ୍ଡା(୪୦) ଗୁରୁତର ହୋଇଛନ୍ତି । ପୁଲିସ୍ ଘଟଣାସ୍ଥଳରୁ ହତ୍ୟାକାଣ୍ଡରେ ବ୍ୟବହୃତ ବାଡ଼ି ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି । ହତ୍ୟାକାଣ୍ଡ ପରେ ନାବାଳକ ପୁଅ ଫେରାର୍ ହୋଇଯାଇଥିବା ସୂଚନା ମିଳିଛି । ସୂଚନାଯୋଗ୍ୟ, ୭ ବର୍ଷ ପୂର୍ବରୁ କୁସୁମଙ୍କ ସ୍ୱାମୀଙ୍କ କୌଣସି କାରଣରୁ ମୃତ୍ୟୁ ଘଟିଥିଲା । ପରେ ସେ ବଳରାମ ମୁଣ୍ଡାଙ୍କୁ ବିବାହ କରି ନିଜ ନାବାଳକ ପୁଅକୁ ନେଇ ଏକାଠି ରହୁଥିଲେ । ବଳରାମ ଓ କୁସୁମଙ୍କ ମଧ୍ୟରେ ସମ୍ପର୍କ ଭଲ ନ ଥିଲା । ଉଭୟଙ୍କ ମଧ୍ୟରେ ଝଗଡ଼ା ହେଉଥିଲା । ଗତ ରାତିରେ ଘରେ ରୋଷେଇ ହୋଇନଥିଲା । ପୁଅ ଖାଇବାକୁ ମାଗିଥିଲା । କିନ୍ତୁ ସ୍ୱାମୀ-ସ୍ତ୍ରୀ ତା' କଥା ନଶୁଣି ପରସ୍ପର ମଧ୍ୟରେ ପାଟିତୁଣ୍ଡ କରିଥିଲେ । ଏଥିରେ ରାଗିଯାଇ ପୁଅ ଦୁହିଁଙ୍କୁ ମାଡ଼ ମାରିଥିଲା ।

# ତୀବ୍ର ବେଗରେ ମାଡିଚାଲିଥିବା ଡେଙ୍ଗୁ ଦମନ ପାଇଁ ବିଏମ୍‌ସିର ପ୍ରୟାସ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ବିଏମ୍‌ସି ଅଞ୍ଚଳରେ ଡେଙ୍ଗୁ ରୋଗ ରୋକିବା ପାଇଁ ପ୍ରାୟ ୮୫୦ ଡେଙ୍ଗୁ ସ୍ୱେଚ୍ଛାସେବୀ ଘର ଘର ବୁଲି ଡେଙ୍ଗୁ ଉତ୍ସଗୁଡିକ ହ୍ରାସ ଉପରେ ସଚେତନତା ସୃଷ୍ଟି କରୁଛନ୍ତି । ଏଥସହ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଭିତରେ ମଧ୍ୟ ସଚେତନତା ସୃଷ୍ଟି କରାଯାଉଛି । ମଶା ବଂଶ ବୃଦ୍ଧି ଉତ୍ସ ହ୍ରାସ କାର୍ଯ୍ୟକଳାପ ସହିତ ଲାର୍ଭା ବିରୋଧୀ କାର୍ଯ୍ୟକ୍ରମ ଜାରିରହିଛି । ରାଜଧାନୀରେ ଜୁଲାଇ ୩୦ ସୁଦ୍ଧା ମୋଟ ୧୦ ହଜାର ୪୧ଟି ରକ୍ତ ନମୁନା ପରୀକ୍ଷା କରାଯାଇଛି । ଏଥିରୁ ୨୪୧ ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି ଏବଂ ସେମାନଙ୍କ ମଧ୍ୟରୁ ୯୯ ଜଣ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ । ଗତବର୍ଷ ତୁଳନାରେ ଚଳିତବର୍ଷ କମିଛି ରୋଗୀଙ୍କ ସଂଖ୍ୟା । ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ଡେଙ୍ଗୁ ରୋଗୀଙ୍କ ମଧ୍ୟରୁ ୯୪ ଜଣ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି । ସୂଚନାଯୋଗ୍ୟ, ଗତବର୍ଷ ତୁଳନାରେ ଚଳିତ ବର୍ଷ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା କମ୍ ରହିଛି । ୨୦୨୩ ଜୁଲାଇ ମାସରେ ଟେଷ୍ଟିଂ ୨୧୯୫ ଥିବା ବେଳେ ଚଳିତ ବର୍ଷ ଜୁଲାଇ ମାସରେ ୩୩୧୭ ହୋଇଛି । ଅନ୍ୟପକ୍ଷରେ ୨୦୨୩ରେ ୫୦୯ ଡେଙ୍ଗୁ ପଜେଟିଭ୍ ରହିଥିବା ବେଳେ ୨୦୨୪ରେ ଏହି ସଂଖ୍ୟା ୧୯୦ ରହିଛି । ଟେଷ୍ଟ ଓ ପଜେଟିଭ୍ ରେଟ୍ ୨୦୨୩ ପାଇଁ ୨୩.୧୯ ରହିଥିବା ବେଳେ ୨୦୨୪ରେ ଏହା ୫.୭୩ ରହିଛି । ଜନସାଧାରଣଙ୍କ ସଚେତନତା ବୃଦ୍ଧି ହେତୁ ଏହା ସମ୍ଭବ ହୋଇ ପାରିଛି । ଚଳିତ ମାସ ୨୨ ତାରିଖରୁ ଅଟୋ ମାଉଁଟେଡ୍ ଏବଂ ହ୍ୟାଣ୍ଡ ଅପରେଟେଡ୍ ଫଗିଂ ବା ମଶାଧୂଆଁ ଦେବା କାର୍ଯ୍ୟକ୍ରମ ସବୁ ୱାର୍ଡରେ ଚାଲୁରହିଛି । ଡେଙ୍ଗୁ ରୋଗକୁ ମୁକାବିଲା କରିବା ପାଇଁ ଲୋକଙ୍କ ସହଯୋଗ କାମନା କରିଛନ୍ତି କମିଶନର ରାଜେଶ ପ୍ରଭାକର ପାଟିଲ ।

# ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ବିଶ୍ୱର ସବୁଠାରୁ ବଡ଼ ବୀମା ଯୋଜନା

**ନୂଆଦିଲ୍ଲୀ**



ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର ବିଶେଷ ଉପଲବ୍ଧି ବାବଦରେ କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂ ଚୌହ୍ୱାନ ରାଜ୍ୟସଭାକୁ ସମ୍ବୋଧିତ କଲାବେଳେ ସଦସ୍ୟମାନଙ୍କୁ ଅବଗତ କରାଇଛନ୍ତି । ସେ କହିଛନ୍ତି ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ହେଉଛି ବିଶ୍ୱର ସବୁଠାରୁ ବଡ ଫସଲ ବୀମା ଯୋଜନା । ବିଗତ ୧୦ବର୍ଷ ମଧ୍ୟରେ ଅଣକୃଷି ବୀମା ଆବେଦନ ସଂଖ୍ୟା ୨୦ ହଜାରରୁ ବୃଦ୍ଧି ପାଇଁ ୫ କୋଟିରେ ପହଞ୍ଚିଛି । ସେହିପରି ଅଣକୃଷି କୃଷକଙ୍କ ସଂଖ୍ୟା ୨୭ ଗୁଣ ବୃଦ୍ଧି ପାଇଛି । ଏବେ ବୀମା ଭୁକ୍ତ ଚାଷ ଜମି ୫ କୋଟି ୯୮ ଲକ୍ଷ ହେକ୍ଟର ହୋଇଥିବା ବେଳେ ମୋଟ ବୀମା ରାଶି ୮୨ ହଜାର କୋଟିରୁ ବୃଦ୍ଧି ପାଇ ୨୦୦, ୭୧, ୨୯୫ କୋଟିରେ ପହଞ୍ଚିଛି । କୃଷକମାନଙ୍କୁ ୧୬୪୪୨ କୋଟି ପ୍ରିମିୟମ ଉପରେ ୬୩ ହଜାର ୬୧୭ କୋଟିର ଦାବି (କ୍ଲେମ୍)ର ମୁକାବିଲାରେ ଏବେ ୩୨୪୪୦ କୋଟି ପ୍ରିମିୟମ ଉପରେ ୧ ଲକ୍ଷ ୬୪ ହଜାର କୋଟିର କ୍ଲେମ୍ ମିଳିଛି ।

# ସଡ଼କ ଦୁର୍ଘଟଣାରେ ଯୁବକ ମୃତ

**ରାଇଘର, ନ୍ୟୁଜ୍‌ବ୍ୟୁରୋ**

ରାଇଘର ଥାନା ଅଧୀନ ରେ ଥିବା ବୀରପୁର ଡିଏନକେ ଛକ ନିକଟରେ ଟିପର ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି । ମୃତ ବ୍ୟକ୍ତି ବୀରପୁର ଗ୍ରାମର ଶଙ୍କର ମିସ୍ତ୍ରୀ ବୋଲି ଜଣାପଡିଛି । ଶଙ୍କର ରାଇଘର ବଜାରରେ ଏକ ସାଇକେଲ ଦୋକାନରେ କାମ କରନ୍ତି । ଦୋକାନ ବନ୍ଦ ହେବା ପରେ ଘରକୁ ଯିବାସମୟରେ ଏପରି ଘଟଣା ଘଟିଥିବା ସେଠାକାର ଲୋକେ କହିବା ସହ କ୍ଷତିପୂରଣ ନହେବା ଯାଏଁ ରାସ୍ତା ରୋକ କରିଥିବା ଦେଖିବାକୁ ମିଳିଛି । ଘଟଣା ସ୍ଥଳରେ ପୋଲିସ ପହଞ୍ଚି ବୁଝାସୁଝା କରୁଥିବା ଜଣାପଡିଛି ।

# ନଷ୍ଟ ହେବାକୁ ଯାଉଛି ଭ୍ରାମ୍ୟମାଣ ଚିକିତ୍ସାଳୟ

**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**

ଏମ୍‌କେସିଜି ମେଡ଼ିକାଲ୍ କଲେଜ ଓ ହସ୍‌ପିଟାଲ୍ ପରିସରରେ ଥିବା ପ୍ରୋଟେବଲ୍ ହେଲ୍‌ଥକେୟାରର ୟୁନିଟ୍ ନଷ୍ଟ ହେବାକୁ ଯାଉଛି । ଅନେକ ଦିନ ହେବ ଏହି ହସ୍ପିଟାଲ୍‌ଟି ବ୍ୟବହାରରେ ଲାଗୁନାହିଁ । କରୋନା ମହାମାରୀ ସମୟରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ଏହି ହସ୍‌ପିଟାଲ୍‌ରେ ସମସ୍ତ ପ୍ରକାର ବ୍ୟବସ୍ଥା ରହିଥିଲେ ମଧ୍ୟ ତାହାକୁ ରୋଗୀଙ୍କ କାମରେ ଲଗାଯାଉନାହିଁ । ପ୍ରକାଶ ଯେ, ୨୦୨୧ରେ କରୋନା ମହାମାରୀ ଚାଲିଥିବା ବେଳେ ଏମ୍‌କେସିଜି ମେଡ଼ିକାଲକୁ ବିଭିନ୍ନ ଜିଲ୍ଲାରୁ ରୋଗୀଙ୍କ ସୁଅ ଛୁଟିଥିଲା । ଫଳରେ ଏମ୍‌କେସିଜିରେ ରୋଗୀଙ୍କୁ ଚିକିତ୍ସା ପାଇଁ ସ୍ଥାନ ଅଭାବ ଦେଖା ଦେଇଥିଲା । ସେହିକ୍ରମରେ ଏମ୍‌କେସିଜିର କର୍କଟ ବିଭାଗ ପଛପଟେ ଥିବା ଖାଲି ସ୍ଥାନରେ ୫୦ ଶଯ୍ୟା ବିଶିଷ୍ଟ ଏକ ଭ୍ରାମ୍ୟମାଣ ଚିକିତ୍ସାଳୟ ନିର୍ମାଣ କରାଯାଇଥିଲା । ଆମେରିକା ଇଣ୍ଡିଆ ଫାଉଣ୍ଡେସନ୍ ଦ୍ୱାରା ଏହି ହସପିଟାଲ୍ ନିର୍ମାଣ କରାଯିବା ସହ ସ୍ୱତନ୍ତ୍ର ଭାବେ କରୋନା ରୋଗୀଙ୍କ ଚିକିତ୍ସା କରାଯାଇଥିଲା । ରୋଗୀଙ୍କ ଚିକିତ୍ସା ପାଇଁ ଏଠାରେ ଅସ୍ଥାୟୀ ଭାବେ ଏକାଧିକ ସ୍ୱତନ୍ତ୍ର କୋଠରୀ ନିର୍ମାଣ ହୋଇଥିଲା । ଆଉଟ୍‌ଡ଼ୋର, ଇନ୍‌ଡ଼ୋର, ଡ଼ାକ୍ତରଙ୍କ କୋଠରୀ, ନର୍ସଙ୍କ କୋଠରୀ ଆଦି ନିର୍ମାଣ ହୋଇଥିଲା । ପ୍ରାୟ ସମସ୍ତ କୋଠରୀରେ ଶୀତତାପ ନିୟନ୍ତ୍ରିତ ମେସିନ୍ ସ୍ଥାପନ କରାଯାଇଥିଲା । ରୋଗୀଙ୍କ ପାଇଁ ଅତ୍ୟାଧୁନିକ ଶଯ୍ୟା ପକାଯିବା ସହ ଆଇସିୟୁରେ ଅତ୍ୟାଧୁନିକ ସରଞ୍ଜାମ ଖଞ୍ଜା ଯାଇଥିଲା । କରୋନା ମହାମାରୀ ଚାଲୁଥିବା ବେଳେ ଏଠାରେ ଅନେକ ରୋଗୀ ଚିକିତ୍ସିତ ହୋଇଥିଲେ । କରୋନା ଯିବା ପରେ ଏହି ହସ୍‌ପିଟାଲ୍‌ରେ କର୍କଟ ରୋଗ ବିଭାଗର ରୋଗୀଙ୍କୁ ରଖି ଚିକିତ୍ସା କରାଯାଇଥିଲା । ଏହାଦ୍ୱାରା କର୍କଟ ରୋଗ ବିଭାଗରେ ଶଯ୍ୟା ଅଭାବ ସମସ୍ୟା ଦୂର ହୋଇଥିଲା । ହେଲେ ଗତ କିଛି ମାସ ହେବ ଏହି ଭ୍ରାମ୍ୟମାଣ ହସ୍ପିଟାଲ୍‌ରେ କୌଣସି ବିଭାଗର ରୋଗୀ ଚିକିତ୍ସିତ ହେଉନଥିବା ଦେଖିବାକୁ ମିଳିଛି । ସଂକ୍ରାମକ ରୋଗୀଙ୍କୁ ଏଠାରେ ରଖି ଚିକିତ୍ସା କରାଯିବାକୁ ଏମ୍‌କେସିଜି ପକ୍ଷରୁ ଯୋଜନା ହୋଇଥିଲେ ମଧ୍ୟ ତା ଆଜିଯାଏଁ କାର୍ଯ୍ୟକାରୀ ହୋଇପାରିନାହିଁ । ଫଳରେ ଏହି ହସ୍‌ପିଟାଲ୍‌ଟି ଖତ ଖାଇବାରେ ଲାଗିଛି । ଏସି ୟୁନିଟ୍‌ଗୁଡ଼ିକ ବାହାରେ ଲାଗିଥିବାରୁ ତାହାର ପାଇପ ଓ ଅନ୍ୟାନ୍ୟ ସାମଗ୍ରୀ ଚୋରୀ ହୋଇଯାଉଥିବା ମଧ୍ୟ ଅଭିଯୋଗ ହେଉଛି । ବର୍ତ୍ତମାନ ଏହି ହସ୍‌ପିଟାଲ୍‌କୁ କେବଳ ଜଣେ ସୁରକ୍ଷା କର୍ମୀ ଜଗି ରହୁଛନ୍ତି । ଏମ୍‌କେସିଜି ମେଡ଼ିକାଲ୍‌ରେ ଭେଷଜ ବିଭାଗ ଭଳି କିଛି ବିଭାଗରେ ରୋଗୀଙ୍କ ପାଇଁ ଶଯ୍ୟା ଅଭାବ ଦେଖାଯାଉଥିବା ବେଳେ ଅତ୍ୟାଧୁନିକ ଶୈଳୀରେ ନିର୍ମାଣ ହୋଇଥିବା ଏହି ଭ୍ରାମ୍ୟମାଣ ଚିକିତ୍ସାଳୟ ରୋଗୀଙ୍କ କାମରେ ଲାଗି ପାରୁନାହିଁ । ଏକ ସଙ୍ଗଠନ ପକ୍ଷରୁ ଏହାକୁ ନିର୍ମାଣ କରାଯାଇଥିବାରୁ ଏହାର ବ୍ୟବହାର ଦିଗରେ ଧ୍ୟାନ ଦିଆଯାଉନଥିବା ଅଭିଯୋଗ ହେଉଛି । ଏହାର ବ୍ୟବହାର ଦିଗରେ ଏମ୍‌କେସିଜି କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି ।

# ନବଘନ ହତ୍ୟା ଘଟଣା : ଆସିଲା ଶବ ବ୍ୟବଚ୍ଛେଦ ରିପୋର୍ଟ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଭୁବନେଶ୍ୱରରୁ ଅପହୃତ ବ୍ୟବସାୟୀଙ୍କ ନବଘନ ପାଟଶାଣୀ ଓରଫ ବାଙ୍କା ମୃତ୍ୟୁକୁ ନେଇ ବଢୁଛି ସସପେନ୍ସ । ଭରତପୁର ପୁଲିସ ମାମଲା ରୁଜୁକରି ତଦନ୍ତ କରୁଛି । ଗୁରୁବାର ପୁଲିସ ନିକଟରେ ନବଘନଙ୍କ ପ୍ରାଥମିକ ଶବ ବ୍ୟବଚ୍ଛେଦ ରିପୋର୍ଟ ହସ୍ତଗତ ହୋଇଛି । ରକ୍ତସ୍ରାବ ଏବଂ ଶ୍ୱାସରୁଦ୍ଧରୁ ନବଘନଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି । ନବଘନଙ୍କ ମୁହଁରେ କ୍ଷତଚିହ୍ନ ଥିବାରୁ ତାଙ୍କୁ ସିଗାରେଟ୍ ଚେଙ୍କ ଦିଆଯାଇଥିବା ଅନୁମାନ କରାଯାଉଛି । ସେହିପରି ମୃତଦେହ ଏତେବାଟ ଗଲା କେମିତି, ତାକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି । ତେଣୁ ସିସିଟିଭି ଫୁଟେଜ୍, ସିଡିଆର୍ ଓ ମୋବାଇଲ୍ ଲୋକେସନ୍‌କୁ ଧରି ପୁଲିସ ଖୋଳତାଡ଼ କରୁଛି । ହତ୍ୟାକାଣ୍ଡ ଘଟଣାର ପୂରା କାହାଣୀ ସାମ୍ନାକୁ ଆସି ପାରୁ ନ ଥିବା ବେଳେ ପରିବାର ଲୋକଙ୍କ ଅଭିଯୋଗ ଘଟଣାକୁ ବଦଳେଇ ଦେଇଛି । ମୃତଦେହରେ ଥିବା କ୍ଷତ ଚିହ୍ନ, ବେକରେ ଥିବା କଟାଦାଗକୁ ଦେଖିଲେ ଏହାଏକ ହତ୍ୟାକାଣ୍ଡ ବୋଲି ସନ୍ଦେହ କରାଯାଉଛି । କିନ୍ତୁ ମୁହଁରେ ଥିବା କ୍ଷତ ଚିହ୍ନରୁ ଜଣାପଡୁଛି ଯେ, ହତ୍ୟାକାଣ୍ଡ ପୂର୍ବରୁ ବାଙ୍କାଙ୍କୁ ସିଗାରେଟ ଚେଙ୍କ ଦିଆଯାଇଛି । ସବୁଠାରୁ ବଡ଼ କଥା ହେଉଛି ଭୁବନେଶ୍ୱରରୁ ନିଖୋଜ ବାଙ୍କା ଗୋବିନ୍ଦପୁର ଥାନା ଅଧୀନ ତେଲିଯୋରି ନଦୀ ପଠାରେ କେମିତି ପହଞ୍ଚିଲେ ତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ପରିବାର । ପୂର୍ବଶତ୍ରୁତାକୁ କେନ୍ଦ୍ରକରି ନବଘନଙ୍କୁ ହତ୍ୟା କରାଯାଇଥିବା ପୁଲିସ ସନ୍ଦେହ କରୁଛି । ହତ୍ୟା ପଛରେ ପୁରୀ ବ୍ରହ୍ମଗିରି ଅଞ୍ଚଳର ଶଶାଙ୍କ ଶେଖର ବଳିଆରସିଂ ଓରଫ ବାବିନାର ସମ୍ପୃକ୍ତି ନେଇ ପୁଲିସ ଅଧିକ ସନ୍ଦେହ କରୁଛି । ପୂର୍ବରୁ ନବଘନ ଏବଂ ବାବିନା ମଧ୍ୟରେ ଝଗଡ଼ା ହୋଇଥିଲା । ଯେଉଁ କାରଣକୁ କେନ୍ଦ୍ରକରି ବାବିନା ତାଙ୍କୁ ଅପହରଣ କରି ହତ୍ୟା କରିଥାଇ ପାରେ ବୋଲି ପୁଲିସ ସନ୍ଦେହ କରୁଛି । ବ୍ରହ୍ମଗିରିସ୍ଥିତ ବାବିନାଙ୍କ ଘରେ ପୁଲିସ ଚଢ଼ଉ କରିଥିଲେ ମଧ୍ୟ ବାବିନାର ପତ୍ତା ମିଳିନାହିଁ । ପୁଲିସ ଏବେ ନବଘନ ସିସିଆର୍ ରିପୋର୍ଟ ଯାଞ୍ଚ କରୁଛି । ଏଥିରେ ୭ଟି ସନ୍ଦେହଜନକ ଫୋନ୍ କଲ୍ ମିଳିଛି । ଯେଉଁମାନେ ଅପହରଣ ଦିନ ତାଙ୍କୁ ଫୋନ୍ କରିଛନ୍ତି । ତେଣୁ ଏହି ୭ଟି ଫୋନ୍ ନମ୍ବର କାହାର ସେନେଇ ପୁଲିସ ଖୋଳତାଡ଼ କରୁଛି । ନବଘନଙ୍କ ପରିବାର ଲୋକଙ୍କ ଠାରୁ ଆରମ୍ଭ କରି ସମ୍ପର୍କୀୟଙ୍କୁ ପଚରାଉଚରା କରିଛି ପୁଲିସ । ଏପରିକି ବାବିନାଙ୍କ ପଡ଼ୋଶୀ ଏବଂ ନିଜ ଘର ଲୋକଙ୍କୁ ପଚରାଉଚରା କରାଯାଇଛି । ବରମୁଣ୍ଡାରୁ ଜୁଲାଇ ୧୭ ତାରିଖଲେ ବାଙ୍କା ନିଖୋଜ ହୋଇଥିବାବେଳେ ୨୦ ତାରିଖରେ ନିଆଳି ଅଞ୍ଚଳରୁ ତାଙ୍କର ମୃତଦେହ ମିଳିଥିଲା । ପରିଚୟ ନ ମିଳିବାରୁ ପୁଲିସ ବ୍ୟବଚ୍ଛେଦ ପରେ ମୃତଦେହକୁ ପୋତି ଦେଇଥିଲା ।

# ବରିଷ୍ଠ ସାମ୍ବାଦିକ ଡ. ପ୍ରଦୀପ ମହାପାତ୍ରଙ୍କ ବିୟୋଗରେ ନବୀନଙ୍କ ଶୋକ

**ଭୁବନେଶ୍ୱରନ୍ୟୁଜ୍‌ବ୍ୟୁରୋ**

ବରିଷ୍ଠ ସାମ୍ବାଦିକ ତଥା ଶିକ୍ଷାବିତ ଡ. ପ୍ରଦୀପ ମହାପାତ୍ରଙ୍କ ଦେହାନ୍ତରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି । ଏକ୍ସରେ ନବୀନ ଲେଖିଛନ୍ତି ବରିଷ୍ଠ ସାମ୍ବାଦିକ ତଥା ଶିକ୍ଷାବିତ ଡ. ପ୍ରଦୀପ ମହାପାତ୍ରଙ୍କ ଦେହାନ୍ତ ବିଷୟରେ ଜାଣି ମୁଁ ଦୁଃଖିତ । ଦୀର୍ଘ ଦିନ ଧରି ସାମ୍ବାଦିକତାର ବିଭିନ୍ନ କ୍ଷେତ୍ରରେ ସେ ଛାଡ଼ିଯାଇଥିବା ଛାପ ସର୍ବଦା ସ୍ମରଣୀୟ ହୋଇ ରହିବ । ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା ସହ ଶୋକସନ୍ତପ୍ତ ପରିବାର ସଦସ୍ୟଙ୍କ ପ୍ରତି ମୋର ସମବେଦନା ଜଣାଉଛି ।

# ଷ୍ଟାଣ୍ଡିଙ୍ଗ କମିଟି ପାଇଁ ଚୟନ ହେଲେ ସଭାପତି ଓ ସଭ୍ୟ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ସପ୍ତଦଶ ବିଧାନସଭାର ୧୦ ଗୋଟି ସ୍ଥାୟୀ କମିଟି (ଷ୍ଟାଣ୍ଡିଙ୍ଗ କମିଟି) ପାଇଁ ସଭାପତି ଓ ସଭ୍ୟ ଚୟନ କରାଯାଇଛି । ସ୍ଥାୟୀ କମିଟି ସଂଖ୍ୟା ୧ ରୁ ୧୦ ର ସଭାପତି ଭାବେ ଯଥାକ୍ରମେ ବିଧାୟକ ସିଦ୍ଧାନ୍ତ ମହାପାତ୍ର, ଅଶ୍ୱିନୀ କୁମାର ଷଡଙ୍ଗୀ, ବାବୁ ସିଂ, ପୂର୍ଣ୍ଣ ଚନ୍ଦ୍ର ସେଠୀ, ବିଭୂତି ଭୂଷଣ ପ୍ରଧାନ, ରାମ ଚନ୍ଦ୍ର କଡାମ, ସୁଧିର ରଞ୍ଜନ ପାଟଯୋଷୀ, ମନୋହର ରନ୍ଧାରି, ସନାତନ ବିଜୁଳି ଏବଂ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ନିର୍ବାଚିତ ହୋଇଛନ୍ତି । ସମସ୍ତ କମିଟିର ନବ ନିର୍ବାଚିତ ସଭ୍ୟ ଓ ସଭାପତି ମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି ସ୍ୱାସ୍ଥ୍ୟ ତଥା ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ ।

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. eT-CRW-MCS-EL-2-2024

କାର୍ଯ୍ୟର ନାମ : 24 ମାସ ସମୟାବଧି ପାଇଁ ରେଳଡବା ମରାମତି କାରଖାନା/ମଞ୍ଚେଶ୍ୱରରେ TL ସପ୍‌ରେ LHB ଏବଂ ICF NON-AC କୋଚରେ ସମ୍ବନ୍ଧୀୟ କାର୍ଯ୍ୟ ସହିତ POH/IOH ସମୟରେ NON-AC କୋଚର ବିବିଧ କାର୍ଯ୍ୟ ।

ବିଜ୍ଞାପିତ ମୂଲ୍ୟ (₹) : 48,01,830.08, EMD (₹): 96,000.00, ଶେଷ ହେବା ଅବଧି : 24 ମାସ ।

ବିଡ୍ ଆରମ୍ଭ ହେବା ତାରିଖ : ତା.05.08.2024ରିଖ,

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.19.08.2024 ରିଖ 1500 ଘଟିକାରେ ।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।
ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଟେଣ୍ଡର ନଥିପତ୍ର http://www.ireps.gov.in ରେ ଉପଲବ୍ଧ ଅଟେ ।

PR-379/P/24-25

ଉପ ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ,
ରେଳ ଡବା ମରାମତି କାରଖାନା/ମଞ୍ଚେଶ୍ୱର

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବଢ଼ିବ ଜମି ଦର...

ଆଇଜିଆର ସଦସ୍ୟ ରହିଛନ୍ତି । ସଂପ୍ରତି ଭୁବନେଶ୍ୱର ଦେଶର ସବୁଠାରୁ ଦାମୀ ସହର ତାଲିକାରେ ଆଗରେ ଥିବା ବେଳେ ଏବେ ପୁଣି ସରକାରଙ୍କ ପୁନଃମୂଲ୍ୟାୟନ ନିଷ୍ପତ୍ତି ଜମି ଦରକୁ ଆକାଶଛୁଆଁ କରିବ । ବେଞ୍ଚମାର୍କ ଭାଲ୍ୟୁଏସନ କରିବା ପୂର୍ବରୁ ସରକାର ଏଥିପାଇଁ ସ୍ୱଷ୍ଟ ନୀତି ଆଣିବାକୁ ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି ।

ଭୁବନେଶ୍ୱରରେ ଏବେ ଜମି ଦର ଉଚ୍ଚା ଥିବା ବେଳେ କାହା ସ୍ୱାର୍ଥରେ ପୁଣି ଦର ବଢାଇବାକୁ ସରକାର ଚିନ୍ତା କରୁଛନ୍ତି ବୋଲି ସାଧାରଣରେ ପ୍ରଶ୍ନ ଉଠିଛି । ଜମି ଦର ବଢିଲେ ସହରରେ ରହିବା ନିମ୍ନ ମଧ୍ୟବିତ୍ତ ପରିବାର ପାଇଁ ସ୍ୱପ୍ନ ହୋଇଯିବ ବୋଲି ଆଶଙ୍କା ପ୍ରକାଶ ପାଇଛି । ସରକାରଙ୍କ ଦ୍ୱାରା ଗଠିତ କମିଟିରେ ରାଜସ୍ୱ ବିଭାଗର ଅତିରିକ୍ତ ସଚିବ ଶଶଧର ବେହେରା ଅଧକ୍ଷ ଥିବା ବେଳେ ଅତିରିକ୍ତ ସଚିବ ଦିଗନ୍ତ ରାଉତରାୟ ସଦସ୍ୟ-ସଚିବ ଭାବେ କାମ କରିବେ । କମିଟିରେ ସଦସ୍ୟ ଭାବେ ଆଇଜିଆର ସୁବ୍ରତ ଶତପଥୀ, କଟକ ଡିଏସଆର ଗୋପବନ୍ଧୁ ପରିଡା, ଦକ୍ଷିଣାଞ୍ଚଳ ଡେପୁଟି ଆଇଜିଆର ଶ୍ରୀକାନ୍ତ କୁମାର ବେଉରା ଏବଂ ସମ୍ବଲପୁର ଡେପୁଟି ଆଇଜିଆର ଦେବରଞ୍ଜନ ମହାନ୍ତି ଅଛନ୍ତି । ଜମିର ଦର ପୁନଃ-ନିର୍ଦ୍ଧାରଣ କରାଯିବା ପୂର୍ବରୁ ସରକାର ସ୍ୱତନ୍ତ୍ର ନୀତି ଆଣିବା ଦରକାର ବୋଲି ବିଶେଷଜ୍ଞ କହିଛନ୍ତି ।

୨୦୧୦ରେ ଶେଷ ଥର ପାଇଁ ସରକାର ଜାଗାବାଡ଼ି ବା ସ୍ଥାବର ସମ୍ପତ୍ତିର ବେଞ୍ଚମାର୍କ ଭାଲ୍ୟୁଏସନ କରିଥିଲେ । ସେହି ଅନୁସାରେ ରାଜ୍ୟ ସାରା ଜମି କିଣାବିକା ହେଉଛି । ପୁଣି ଥରେ ପୁନଃ ମୂଲ୍ୟାୟନ ହେଲେ ଜମି ଦର ବଢିବା ନିଶ୍ଚିତ । ଏହାଦ୍ୱାରା ସରକାରଙ୍କୁ ଅଧିକ ରାଜସ୍ୱ ମିଳିବ, ହେଲେ ସାଧାରଣ ଲୋକ ହଇରାଣ ହେବେ । ଭୁବନେଶ୍ୱରର ପ୍ରମୁଖ ଜାଗାରେ ସରକାରୀ ମୂଲ୍ୟ ଏକର ପିଛା ୧୫ କୋଟି ଥିବା ବେଳେ ଅସଲରେ କିଣାବିକା ମୂଲ୍ୟ ପ୍ରାୟ ୫୦ କୋଟି ହେବ । ରାଜଧାନୀ ସମେତ ରାଜ୍ୟର ସବୁ ସହରରେ ସ୍ଥିତି ଏପରି ରହିଛି । ଏଭଳି ସ୍ଥିତିରେ ସରକାର ପୁଣି ଦର ବଢାଇବା ପାଇଁ ନିଷ୍ପତ୍ତି ନେଇଥିବା ବେଳେ ଦରବୃଦ୍ଧି ସମୟରେ ଏହା ବୋଝ ଉପରେ ନଳିତା ବିଡ଼ା ଭଳି ହେବବୋଲି ଚର୍ଚ୍ଚା ହେଉଛି ।

### ବଙ୍ଗୋପସାଗରରେ ପୁଣି...

ନଦୀମାନଙ୍କରେ ଜଳସ୍ତର ପାଇଛି ।

ସକ୍ରିୟ ମୌସୁମୀ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିଛି । ଆଗାମୀ ଦୁଇ ଦିନ ପର୍ଯ୍ୟନ୍ତ ରାଜ୍ୟର ଅଧିକାଂଶ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି । କିଛି ଅଞ୍ଚଳରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ନେଇ ପୂର୍ବାନୁମାନ କରାଯାଇଛି । ପ୍ରବଳ ବର୍ଷା ନେଇ କେନ୍ଦୁଝର, ସୁନ୍ଦରଗଡ଼, ଦେବଗଡ଼, ସମ୍ବଲପୁର, ଝାରସୁଗୁଡା ଓ ବରଗଡ଼ ଜିଲ୍ଲାକୁ ପାଣିପାଗ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି ।

### କେନ୍ଦ୍ରମନ୍ତ୍ରୀଙ୍କ ବଡ...

ଜନ୍ ଆରୋଗ୍ୟ ଯୋଜନା ଅଧୀନସ୍ଥ ହସ୍ପିଟାଲଗୁଡ଼ିକରେ ଦୁର୍ଘଟଣାର ସର୍ବାଧିକ ୭ ଦିନ ମଧ୍ୟରେ ଟ୍ରମା ଏବଂ ପଲିଟ୍ରମା ସମ୍ବନ୍ଧିତ ସ୍ୱାସ୍ଥ୍ୟ ସୁବିଧା ପ୍ୟାକେଜ ମିଳିପାରିବ । ଯେ କୌଣସି ରାସ୍ତାରେ ମୋଟର ଯାନ ବ୍ୟବହାର ଦ୍ୱାରା ସଡ଼କ ଦୁର୍ଘଟଣାର ଶିକାର ହେଉଥିବା ବ୍ୟକ୍ତିଙ୍କୁ ନଗଦବିହୀନ ଚିକିତ୍ସା ସେବା ଯୋଗାଇବା ନିମନ୍ତେ ଏହି ଯୋଜନା ପ୍ରସ୍ତୁତ ହୋଇଥିବା ଗଡ଼କରୀ କହିଛନ୍ତି । ମୋଟର ଯାନ ଅଧିନିୟମ ୧୯୮୮ର ଧାରା ୧୬୪-ବି ଅନୁଯାୟୀ ଗଠିତ ମୋଟରଯାନ ଦୁର୍ଘଟଣା ପାଣ୍ଠି ଅଧୀନରେ ଏହି ଯୋଜନା ପରିଚାଳିତ ହେବ ।

# ଏକାମ୍ର ନିର୍ବାଚନ ମଣ୍ଡଳୀରେ ୱାର୍ଡ଼ ବୁଲି ସମସ୍ୟା ବୁଝିଲେ ବିଧାୟକ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ବିଧାୟକ ବାବୁ ସିଂ ଶୁକ୍ରବାର ସକାଳୁ ୱାର୍ଡ଼ ନଂ ୬୪ର ପଞ୍ଚସଖା ନଗର ଅଞ୍ଚଳ ପରିଦର୍ଶନ କରି ସ୍ଥାନୀୟ ଜନସାଧାରଣଙ୍କ ସହ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରି ସ୍ଥିତି ଅନୁଧ୍ୟାନ କରିଥିଲେ । ଏହି ଅଞ୍ଚଳରେ ଉନ୍ନତ ରାସ୍ତା, ଡ୍ରେନ୍, ଆଲୋକ ସବୁର ସମସ୍ୟା ମାଳ ମାଳ । ସବୁ ସମସ୍ୟା ସମ୍ପର୍କରେ ସମୀକ୍ଷା କରିବା ପରେ ବିଧାୟକ ଶ୍ରୀ ସିଂ ଖୁବ୍ ଶୀଘ୍ର ସମାଧାନ ପାଇଁ କାର୍ଯ୍ୟ ଆରମ୍ଭ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି । ଏହା ପରେ ନିର୍ବାଚନ ମଣ୍ଡଳୀର ୱାର୍ଡ଼ ନଂ ୬୩ ଜାଗମରା ଅଞ୍ଚଳ ଓ ୱାର୍ଡ଼ ନଂ ୫୦ ର ବରମୁଣ୍ଡା ଅଞ୍ଚଳରେ ବୃକ୍ଷ ରୋପଣ କରିଥିଲେ । ଏହି ଅବସରରେ ବିଧାୟକ ବାବୁ ସିଂ କହିଛନ୍ତି ଯେ, ନିର୍ବାଚନରେ ଲୋକଙ୍କୁ ପ୍ରତିଶ୍ରୁତି ଦେଇଥିଲୁ ଆଉ ଏବେ ଲୋକଙ୍କ ପାଇଁ କାମ କରୁଛୁ । ଭୋଟର ଆମକୁ ଜନ ପ୍ରତିନିଧି ଭାବେ ନିର୍ବାଚିତ କଲା ପରେ ଲୋକଙ୍କ ସମସ୍ୟା ସମାଧାନ କରିବାକୁ ପ୍ରାଥମିକତା ଦେଇଛୁ । ଏକାମ୍ରବାସୀଙ୍କୁ ସମସ୍ତ ମୌଳିକ ସୁବିଧା ଯୋଗାଇଦେବା ମୋର ପ୍ରାଥମିକ କର୍ତ୍ତବ୍ୟ ବୋଲି କହିଛନ୍ତି ଏକାମ୍ର ବିଧାୟକ ବାବୁସିଂ ।

GOVERNMENT OF ODISHA

B-133

INVITATIONS FOR BIDS (IFB).

'e' PROCUREMENT NOTICE

Bid Identification No. S.E. JSPR(R&B)- 02/2024-25

1. Name of work :Electrical work for the year 2024-25
2. No.of Works. : Total:- 01 (One) no Work
3. Estimated cost : Above Rs.05.00 lakhs up to Rs.20.00 Lakhs (Approx)
4. Period of completion : As per Column No-8 of this NIT
5. Class of contractors : As per Column No-7 of this NIT

Other details as follows :-

6. Date & time of availability of bid documents in Portal:-07.08.2024 at 11.30A.M
7. Last date/ time for receipt of bids in Portal:-21.08.2024 up to 05.00 PM.
8. Opening of Bid documents :-22.08.2024. at 11.30A.M
9. Procurement Officer: Superintending Engineer, Jagatsinghpur (R&B Division,Jagatsinghpur.

With

E-Mail address:- eerbjspr@gmail.com

Further details can be seen from the Govt. website tendersorissa.gov.in

Superintending Engineer
Jagatsinghpur (R&B) Division

OIPR : 34093/11/0003/2425

ଭୁବନେଶ୍ୱର
୦୩ ଅଗଷ୍ଟ
ଶନିବାର, ୨୦୨୪

RNI Regd. No. : 52640/94
Postal Regd. No. : BN/60/22-24

## ମିଶନ ଶକ୍ତି ବିଭାଗ କାର୍ଯ୍ୟର ସମୀକ୍ଷା କଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା

# ସ୍ୱୟଂ ସହାୟକ ଗୋଷ୍ଠୀ ମା'ମାନଙ୍କ ଦ୍ୱାରା କୁଟୀର ଶିଳ୍ପକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର, ୦୨।୦୮:ନ୍ୟୁଜ୍‌ବ୍ୟୁରୋ**

ଭୁବନେଶ୍ୱରସ୍ଥିତ ମିଶନ ଶକ୍ତି ଭବନଠାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ବିଭାଗର ବିଭିନ୍ନ ଯୋଜନା ଏବଂ କାର୍ଯ୍ୟକଳାପର ବିସ୍ତୃତ ସମୀକ୍ଷା କରିଥିଲେ । ଏହି ବୈଠକରେ ବିକଶିତ ଓଡ଼ିଶାର ସ୍ୱପ୍ନକୁ ସାକାର କରିବାରେ ମିଶନ ଶକ୍ତି ବିଭାଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଶ୍ରୀମତୀ ପରିଡା ଗୁରୁତ୍ୱାରୋପ କରିଥିଲେ । ଏଥି ସହିତ ମିଶନ ଶକ୍ତି ଜରିଆରେ ଓଡ଼ିଶାର ମହିଳା ସଶକ୍ତିକରଣ ଏବଂ ମା'ମାନଙ୍କର ସାମାଜିକ ତଥା ଅର୍ଥନୈତିକ ବିକାଶ ସମ୍ବନ୍ଧରେ ଆଲୋକପାତ କରିଥିଲେ । ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ମିଶନ ଶକ୍ତି ବିଭାଗ ଅଧୀନରେ ଚାଲିଥିବା ଯୋଜନା ତଥା କାର୍ଯ୍ୟକଳାପର ସମୀକ୍ଷା କରି ମହିଳାଙ୍କ ଜୀବିକା ତଥା ଉଦ୍ୟୋଗ ବୃତ୍ତିରେ ସେମାନଙ୍କର ଭୂମିକା ଉପରେ ଗୁରୁତ୍ୱାରୋପ



କରିଥିଲେ । ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ଦ୍ୱାରା ଓଡ଼ିଶାର ନିଛକ ଖାଦ୍ୟ ପିଠାପଣା ତଥା କୁଟୀର ଶିଳ୍ପକୁ ତ୍ୱରାନ୍ୱିତ କରିବାକୁ ସେ ପ୍ରାଧାନ୍ୟ ଦେଇଥିଲେ । ଏହା ସହ ବ୍ୟାଙ୍କ ସଂଯୋଗ ଦ୍ୱାରା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ପ୍ରଦତ୍ତ ଋଣର ସଠିକ ବିନିଯୋଗକୁ ତଦାରଖ କରିବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଆର୍ଥିକ ଅନ୍ତର୍ଭୁକ୍ତୀକରଣ, ଦକ୍ଷତା ବିକାଶ ଏବଂ ବଜାରସଂଯୋଗ ପଦକ୍ଷେପ ଆଦିର ମୂଲ୍ୟାଙ୍କନ କରି ଏହାର କାର୍ଯ୍ୟକାରିତାକୁ ତୃଣମୂଳ ସ୍ତରରେ ଅଧିକ ପ୍ରଭାବଶାଳୀ କରିବା ପାଇଁ ସେ ଦୃଢ଼ ମତ ରଖିଥିଲେ ।

ଏହି ଆଲୋଚନାରେ ଶ୍ରୀମତୀ ପରିଡା ମିଶନ ଶକ୍ତିର ସମସ୍ତ କାର୍ଯ୍ୟକ୍ରମକୁ ସମଗ୍ର ରାଜ୍ୟରେ କାର୍ଯ୍ୟକାରୀ କରାଇ ଏକ ସମୃଦ୍ଧ ତଥା ବିକଶିତ ଓଡ଼ିଶା ଗଠନ ନିମନ୍ତେ ଆହ୍ୱାନ ଦେଇଥିଲେ । ଏହି ବୈଠକରେ ମିଶନ ଶକ୍ତି ବିଭାଗର କମିଶନର ତଥା ସଚିବ ଶାଳିନୀ ପଣ୍ଡିତ, ଓଡ଼ିଶା ଜୀବିକା ମିଶନର ରାଜ୍ୟ ମିଶନ ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭିନୀତ ଭରଦ୍ୱାଜ ଓ ବିଭାଗୀୟ ବରିଷ୍ଠ ଅଧିକାରୀ ତଥା ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ ।



ନୂଆଦିଲ୍ଲୀ : ଶୁକ୍ରବାର ଦିନ ପାର୍ଲାମେଣ୍ଟ ଲବିରେ ଏକ ମାଙ୍କଡ଼ ପ୍ରବେଶ କରି ବୁଲୁଛି।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ପର୍ବତାରୋହୀ ବିଭାରାଣୀ

**ଭୁବନେଶ୍ୱର,୦୨।୦୮ ନ୍ୟୁଜ୍‌ବ୍ୟୁରୋ**

ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ପର୍ବତାରୋହୀ ବିଭାରାଣୀ ପାତ୍ର ଶୁକ୍ରବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ତାଙ୍କର ଆଗାମୀ ପର୍ବତାରୋହଣ ଅଭିଯାନ ପାଇଁ ଆଶୀର୍ବାଦ ଗ୍ରହଣ କରିଛନ୍ତି । ଆଗାମୀ ଅଗଷ୍ଟ ୬ ତାରିଖରେ ସେ ରୁଷିଆ ଓ ୟୁରୋପର ଉଚ୍ଚତମ ଶୃଙ୍ଗ ମାଉଣ୍ଟ ଏଲ୍‌ବ୍ରସ ଆରୋହଣ ପାଇଁ ଅଭିଯାନ ଆରମ୍ଭ କରୁଛନ୍ତି । ଏହି ସାକ୍ଷାତକାର ସମୟରେ ସଂସଦୀୟ ବ୍ୟାପାର ତଥା ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଉପସ୍ଥିତ ଥିଲେ ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିଭାଙ୍କୁ ଫୁଲତୋଡା ଦେଇ ଶୁଭେଚ୍ଛା ଜଣାଇବା ସହିତ ସଫଳ ଆରୋହଣ ପାଇଁ ଆଶୀର୍ବାଦ କରିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ତୁମର ସାହସିକ କାର୍ଯ୍ୟ ଆମ ଯୁବ ସମାଜ ପାଇଁ ଏକ ବଡ ପ୍ରେରଣା ସଫଳତାର ସହ ୟୁରୋପ ଓ ରୁଷିଆର ଉଚ୍ଚତମ ଶୃଙ୍ଗ



ଆରୋହଣ କରି ତୁମେ ନିଜ ପାଇଁ ଓ ସାରା ରାଜ୍ୟ ପାଇଁ ନିଶ୍ଚୟ ସୁନାମ ଆଣିବ ବୋଲି ମୁଖ୍ୟମନ୍ତ୍ରୀ ଶୁଭକାମନା ଜଣାଇଥିଲେ ।

ସୂଚନାଯୋଗ୍ୟ ଯେ ବିଭାରାଣୀ ତାଳଚେର ନିକଟସ୍ଥ ମେରାମୁଣ୍ଡଳୀର ଜଣେ ପର୍ବତାରୋହୀ ସେ ୨୦୧୯ରେ ଲେହ୍ ଲାଦାଖ୍‌ର ମାଉଣ୍ଟ ଷ୍ଟକ କର୍ଙ୍ଗ୍ରି ଓ ୨୦୨୩ରେ ଆଫ୍ରିକାର ମାଉଣ୍ଟ କିଲମାନ୍‌ଜାରୋ ଆରୋହଣ କରିଛନ୍ତି ।ଏହା ସହିତ ୨୦୧୯ରେ ସେ ଆବୁଧାବୀ ଅନ୍ତର୍ଜାତୀୟ ୟୁଥ ଲିଡର ଭାବେ ମଧ୍ୟ ସମ୍ମାନିତ ହୋଇଛନ୍ତି ।

# ଜୀବନକୁ ଜୀଇଁବା ପାଇଁ ସମଭାବାପନ୍ନ ବନ୍ଧୁ ମିଳନର ପ୍ରାସଙ୍ଗିକତା

**ଭୁବନେଶ୍ୱର,୦୨।୦୮ ନ୍ୟୁଜ୍‌ବ୍ୟୁରୋ**

ଓମ୍ ପ୍ରାଣାୟାମ କେନ୍ଦ୍ରର ବରିଷ୍ଠ ସଦସ୍ୟ ତଥା ବିଶିଷ୍ଟ ଶିଳ୍ପୋଦ୍ୟୋଗୀ ପ୍ରମୋଦ ରଥଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ସଦିଚ୍ଛାମୂଳକ ବନ୍ଧୁମିଳନ ଭିଙ୍ଗାରପୁର ନିକଟସ୍ଥ ରାମଚନ୍ଦ୍ରପୁର ଗ୍ରାମର ଚମ୍ପକଲତା ନିବାସରେ ଆୟୋଜିତ ହୋଇଥିଲା। ଏକ ସୁସ୍ଥ ସମାଜ ଗଠନ କ୍ଷେତ୍ରରେ ସମଭାବାପନ୍ନ ବ୍ୟକ୍ତିବିଶେଷ ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ପରିବେଶ ଭିତରେ 'ଜୀବନକୁ ଜୀଇଁବା'ର ପ୍ରକ୍ରିୟାରେ କିଭଳି ବୟସ୍କ ବ୍ୟକ୍ତିମାନେ ଏକ ଶୃଙ୍ଖଳିତ ଜୀବନଯାପନ କରିପାରିବେ ତାହାର ମନ୍ତ୍ର ଶିଖାଇଥିଲେ ପ୍ରମୋଦ ରଥ। ସରକାରୀ ଚାକିରିରୁ ଅବସର



ନେଲେ ଯେ ଜୀବନରୁ ଅବସର ନେବାକୁ ପଡ଼େ ଏଭଳି ନକାରାତ୍ମକ ଚିନ୍ତାଧାରାକୁ ଦୂରେଇ ଦେଇ ପ୍ରୀତିପୂର୍ଣ୍ଣ ବନ୍ଧୁମାନଙ୍କ ଗହଣରେ ସକାରାତ୍ମକ ଉପାୟରେ ସମୟ ବିତାଇଲେ ଜୀବନଯାପନର ପ୍ରକ୍ରିୟା ଅଧିକ ସରଳୀକୃତ ହୋଇପାରେ ବୋଲି ଉପସ୍ଥିତ ସଦସ୍ୟମାନେ ମତ ଦେଇଥିଲେ। ଏହି କାରଣରୁ ହିଁ ବରିଷ୍ଠ ସଦସ୍ୟ ପ୍ରମୋଦ ରଥ ଏଭଳି ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ଆୟୋଜନ କରିଥିଲେ। ଏହି ସଦିଚ୍ଛାପୂର୍ଣ୍ଣ ବନ୍ଧୁବତ୍ସଳ ମାନସ-ମନ୍ଥନରେ ଯେଉଁମାନେ ଯୋଗ ଦେଇଥିଲେ ସେମାନେ ହେଲେ ପୂର୍ବତନ ମୁଖ୍ୟ ଶାସନ ସଚିବ ଗୋକୁଳ ଚନ୍ଦ୍ର ପତି, ପୂର୍ବତନ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅରବିନ୍ଦ ବେହେରା, ପୂର୍ବତନ ବରିଷ୍ଠ ପ୍ରଶାସକ ଗୋବିନ୍ଦ ଦାସ ଯୋଗ ଦେଇଥିବା ବେଳେ ଓମ୍ ପ୍ରାଣାୟାମ କେନ୍ଦ୍ରର ମୁଖ୍ୟ ତଥା ପ୍ରଖ୍ୟାତ ଯୋଗଗୁରୁ ଶ୍ୟାମସୁନ୍ଦର ଅଗ୍ରୱାଲାଙ୍କ ନେତୃତ୍ୱରେ ଯେଉଁମାନେ ଉପସ୍ଥିତ ଥିଲେ ସେମାନେ ହେଲେ ସ୍ୱଦେଶ କୁମାର ରାଲହାନ, ଚିତ୍ତରଞ୍ଜନ ମହାରଣା, ରାମଚନ୍ଦ୍ର ସାମନ୍ତରାୟ, ଅମ୍ବିକା ପ୍ରସାଦ ଦାସ, ସୁରେଖା ଜୀ, ଲକ୍ଷ୍ମୀ ମହାପାତ୍ର, ଜୟାଶୀଷ ରାୟ, ଅଲେଖ କୁମାର ନାୟକ, ମିରାଜ ଅହମ୍ମଦ, ଗୋପବନ୍ଧୁ ନାୟକ, ନିହାର ଦାସ, ଡ. ବିଷ୍ଣୁଚରଣ ଦାଶ, କିଶୋରଭାଇ ଖେମ୍‌ଜୀ, ପୁଷ୍କରାଜ ପ୍ରଧାନ, ବାଦଲ ପରିଜା, ସୌରେନ୍ଦ୍ର ଦାସ, ପ୍ରଫୁଲ୍ଲ କୁମାର ରଥ, ଦୀପ୍ତିରଞ୍ଜନ ମିଶ୍ର, ମହେନ୍ଦ୍ର କୁମାର ମହାନ୍ତି, ହେମନ୍ତ କୁମାର ସାହୁ ପ୍ରମୁଖ।

## ଲୋକଙ୍କ ପାଇଁ କାମ ଜାରି ରଖିବାକୁ

# ମୟୂରଭଞ୍ଜର ଦଳୀୟ ନେତୃବୃନ୍ଦଙ୍କୁ ବିଜେଡି ସୁପ୍ରିମୋଙ୍କ ପରାମର୍ଶ

**ଭୁବନେଶ୍ୱର,୦୨।୦୮ : ନ୍ୟୁଜ୍‌ବ୍ୟୁରୋ**

ମୟୂରଭଞ୍ଜ ବିଜୁ ଜନତା ଦଳର ନେତୃବୃନ୍ଦ ଶୁକ୍ରବାର ସନ୍ଧ୍ୟାରେ ନବୀନ ନିବାସଠାରେ ବିଜୁ ଜନତା ଦଳର ସଭାପତି ତଥା ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରି ଜିଲ୍ଲାର ସାମ୍ପ୍ରତିକ ରାଜନୈତିକ ପରିସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ ।

ମୟୂରଭଞ୍ଜ ଜିଲ୍ଲାର ସାମଗ୍ରୀକ ବିକାଶ ତଥା ଜନସାଧାରଣ ବିଶେଷ କରି ଜନଜାତି ସମ୍ପ୍ରଦାୟର ଶିକ୍ଷା, ସ୍ୱାସ୍ଥ୍ୟ ଆଦି ବିକାଶ କ୍ଷେତ୍ରରେ ବିଜୁ ଜନତା ଦଳ ସରକାର ସମୟରେ ନିଆଯାଇଥିବା ପଦକ୍ଷେପ ପାଇଁ ଶ୍ରୀ ପଟ୍ଟନାୟକଙ୍କ ନିକଟରେ ସେମାନେ କୃତଜ୍ଞତା ପ୍ରକାଶ କରିଥିଲେ । ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ପଣ୍ଡିତ ରଘୁନାଥ ମୁର୍ମୁ ମେଡ଼ିକାଲ କଲେଜ ଓ ଡାକ୍ତରଖାନା ଜିଲ୍ଲାର ବିକାଶରେ ମାଇଲଖୁଣ୍ଟ ହୋଇ ରହିବ ବୋଲି ସେମାନେ ମତ ଦେଇଥିଲେ ।



ସେହିପରି ସାନ୍ତାଳି ଭାଷାକୁ ସାମ୍ବିଧାନିକ ଭାଷାର ମର୍ଯ୍ୟାଦା ଦେବା ତଥା ସାନ୍ତାଳି ଭାଷାର ସୁରକ୍ଷା ଓ ପ୍ରସାର ଦିଗରେ ପୂର୍ବ ସରକାରର ଐତିହାସିକ ପଦକ୍ଷେପକୁ ଜିଲ୍ଲାବାସୀ ସବୁ ଦିନ ମନେରଖିବେ ବୋଲି ସେମାନେ କହିଥିଲେ ।

ମୟୂରଭଞ୍ଜର ବିକାଶ କ୍ଷେତ୍ରରେ ବିଜୁ ଜନତା ଦଳ ସରକାରର ବିଭିନ୍ନ କାର୍ଯ୍ୟକ୍ରମକୁ ସଫଳ କରିବା ଦିଗରେ ଜିଲ୍ଲାବାସୀ ସହଯୋଗ କରିଆସିଥିବାରୁ ଶ୍ରୀ ପଟ୍ଟନାୟକ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ । ଲୋକଙ୍କ ସହିତ ସମ୍ପର୍କକୁ ଆହୁରି ମଜଭୁତ କରି ବିଜୁ ଜନତା ଦଳର ଲୋକାଭିମୁଖୀ କାର୍ଯ୍ୟକ୍ରମକୁ ଜିଲ୍ଲାରେ ଆହୁରି ବ୍ୟାପକ କରିବା ସଙ୍ଗେ ସଙ୍ଗେ ଦଳର ସଂଗଠନକୁ ଆହୁରି ସୁଦୃଢ଼ କରିବା ପାଇଁ ଶ୍ରୀ ପଟ୍ଟନାୟକ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ ।

ଏହି ପ୍ରତିନିଧି ଦଳରେ ପୂର୍ବତନ ଉପ-ବାଚସ୍ପତି ସାନନ୍ଦ ମାର୍ଣ୍ଡି, ପୂର୍ବତନ ମନ୍ତ୍ରୀ ବାସନ୍ତୀ ମୁର୍ମୁ, ପୂର୍ବତନ ବିଧାୟକ ରାଜକିଶୋର ଦାସ ଓ ଗଣେଶ୍ୱର ପାତ୍ର, ଜିଲ୍ଲାପରିଷଦ ସଭାପତି ଭାରତୀ ହାଂସଦା, ବିଧାୟକ ପ୍ରାର୍ଥୀଗଣ ସର୍ବଶ୍ରୀ ସୋମନାଥ ସୋରେନ୍, ଦେବାଶିଷ ମାର୍ଣ୍ଡି, ରାଇସେନ ମୁର୍ମୁ, ପ୍ରୀତିନନ୍ଦା କାନୁନ୍‌ଗୋ, ଅନସୂୟା ପାତ୍ର, ବାରିପଦା ମ୍ୟୁନିସିପାଲିଟିର ଅଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି, ଦେବାଶିଷ ମହାନ୍ତି ଓ ଜିଲ୍ଲାର ଅନ୍ୟ ପ୍ରମୁଖ ବ୍ୟକ୍ତିମାନେ ଉପସ୍ଥିତ ଥିଲେ ।

# ୱାୟନାଡ ଭୂସ୍ଖଳନ: ବଢ଼ି ଚାଲିଛି ମୃତ୍ୟୁ ସଂଖ୍ୟା, ନଦୀରୁ ମିଳିଲାଣି କୁଢ଼ କୁଢ଼ ଶବ

**ନୂଆଦିଲ୍ଲୀ,୦୨।୦୮**

କେରଳ ୱାୟନାଡ ଭୂସ୍ଖଳନ ଘଟଣାରେ ଲଗାତର ବଢ଼ି ଚାଲିଛି ମୃତ୍ୟୁ ସଂଖ୍ୟା। ମୃତକଙ୍କ ସଂଖ୍ୟା ବର୍ତ୍ତମାନ ସୁଦ୍ଧା ୩୦୦ରୁ ଅଧିକ ହୋଇଥିବା ବେଳେ କେବଳ ଚେଲିୟାର ନଦୀରୁ ଏପର୍ଯ୍ୟନ୍ତ ୧୦୦ରୁ ଅଧିକ ଶବ ମିଳିଲାଣି। ଏବେବି ୨୨୫ରୁ ଅଧିକ ଲୋକେ ନିଖୋଜ ଅଛନ୍ତି। ସର୍ଚ୍ଚ ଅପରେସନ ଜୋରାଦାର ଚାଲିଛି।

ସେପଟେ କେରଳରେ ବର୍ଷା ଥମିବାର ନାଁ ନେଉ ନାହିଁ। ପ୍ରବଳ ବର୍ଷା ଭିତରେ ହିଁ ଚାଲିଛି ମାଟି ତଳୁ ଜୀବନ ଖୋଜା। ଗୁରୁବାର ରାତିରେ ୨୦ ଘଣ୍ଟା ଧରି ଚାଲିଥିବା ଉଦ୍ଧାର



ଦିନକରେ ସେତୁ ନିର୍ମାଣ କଲେ ସେନାବାହିନୀ

ଅପରେସନ୍ ଅସ୍ଥାୟୀ ଭାବେ ବନ୍ଦ ରହିବା ପରେ ଶୁକ୍ରବାର ସକାଳୁ ପୁଣି ଏହା ଆରମ୍ଭ ହୋଇଛି। ଏଯାବତ୍ ଉଦ୍ଧାର ହୋଇଥିବା ୩୦୦ରୁ ଊର୍ଦ୍ଧ୍ୱ ମୃତଦେହ ମଧ୍ୟରୁ ୧୦୩ ଜଣଙ୍କ ପରିଚୟ ଜଣାପଡ଼ିଛି। ୧୬୭ ମର ଶରୀରର ବ୍ୟବଚ୍ଛେଦ ଶେଷ ହୋଇଛି। ୫୨ଟି ମର ଶରୀରକୁ ସେମାନଙ୍କ ପରିବାର ସଦସ୍ୟଙ୍କୁ ହସ୍ତାନ୍ତର କରାଯାଇଛି। ଅନେକ ଲୋକ ମାଟି ତଳେ ପୋତି ହୋଇଯାଇଥିବା ସନ୍ଦେହ କରାଯାଉଥିବାରୁ ସେନା, ଅଗ୍ନିଶମ ବାହିନୀ ଏବଂ ଏନ୍‌ଡିଆର୍‌ଏଫ୍ ଉଦ୍ଧାରରେ ଅହରହ ନିୟୋଜିତ ରହିଛନ୍ତି। ମୃତାହତମାନଙ୍କୁ ଉଦ୍ଧାର କରିବା ପାଇଁ ସେନାବାହିନୀ ଦିନକ ଭିତରେ ନଦୀ ଉପରେ ଅସ୍ଥାୟୀ ଭାବେ ସେତୁ ନିର୍ମାଣ କରିବାରେ ସଫଳ ହୋଇଛନ୍ତି। ଏହି ସେତୁରେ ସେନାବାହିନୀ ଓ ଉଦ୍ଧାରକାରୀ ଦଳ ନଦୀର ଅପରପାର୍ଶ୍ୱରେ ଥିବା ଆହତ ଲୋକମାନଙ୍କୁ ଉଦ୍ଧାର କରିବା କାର୍ଯ୍ୟ ସୁଗମ ହୋଇପାରିଛି। ଏହା ଫଳରେ ଅନେକ ଗୁରୁତର ଲୋକଙ୍କ ଜୀବନ ରକ୍ଷା କରିବାରେ ଉଦ୍ଧାରକାରୀ ଦଳ ସଫଳ ହୋଇପାରିଛନ୍ତି।

## ଭିଜିଲାନ୍ସ ଜାଲରେ ଅଧୀକ୍ଷଣ ଯନ୍ତ୍ରୀ

**ଭୁବନେଶ୍ୱର,୦୨।୦୮: ନ୍ୟୁଜ୍‌ବ୍ୟୁରୋ**

ଭିଜିଲାନ୍ସ ଜାଲରେ ଅଧୀକ୍ଷଣ ଯନ୍ତ୍ରୀ। ଆୟ ବହିର୍ଭୁତ ସଂପତି ଠୁଳ କରିବା ଅଭିଯୋଗରେ ବାଲେଶ୍ୱର ଜଳସେଚନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ପ୍ରଭାସ ଚନ୍ଦ୍ର ପ୍ରଧାନଙ୍କ ଘରେ ଚଢ଼ଉ କରିଛି ଭିଜିଲାନ୍ସ। ଏହି ଚଢ଼ଉରେ ୨ଜଣ ଅତିରିକ୍ତ ଏସ୍‌ପି, ୪ଜଣ ଡିଏସ୍‌ପି, ୬ଜଣ ଇନ୍‌ସପେକ୍ଟର, ୭ଜଣ ଏଏସ୍‌ଆଇ ଓ ଅନ୍ୟ ସହଯୋଗୀ ସାମିଲ ହୋଇଛନ୍ତି।



ସମ୍ପାଦକୀୟ
ପୃଷ୍ଠା–୪
ଉତ୍କଳ ଦୀପିକା
THE UTKAL DEEPIKA
ସାପ୍ତାହିକ ସମ୍ବାଦ ପତ୍ରିକା
Vol-5 Issue-5 31st-6th August 2024 Bhubaneswar
ଫୁଲୁଛି ମହାନଦୀ
ମୁଣ୍ଡଳୀରେ ପ୍ରବାହିତ ହେଲା ଚଳିତ ବର୍ଷର ପ୍ରଥମ ବନ୍ୟାଜଳ
ଆତଙ୍କିତ ଅବସ୍ଥାରେ ତଳିଆ ଅଞ୍ଚଳବାସୀ
ଏସ୍‌ସିବିକୁ ଆସୁନି ରୋଗୀଙ୍କ ଖାଇବା ଖର୍ଚ୍ଚ
■ ମେ ମାସରୁ ସମସ୍ୟା
■ ୨ କୋଟି ଟପିଗଲାଣି ବକେୟା

# ପ୍ରକଳ୍ପଗୁଡ଼ିକର ଅଗ୍ରଗତି ସଂପର୍କରେ ଅନୁଧ୍ୟାନ କରିବାକୁ ମୁଖ୍ୟ ଶାସନ ସଚିବଙ୍କ ପରାମର୍ଶ

**ଭୁବନେଶ୍ୱର,୦୨।୦୮: ନ୍ୟୁଜ୍‌ବ୍ୟୁରୋ**

ଭିତ୍ତିଭୂମି ଉନ୍ନତିକରଣ ସଂକ୍ରାନ୍ତୀୟ ରାଜ୍ୟସ୍ତରୀୟ କ୍ଷମତାପ୍ରାପ୍ତ କମିଟିର ୬୨ତମ ବୈଠକ ଶୁକ୍ରବାର ପୂର୍ବାହ୍ନରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ସମେତ କମିଟିର ସଦସ୍ୟ ରହିଥିବା ବିଭିନ୍ନ ବିଭାଗର ସଚିବମାନେ ଉପସ୍ଥିତ ଥିଲେ।

ଅର୍ଥ ବିଭାଗ ତରଫରୁ ଆହୂତ



ଏହି ବୈଠକରେ ଗତ ୨୦୨୩ ସେପ୍ଟେମ୍ବର ୨୫ତାରିଖ, ଡିସେମ୍ବର୧୯ତାରିଖ ଏବଂ ୨୦୨୪ ମାର୍ଚ୍ଚ୪ ତାରିଖରେ ଅନୁଷ୍ଠିତ କମିଟିର ଯଥାକ୍ରମେ ୫୯ତମ, ୬୦ତମ ଏବଂ ୬୧ତମ ବୈଠକରେ ହୋଇଥିବା ନିଷ୍ପତ୍ତିର କାର୍ଯ୍ୟାନୁଷ୍ଠାନ ସଂପର୍କରେ ବିବରଣୀ ଉପସ୍ଥାପନ କରାଯାଇଥିଲା। ବୈଠକରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ, ବାଣିଜ୍ୟ ଓ ପରିବହନ,ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, କୃଷି ବିଭାଗ, ଶକ୍ତି, ଜଙ୍ଗଲ ଓ ପରିବେଶ ବିଭାଗ, ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ଆଦି ସଂପର୍କିତ ବିଭିନ୍ନ ଭିତ୍ତିଭୂମି ଉନ୍ନୟନ ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ଅଗ୍ରଗତି ସଂପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ମୁଖ୍ୟ ଶାସନ ସଚିବ ବିଭିନ୍ନ ଭିତ୍ତିଭୂମି ପ୍ରକଳ୍ପ ପ୍ରସ୍ତାବ, କାର୍ଯ୍ୟାନ୍ୱୟନ ସ୍ଥିତିରେ ଥିବା ପ୍ରକଳ୍ପଗୁଡ଼ିକର ଅଗ୍ରଗତି ସଂପର୍କରେ ଅନୁଧ୍ୟାନ କରିବା ସହ ପରବର୍ତ୍ତୀ ପଦକ୍ଷେପ ପାଇଁ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି ।

# ଜୁଲାଇରେ ରାଜ୍ୟ ଜିଏସ୍‌ଟି ବାବଦକୁ ଓଡ଼ିଶାର ୨୪.୯୮% ଅଭିବୃଦ୍ଧି ହାସଲ

**ଭୁବନେଶ୍ୱର,୦୨।୦୮: ନ୍ୟୁଜ୍‌ବ୍ୟୁରୋ**

୨୦୨୪ ମସିହା ଜୁଲାଇ ମାସରେ ଓଡ଼ିଶାର ରାଜ୍ୟ ଜିଏସ୍‌ଟି (ରାଜ୍ୟ ଜିଏସ୍‌ଟି + ସମନ୍ୱିତ ଜିଏସ୍‌ଟି ଫଇସଲା) ବାବଦକୁ ସଂଗ୍ରହ ପରିମାଣ ୨୦୩୫.୧୮ କୋଟି ଟଙ୍କା ହୋଇଥିବାବେଳେ ୨୦୨୩ ମସିହା ଜୁଲାଇ ମାସରେ ଏହି ପରିମାଣ ଥିଲା ୧୬୨୮.୪୩ କୋଟି ଟଙ୍କା । ଏ କ୍ଷେତ୍ରରେ ଓଡ଼ିଶାର ଅଭିବୃଦ୍ଧି ହାର ରହିଛି ୨୪.୯୮ ପ୍ରତିଶତ । ପୁନଃ ଚଳିତ ବର୍ଷ ଜୁଲାଇ ମାସ ପର୍ଯ୍ୟନ୍ତ ଓଡ଼ିଶାର ରାଜ୍ୟ ଜିଏସ୍‌ଟି ସଂଗ୍ରହ ପରିମାଣ ୮୮୬୬.୯୫ କୋଟି ଟଙ୍କାରେ ପହଞ୍ଚିଛି, ଯାହା ଗତବର୍ଷ ୨୦୨୩ ଜୁଲାଇ ମାସ ପର୍ଯ୍ୟନ୍ତ ଥିଲା ୭୦୫୫.୫୩ କୋଟି । ଏ କ୍ଷେତ୍ରରେ ଓଡ଼ିଶାର ଅଭିବୃଦ୍ଧି ହାର ରହିଛି ୨୫.୬୭ ପ୍ରତିଶତ । ସେହିପରି ଚଳିତ ବର୍ଷ ଜୁଲାଇ ମାସରେ ଓଡ଼ିଶାର ମୋଟ ଜିଏସ୍‌ଟି (କେନ୍ଦ୍ରୀୟ ଜିଏସ୍‌ଟି, ରାଜ୍ୟ ଜିଏସ୍‌ଟି, ସମନ୍ୱିତ ଜିଏସ୍‌ଟି ଓ ସେସ୍) ସଂଗ୍ରହ ପରିମାଣ ୪୯୨୫.୦୨ କୋଟି ଟଙ୍କାରେ ପହଞ୍ଚିଛି । ୨୦୨୩ ମସିହା ଜୁଲାଇ ମାସରେ ଏହି ପରିମାଣ ଥିଲା ୪୨୪୫.୪୦ କୋଟି ଟଙ୍କା । ଏ କ୍ଷେତ୍ରରେ ଓଡ଼ିଶାର ଅଭିବୃଦ୍ଧି ହାର ରହିଛି ୧୬.୦୧ ପ୍ରତିଶତ । ପୁନଃ ଚଳିତ ବର୍ଷ ଜୁଲାଇ ମାସ ପର୍ଯ୍ୟନ୍ତ ଓଡ଼ିଶାର ମୋଟ୍ ଜିଏସ୍‌ଟି ସଂଗ୍ରହ ପରିମାଣ ୨୦୮୪୧.୩୩ କୋଟି ଟଙ୍କାରେ ପହଞ୍ଚିଛି, ଯାହା ଗତବର୍ଷ ୨୦୨୩ ଜୁଲାଇ ମାସ ପର୍ଯ୍ୟନ୍ତ ଥିଲା ୧୮୦୫୮.୮୪ କୋଟି । ଏ କ୍ଷେତ୍ରରେ ଅଭିବୃଦ୍ଧି ହାର ରହିଛି ୧୫.୪୧ ପ୍ରତିଶତ । ରାଜ୍ୟ ବାଣିଜ୍ୟକର ଏବଂ ଜିଏସ୍‌ଟି କମିଶନରେଟ୍ ଦ୍ୱାରା ପରିଚାଳିତ ହେଉଥିବା ସମସ୍ତ ଟିକସ ବ୍ୟବସ୍ଥା ଯଥା: ରାଜ୍ୟ ଜିଏସ୍‌ଟି/ସମନ୍ୱିତ ଜିଏସ୍‌ଟି ଫଇସଲା, ଭାଟ୍, ବୃତ୍ତିକର ଆଦି କ୍ଷେତ୍ରରେ ଚଳିତ ବର୍ଷ ଜୁଲାଇ ମାସରେ ୩୨୦୯.୬୬ କୋଟି ଟଙ୍କା ସଂଗୃହୀତ ହୋଇଥିବାବେଳେ ୨୦୨୩ ମସିହା ଜୁଲାଇ ମାସରେ ଏହି ସଂଗ୍ରହ ପରିମାଣ ଥିଲା ୨୭୧୬.୫୨ କୋଟି ଟଙ୍କା । ଫଳରେ ଏ କ୍ଷେତ୍ରରେ ଅଭିବୃଦ୍ଧି ହାର ରହିଛି ୧୮.୧୫ ପ୍ରତିଶତ । ଚଳିତ ବର୍ଷ ଜୁଲାଇ ମାସ ପର୍ଯ୍ୟନ୍ତ ଏ କ୍ଷେତ୍ରରେ ଅଭିବୃଦ୍ଧି ହାର ରହିଛି ୧୯.୬୦ ପ୍ରତିଶତ ।

୨୦୨୪ ମସିହା ଜୁଲାଇ ମାସରେ ୨୧.୦୨ ଲକ୍ଷ ସଂଖ୍ୟକ ଇ-ୱେବିଲ୍ ନିର୍ଗମନ କରାଯାଇଥିବାବେଳେ ୨୦୨୩ ମସିହା ଜୁଲାଇ ମାସରେ ଏହି ସଂଖ୍ୟା ଥିଲା ୨୦.୧୩ ଲକ୍ଷ । ଏ କ୍ଷେତ୍ରରେ ୪.୪୪ ପ୍ରତିଶତ ଅଭିବୃଦ୍ଧି ହେବା ସହ କାରବାରରେ ଦେଖା ଦେଇଥିବା ଗତିଶୀଳତାକୁ ଏହା ସୂଚିତ କରୁଛି । ନିର୍ଗମନ କରାଯାଇଥିବା ୨୧.୦୨ ଲକ୍ଷ ଇ-ୱେବିଲ୍ ମଧ୍ୟରୁ ୧୨.୧୦ ଲକ୍ଷ ଅନ୍ତଃରାଜ୍ୟ କାରବାର ପାଇଁ ବ୍ୟବହାର କରାଯାଇଥିବାବେଳେ ୮.୯୨ ଲକ୍ଷ ଇ-ୱେବିଲ୍ ଆନ୍ତଃରାଜ୍ୟ କାରବାର ପାଇଁ ବ୍ୟବହାର କରାଯାଇଛି ।

ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

ପ୍ରକାଶ ଅପେକ୍ଷାରେ...
'କଥାକଳିକା': ଅଗଷ୍ଟ ସଂଖ୍ୟା-୨୦୨୪




ଏଥର ସଂଖ୍ୟାରେ...

**ସ୍ମରଣୀୟ କଥା :** ପେଟପାଟଣା-ଗଙ୍ଗାଧର ବିଶ୍ୱାଳ
**ସମକାଳର କଥା :** ସୁଖ ସହ ସାମ୍ନା ସାମ୍ନି-ସୁଷମା ପରିଜା, ମହିଷ ମର୍ଦ୍ଦିନୀ-ମନୋଜ କୁମାର ଜେନା, ରୂପାନ୍ତର-ସ୍ମୃତି ପଟ୍ଟନାୟକ, ତୁଳସୀ-ସତ୍ୟରଞ୍ଜନ ସାହୁ।
**ଅନ୍ୟ ଭାଷାର କଥା :** ଭୋଟର ସାବିତ୍ରୀ- ଅଶୋକ କୁମାର ସା
**ଯୁବ ମାନସର କଥା :** ଗୋଟିଏ ଦହିତ ଦୁର୍ଗର କାହାଣୀ, କ୍ଷୀରୋଦ ବିହାରୀ ବିଶ୍ୱାଳ, ଚୋରଣୀ- ପଦ୍ମାଳୟା ପାଢୀ, କ'ଣ ଖୋଜୁଛ- ସବିତାରାଣୀ ବେହେରା, ମୃତ୍ୟୁ ସମ୍ବାଦ-ଆନନ୍ଦ କୁମାର ମାଇତି, ଗ୍ରହଣ-ସ୍ନିଗ୍ଧା ନାୟକ, ଭୁଲ କାହାର-ପ୍ରଜ୍ଞା ମହାନ୍ତି।
ଏବଂ ଶେଷରେ କଥା ସାଗର : ଅନନ୍ୟନାରୀ ଚିତ୍ରପଟ୍ଟ-ଅଶୋକ ବିଶ୍ୱାଳ।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

ଯୋଗାଯୋଗ କରନ୍ତୁ
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ – (୦୬୭୪)
୨୫୪୧୪୪୮, ୨୫୪୫୦୪୬,
ଫାକ୍ସ : ୨୫୪୫୬୭୮
E-mail: kathakalika@gmail.com

ପୃଷ୍ଠା-୬୮ ଏ ସଂଖ୍ୟାର ମୂଲ୍ୟ ୩୦ ଟଙ୍କା ମାତ୍ର ।
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ ।
କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/– (୨ଟି ବିଶେଷ ସଂଖ୍ୟା ସହ)